


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani


ଯା ଦେବୀ ସର୍ବଭୂତେଷୁ............


website : www.dhwanipratidhwani.net
email: pratidhwani.dhwani@gmail.com



ବାଲେଶ୍ୱର ■ ସୋମବାର, ୦୮ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 08 AUGUST 2022
Vol.No. 35 ■ No. 207 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







# ଥମୁନି ଚାଇନା-ତାଇୱାନ୍ ତାତି, ପୁଣି ଧମକାଇଲା ଡ୍ରାଗନ



ନୂଆଦିଲ୍ଲୀ, ୦୭/୦୮ : ଥମୁନି ଚାଇନା-ତାଇୱାନ୍ ତାତି । ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ବାଚସ୍ପତି ନାନ୍ସି ପେଲୋସିଙ୍କ ଗସ୍ତକୁ ନେଇ ଆରମ୍ଭ ହୋଇଥିବା ଚୀନ୍- ତାଇୱାନ୍-ଆମେରିକା ବିବାଦ ଶାନ୍ତ ପଡ଼ିବାର ନାଁ ଧରୁନି । ଚୀନ୍ ତାଇୱାନ୍ ଚାରିପଟେ ଆରମ୍ଭ କରିଥିବା ବିଶାଳ ସମରାଭ୍ୟାସ ସରିଥିବା ବେଳେ, ଏହାକୁ ଆକ୍ରମଣର ରିହର୍ସାଲ୍ ବୋଲି କହିଛି ତାଇୱାନ୍ । ତେବେ ଚୀନ୍ ଚୁପ୍ ନବସି, ତାଇୱାନକୁ ଡରାଇବା ପାଇଁ କରିଛି ଆଉ ଏକ ଫନ୍ଦି । ବେଜିଂ ପକ୍ଷରୁ ସମରାଭ୍ୟାସକୁ ନେଇ ହୋଇଛି ନୂଆ ଘୋଷଣା। ଚୀନ୍ ସେନା ମିଡିଆନ୍ ଲାଇନର ପୂର୍ବ ପଟେ ନିୟମିତ ସମରାଭ୍ୟାସ କରିବ। ଅର୍ଥାତ୍ ତାଇୱାନ୍ ଷ୍ଟ୍ରେଟ୍ ଉପରେ ନିଜ ଦାଦାଗିରି ଦେଖାଇ ଚୀନ୍। ତାସହ ତାଇୱାନ୍ ଉପରେ କାହାର ଦବଦବା, ତାହା ଆମେରିକାକୁ ଦେଖାଇବାକୁ ଚାହୁଁଛି ଚୀନ୍। ତେଣେ ଏହି ମିଡିଆନ୍ ଲାଇନର ୨ ପଟେ ଉଭୟ ଦେଶର ପ୍ରାୟ ୧୦ଟି ଯୁଦ୍ଧପୋତ ସାମ୍ନାସାମ୍ନି ହୋଇ ଅଟକି ରହିଥିବା ସୂଚନା ମିଳିଛି। ଆମେରିକା କଂଗ୍ରେସ ବାଚସ୍ପତି ନାନ୍ସି ପେଲୋସିଙ୍କ ଗସ୍ତ ପରେ ଚୀନ୍ ତାଇୱାନ୍ ଚାରିପଟେ ୬ଟି ସ୍ଥାନରେ ଚଳାଇଥିବା ବିଶାଳ ସମରାଭ୍ୟାସ ଶେଷ ହୋଇଛି । ତେବେ ଏହି ସମୟରେ ତାଇୱାନ୍ ଉପର ଦେଇ ଲଢ଼ୁଆ ବିମାନ, ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଅତିକ୍ରମ କରିବାକୁ ସହଜରେ ଗ୍ରହଣ କରିବା ମୁଡ୍‌ରେ ନାହିଁ ତାଇପେ । ଚୀନ୍ ପିଏଲ୍‌ଏର ଏହି ସମରାଭ୍ୟାସକୁ ଦ୍ୱୀପ ଉପରେ ଆକ୍ରମଣର ରିହର୍ସାଲ୍ ବୋଲି ତାଇୱାନ୍ ପ୍ରତିରକ୍ଷା ମନ୍ତ୍ରାଳୟ ଅଭିଯୋଗ କରିଛି । ଏଭଳି ସ୍ଥିତିରେ ଆଞ୍ଚଳିକ ସୁରକ୍ଷା ବଜାୟ ରଖିବା ପାଇଁ ତାଇୱାନକୁ ସହଯୋଗ କରିବା ଲାଗି ବିଶ୍ୱ ସମୁଦାୟକୁ ଅପିଲ୍ କରିଛନ୍ତି ରାଷ୍ଟ୍ରପତି ସାଇ ଇଙ୍ଗ୍ ୱେନ । ସେପଟେ ଆମେରିକା ମଧ୍ୟ ଚୀନ୍ ଏଭଳି ଉତ୍ତେଜନା ଉଦ୍ରେକକାରୀ କାର୍ଯ୍ୟକୁ ନିନ୍ଦା କରିବା ସହିତ ଏହାକୁ ଦାୟିତ୍ୱହୀନତା ବୋଲି କହିଛି। ଅନ୍ୟପକ୍ଷରେ ତାଇୱାନକୁ ନେଇ ବଡ଼ ସଂକଟ ସୃଷ୍ଟିରୁ ବିରତ ରହିବାକୁ, ଆମେରିକାକୁ ଚେତାବନୀ ଦେଇଛନ୍ତି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ।

# ଅଗଷ୍ଟ ୧୫ ସୁଦ୍ଧା ହୋଇପାରେ ମହାରାଷ୍ଟ୍ରରେ କ୍ୟାବିନେଟ୍ ଗଠନ



ନୂଆଦିଲ୍ଲୀ, ୦୭/୦୮ : ମହାରାଷ୍ଟ୍ରରେ ସିନ୍ଦେ ସରକାରର ଗଠନକୁ ୩୯ ଦିନ ହୋଇସାରିଥିଲେ ବି, କ୍ୟାବିନେଟ୍ ଗଠନ ହୋଇପାରିନି । ଯାହାକୁ ନେଇ ବିରୋଧୀମାନେ ବି ମହାରାଷ୍ଟ୍ର ସରକାରକୁ ଟାର୍ଗେଟ କରିବାରେ ଲାଗିଛନ୍ତି । କୁହାଯାଉଛି ଏକନାଥ ସିନ୍ଦେ ଗୋଷ୍ଠୀ ଓ ବିଜେପି ନେତାଙ୍କ ଭିତରେ ମନ୍ତ୍ରୀମଣ୍ଡଳ ଗଠନ ଫର୍ମୁଲା ଛିଣ୍ଡୁନଥିବାରୁ ମନ୍ତ୍ରୀମଣ୍ଡଳ ଗଠନରେ ଡେରି ହେଉଛି । ହେଲେ ଏବେ ମିଳୁଥିବା ସୂଚନା ମୁତାବକ ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ମହାରାଷ୍ଟ୍ରରେ କ୍ୟାବିନେଟ୍ ଗଠନ ହୋଇପାରେ । ମହାରାଷ୍ଟ୍ର ରାଜନୀତିରେ ରୁଚି ରଖୁଥିବା ଲୋକଙ୍କ କହିବା ମୁତାବକ, ସୁପ୍ରିମକୋର୍ଟରେ ଚାଲିଥିବା ଶୁଣାଣି କାରଣରୁ ମହାରାଷ୍ଟ୍ରରେ କ୍ୟାବିନେଟ୍ ଗଠନ ବିଳମ୍ବ ହେଉଛି । ଦେବେ ରବିବାର ଦିଲ୍ଲୀ ଯାଇଥିବା ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କହିଛନ୍ତି ଯେ, ଏହା ବିଲକୁଲ୍ ଭୁଲ କଥା । କ୍ୟାବିନେଟ୍ ବିସ୍ତାର ଓ ସୁପ୍ରିମକୋର୍ଟ ଶୁଣାଣି ଭିତରେ କୌଣସି ଲେନ୍-ଦେନ୍ ନାହିଁ । ଖୁବଶୀଘ୍ର ମହାରାଷ୍ଟ୍ରରେ କ୍ୟାବିନେଟ୍ ବିସ୍ତାର ହେବ ବୋଲି ଫଡନାଭିସ୍ କହିଛନ୍ତି । ମିଳିଥିବା ସୂଚନା ମୁତାବକ, ମହାରାଷ୍ଟ୍ରରେ କ୍ୟାବିନେଟ ବିସ୍ତାର ହେଲେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀଙ୍କୁ ପ୍ରଥମ ପର୍ଯ୍ୟାୟରେ ୧୫ ମନ୍ତ୍ରୀପଦ ମିଳିପାରେ । ଅର୍ଥାତ ଏକନାଥ ଗୋଷ୍ଠୀରୁ ୧୫ ବିଧାୟକ ମନ୍ତ୍ରୀ ପଦର ଶପଥ ନେଇପାରନ୍ତି । ଅନ୍ୟପଟେ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ମହତ୍ୱପୂର୍ଣ୍ଣ ଗୃହ ବିଭାଗ ମିଳିପାରେ ବୋଲି ସୂଚନା ମିଳୁଛି । ସୂଚନାଯୋଗ୍ୟ ଯେ, ମହାରାଷ୍ଟ୍ରରେ ବଡ ଧରଣର ରାଜନୈତିକ ହଲଚଲ ଭିତରେ ଶିବସେନା ନେତା ଉଦ୍ଧବ ଠାକରେ ଇସ୍ତଫା ଦେଇଥିଲେ । ଏହାପରେ ଜୁନ୍ ୩୦ ତାରିଖରେ ଏକନାଥ ସିନ୍ଦେ ଓ ଦେବେନ୍ଦ୍ର ଫଡନାଭିସ୍ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ହେଲେ ଏତେ ପର୍ଯ୍ୟନ୍ତ ମହାରାଷ୍ଟ୍ର ସରକାରର କ୍ୟାବିନେଟ୍ ଗଠନ ହୋଇପାରିନି ।

## ନିଶ୍ୱାସ ନେଇ ପାରୁନାହିଁ ଦେଶର ଲୋକତନ୍ତ୍ର : ପି ଚିଦମ୍ବରମ



ନୂଆଦିଲ୍ଲୀ, ୦୭/୦୮ : କଂଗ୍ରେସର ବରିଷ୍ଠ ନେତା ତଥା ସାଂସଦ ପି ଚିଦମ୍ବରମ ପ୍ରତିକ୍ରିୟା ରଖିକହିଛନ୍ତି ସଂସଦ ନିଷ୍କ୍ରିୟ ହୋଇଯାଇଛି । ସେ କହିଛନ୍ତି ବିଭିନ୍ନ ସଂସ୍ଥାନକୁ ନିୟନ୍ତ୍ରିତ ତଥା କମଯୋର କରାଯାଉଛି । ବର୍ତ୍ତମାନ ଆମ ଦେଶରେ ଲୋକତନ୍ତ୍ର ନିଶ୍ୱାସ ନେବା ପାଇଁ ସଂଘର୍ଷ କରୁଛି । ସେ ଆହୁରି ମଧ୍ୟ କହିଛନ୍ତି, ରାଜ୍ୟସଭା ସଭାପତି ଏମ ଭେଙ୍କୟା ନାୟିଡୁ ଅଧିବେଶନ ଚାଲିବା ସମୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ତଲବ କରାଯାଇଥିବା ନେତା ମଲ୍ଲିକାର୍ଜୁନ ଖଡଗେଙ୍କୁ ବଞ୍ଚାଇବା ରେ ଅସଫଳ ରହିଥିଲେ । ସେହିଭଳି ସେ ଗୃହମନ୍ତ୍ରୀ ଅମିତ ଶାହଙ୍କ ଟିପ୍ପଣୀକୁ ମଧ୍ୟ ଖାରଜ କରିଛନ୍ତି । ଅମିତ ଶାହ କଂଗ୍ରେସର ମହଙ୍ଗାମାଡକୁ ନେଇ ହେଉଥିବା ପ୍ରତିବାଦକୁ ଭୁଲ କହିଥିଲେ । ରାମମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନା ଦିନ ଏଭଳି ପ୍ରଦର୍ଶନକୁ ଭୁଲ କହିଥିଲେ । ଏହାର ଜବାବରେ ଚିଦମ୍ବରମ କହିଛନ୍ତି, ଯେତେବେଳେ ପ୍ରଦର୍ଶନ ପାଇଁ ଦିନଧାର୍ଯ୍ୟ ହୋଇଥିଲା ସେତେବେଳେ ଶିଳାନ୍ୟାସର ବର୍ଷ ପୂର୍ତ୍ତିର ତାରିଖ କଥା କାହା ମୁଣ୍ଡକୁ ଆସିନଥିଲା ।

# ଶ୍ରୀଲଙ୍କା ପରେ ବାଂଲାଦେଶ ପାଳି ! ୫୧% ପ୍ରତିଶତ ବଢ଼ିଲା ପେଟ୍ରୋଲ ଦାମ୍



ଢ଼ାକା, ୦୭/୦୮ (ନି.ପ୍ର): ଶ୍ରୀଲଙ୍କା ପରେ ଏବେ ପଡିଛି ବାଂଲାଦେଶ ପାଳି। ଏଠାରେ ଘନେଇବାରେ ଲାଗିଛି ଆର୍ଥିକ ସଙ୍କଟ ପରିସ୍ଥିତି। ଏଠାରେ ସରକାରୀ ରାଜକୋଷ ଦିନକୁ ଦିନ ସରି ଆସୁଥିବା ବେଳେ ବୈଦେଶିକ ଋଣଭାର ବଢିବାରେ ଲାଗିଛି। ଏହାକୁ ନଜରରେ ରଖି ବାଙ୍ଗଲାଦେଶ ସରକାର ଏକ କଠୋର ନିଷ୍ପତ୍ତି ନେଇଛନ୍ତି। ଗତକାଲି ବାଂଲାଦେଶ ସରକାର ଦେଶରେ ପେଟ୍ରୋଲ ଦାମକୁ ଏକାଥରେ କେ ୫୧.୭ ପ୍ରତିଶତ ବୃଦ୍ଧି କରିଛନ୍ତି। କେବଳ ପେଟ୍ରୋଲ ନୁହେଁ ଡିଜେଲର ଦାମ ବି ୪୨ ପ୍ରତିଶତ ବୃଦ୍ଧି ପାଇଛି। ଏହାପରେ ଦେଶରେ ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ବଢ଼ିବା ଆରମ୍ଭ ହୋଇଯାଇଛି। ସେପଟେ ଦରଦାମ ବୃଦ୍ଧି ପାଇଥିବା ଯୋଗୁ ଲୋକେ ରାସ୍ତା ଉପରକୁ ଓହ୍ଲାଇଛନ୍ତି। ଦେଶର ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଲୋକେ। କେବଳ ସେତିକି ନୁହେଁ ପୁଲିସ ଗାଡିକୁ ଭଙ୍ଗାରୁଜା କରିଛନ୍ତି। କେବଳ ଏତିକି ନୁହେଁ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ବାଂଲାଦେଶରେ ଅନ୍ୟମାନଙ୍କଠାରୁ ଆମଦାନୀ ହେଉଥିବା ତୈଳ ଯୋଗାଣ ମଧ୍ୟ ବ୍ୟାହତ ହୋଇଛି। ଫଳସ୍ୱରୂପ ଏଠାରେ ଡିଜେଲ ଚାଳିତ ପାୱାରପ୍ଲାଣ୍ଟରେ ତାଲା ପଡିଯାଇଛି। ଦେଶର ରାଜକୋଷ ଏତେ ପରିମାଣରେ ହ୍ରାସ ପାଇଛି ଯେ ଅନେକ ପ୍ରକାରର ସାମଗ୍ରୀ ଆମଦାନୀ ▶▶ପୃଷ୍ଠା ୭

# ଗୁଜରାଟରେ ଆଦିବାସୀକାର୍ଡ଼ ଖେଳିଲେ କେଜ୍ରିୱାଲ



ଅହମ୍ମଦାବାଦ, ୦୭/୦୮ : ଗୁଜରାଟ ବିଧାନସଭା ପୂର୍ବରୁ ଆପ୍ ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଖେଳିଲେ ଆଦିବାସୀ କାର୍ଡ । ଦୁଇ ଦିନିଆ ଗୁଜରାଟ ଗସ୍ତରେ ଥିବା କେଜ୍ରିୱାଲ ଆଜି ଛୋଟା ଉଦୟପୁରର ବୋଦେଲିରେ ଏକ ଜନସଭାକୁ ସମ୍ବୋଧିତ କରି କହିଛନ୍ତି ଯେ, ରାଜ୍ୟରେ ଆପ୍ ସରକାର ଶାସନକୁ ଆସିଲେ ଆଦିବାସୀଙ୍କ ବିକାଶ କରାଯିବ । ଆ ଦିବାସୀଙ୍କ ପାଇଁ ରାଜ୍ୟରେ ପେସା ଆଇନ ଲାଗୁ କରାଯିବ । ଏହାସହ ଟ୍ରାଇବାଲ୍ ଆଡଭାଇଜରି କମିଟିର ଚେୟାରମ୍ୟାନ ଆଦିବାସୀ ହିଁ ହେବେ ବୋଲି ସେ କହିଛନ୍ତି । ସେହିପରି ବେକାର ଯୁବକ-ଯୁବତୀଙ୍କୁ ସେ ଚାକିରୀ ଦେବ ବୋଲି ସେ କହିଛନ୍ତି। ଅରବିନ୍ଦ କେଜ୍ରିୱାଲ ଆହୁରି କହିଛନ୍ତି ଯେ, ଦିଲ୍ଲୀ ଓ ପଞ୍ଜାବ ଭଳି ଗୁଜରାଟରେ ସରକାର ଗଢ଼ିଲେ ଲୋକଙ୍କୁ ମାଗଣା ବିଜୁଳି ଯୋଗାଇ ଦିଆଯିବ। ପଞ୍ଜାବରେ ଯେପରି ଲୋକମାନେ ମାଗଣା ବିଜୁଳି ଜାଳୁଛନ୍ତି, ଗୁଜରାଟରେ ମଧ୍ୟ ସେହିଭଳି ଲୋକମାନେ ଲାଭାନିତ ହେବେ ବୋଲି ସେ କହିଛନ୍ତି । ତେବେ ଏହା ତାଙ୍କର ଇସ୍ତାହାର ନୁହଁ ବରଂ ପାଞ୍ଚ ବର୍ଷ ପାଇଁ ୱାରେଣ୍ଟି ବୋଲି ଅରବିନ୍ଦ କେଜ୍ରିୱାଲ କହିଛନ୍ତି । ତେବେ ମାଗଣାରେ ସୁବିଧା ଦେଉଛି ବୋଲି ଏମାନେ ଗାଳି ଦେଉଛନ୍ତି ହେଲେ ସେ ଜଣେ ଫକିର ବୋଲି କେଜ୍ରିୱାଲ କହିଛନ୍ତି।

## ମାତ୍ର ୧୨ ଦିନରେ ଭାଙ୍ଗିଗଲା ନୂଆବୋହୂର ସ୍ୱପ୍ନ

ଭୁବନେଶ୍ୱର, ୦୭/୦୮ (ନି.ପ୍ର): ସ୍ୱାମୀଙ୍କ ହାତ ଧରି ନୂଆ ସଂସାର ଗଢିବା ପାଇଁ ଆଖିରେ ଆଖିଏ ସ୍ୱପ୍ନ ଦେଖିଥିଲେ । କଟକ ଜିଲ୍ଲା ନିଆଳୀ ଥାନା ଲୁଣିଗାଁରେ ପ୍ରଜ୍ଞାଙ୍କ ଘର । ଧୁମଧାମରେ ବିବାହ ହୋଇଥିଲା ଭୁବନେଶ୍ୱର ପଟିଆ ନିବାସୀ ପ୍ରଶାନ୍ତ ପାତ୍ରଙ୍କ ସହ । ବିବାହକୁ ୨ ସପ୍ତାହ ପୂରିନାହିଁ, ପାଣି ଫୋଟକା ଭଳି ମିଳାଇଗଲା ପ୍ରଜ୍ଞା ପାରମିତାଙ୍କ ସବୁ ସ୍ୱପ୍ନ । ଜୀବନରେ ଘୋଟି ଆସିଲା କଳା ବାଦଲ । ପ୍ରଜ୍ଞାଙ୍କ ଦୋଷ ଏତିକି ଥିଲା, ତାଙ୍କର ଦାନ୍ତରେ ଯନ୍ତ୍ରଣା ହୋଇଥିଲା । ଯାହାକୁ କ୍ୟାନସର ବୋଲି କେହି ଜଣେ କହିବା ପରେ ଆରମ୍ଭ ହୋଇ ଯାଇଥିଲା ନିର୍ଯାତନା । ଶାଶୂ, ନଣନ୍ଦ, ସ୍ୱାମୀ ଏକାଠି ହୋଇ ଅତ୍ୟାଚାର କଲେ, ଆଉ ପ୍ରଜ୍ଞାଙ୍କ ବାପଘରକୁ ଫୋନ କରି ରୋଗିଣା ଝିଅକୁ ନେଇଯାଅ ବୋଲି କହିଲେ । କିଛି ଉପାୟ ନପାଇ ଜୁନ ୨୦ ତାରିଖ ଦିନ, ପ୍ରିୟବ୍ରତ, ଭଉଣୀ ପ୍ରଜ୍ଞାଙ୍କୁ ଆଣି ରସୁଲଗଡ଼ ଅଂଚଳରେ ନେଇଥିବା ଭଡାଘରେ ରଖିଥିଲେ । ଏକ ଘରୋଇ ହସପିଟାଲରେ ଦେଖାଇବା ପରେ ଜଣାପଡିଲା, ପ୍ରଜ୍ଞାଙ୍କୁ କ୍ୟାନସର ହୋଇନାହିଁ । ଦନ୍ତ କ୍ଷୟ ରୋଗ ରହିଛି, ଯାହା ଏକ ମାଇନର ଅପରେସନରେ ଭଲ ହୋଇ ଯାଇଥିଲା । କିନ୍ତୁ ସେତେବେଳେକୁ ପ୍ରଜ୍ଞାଙ୍କ ଫୋନ ନମ୍ବର ବ୍ଲକ କରି ଦେଇଥିଲେ ଶାଶୂଘର ଲୋକ । ଏପଟେ ବିବାହ ମଧ୍ୟସ୍ଥି ହାତରେ ଖବର ପଠାଇଲେ ସେମାନେ ଆଉ ବୋହୂକୁ ନେବେ ନାହିଁ । ଏହା ଶୁଣିବା ▶▶ପୃଷ୍ଠା ୭

# ଓଡିଶାକୁ ଫୋକସ୍ ରାଜ୍ୟର ମାନ୍ୟତା-ଦେବାକୁ ଦାବି କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୦୭/୦୮ (ନି.ପ୍ର): ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ମାନ୍ୟତା ପ୍ରଦାନ କରିବାକୁ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନୂଆଦିଲ୍ଲୀରେ ଆୟୋଜିତ ନୀତି ଆୟୋଗର ସପ୍ତମ ଗଭର୍ଣ୍ଣିଂ କାଉନସିଲ୍ ବୈଠକରେ ସାମିଲ ହୋଇ ସେ ଏହି ଦାବି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପତି ଭବନର କଲଚରାଲ ସେଣ୍ଟରରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲ ଯେ ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି । ତେଣୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇଦେବାକୁ ସେ ଦାବି କରିଛନ୍ତି । ଟେଲିକମ୍, ରେଲୱେ ଓ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଲାଗି ମଧ୍ୟ ସେ ଦାବି କରିଥିବା ଜଣା ପଡିଛି । ଏହାସହ ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ମଧ୍ୟ ଧ୍ୟାନ ଆକର୍ଷଣ କରିଛନ୍ତି । ଅଧିକାଂଶ ଆଦିବାସୀ ଓ କେବିକେ ଜିଲ୍ଲା ମାନଙ୍କରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ଅସାମଞ୍ଜସ୍ୟ ତୁରନ୍ତ ଦୂର କରିବାକୁ ସେ ଅନୁରୋଧ କରିଛନ୍ତି । ବୈଠକରେ ଏଏସଆଇ ଓ ଆମସାର ର ରୂପାନ୍ତରଣ ଦାବି କରିଛନ୍ତି ନବୀନ ପଟ୍ଟନାୟକ । ଏଏସଆଇ ଓ ଆମସାର ର ଟେକ୍ନୋଲୋଜି ଓ ନ୍ୟାୟିକ ଢାଞ୍ଚାରେ ପରିବର୍ତ୍ତନ ପାଇଁ ମଧ୍ୟ ସେ ଦାବି କରିଛନ୍ତି । ଏହାଦ୍ୱାରା କୋଣାର୍କ ଆଦି ଐତିହ୍ୟ ସ୍ଥଳୀକୁ ସୁରକ୍ଷିତ ରଖାଯାଇପାରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

# ପ୍ରବଳ ବର୍ଷାରେ ବେହାଲ ଓଡ଼ିଶା



ଭୁବନେଶ୍ୱର,୦୭/୦୮ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷାରେ ବୁଡ଼ିଲା ତୁରୀ ନଦୀ ପୋଲ । ତୁରୀ ନଦୀ ପୋଲଉପର ଦେଇ ଦୁଇ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି । ସେହିପରି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡିରେ ପ୍ରବଳ ବର୍ଷା ହୋଇଛି । ଯାହା ଫଳରେ ସହର ନିକଟସ୍ଥ ତୁରୀ ନଦୀ ପୋଲଉପର ଦେଇ ବନ୍ୟାଜଳ ପ୍ରବାହିତ ହୋଇଛି । ପୋଲ ଉପରେ ପ୍ରାୟ ଦୁଇ ଫୁଟର ବନ୍ୟା ପାଣି ପ୍ରବାହିତ ହେଉଛି । ପୋଲ ଉପର ଦେଇ ଗମନାଗମନ ବାଧାପ୍ରାପ୍ତ ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱର୍ରେ ଉମରକୋଟଠୁ ନବରଙ୍ଗପୁର ମୁଖ୍ୟାଳୟ ଓ କଳାହାଣ୍ଡି ଜିଲ୍ଲାକୁ ନବରଙ୍ଗପୁରରୁ ଉମରକୋଟ ଅଭିମୁଖେ ଯିବା ଗାଡିଗୁଡିକ ଅଟକି ରହିଛି । ଏହାସହ ଜିଲ୍ଲାର ଡାବୁଗାଁ, ଉମରକୋଟ, ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ବ୍ଲକ ସହ ଉକ୍ତ ରାଜ୍ୟ ରାଜପଥ ଦେଇ ଜିଲ୍ଲା ମୁଖ୍ୟାଳୟ ନବରଙ୍ଗପୁର ସହ ଯୋଗାଯୋଗ ବିଛିନ୍ନ ହୋଇଛି । ସେହିପରି ଲଗାଣ ବର୍ଷାରେ ଗଛ ଉପୁଡ଼ି ଜାତୀୟ ରାଜପଥ ଅବରୋଧ ହୋଇଛି । ଲଘୁଚାପ ଜନିତ ବର୍ଷାରେ ନବରଙ୍ଗପୁର ଜିଲ୍ଲାର ତାରାଗାଁ ଛକ ନିକଟରେ ରାସ୍ତା ପାର୍ଶ୍ୱବର୍ତୀରେ ଥିବା ଏକ ବିରାଟକାୟ ଆମ୍ବ ଗଛ ଉପୁଡ଼ି ଜାତୀୟ ରାଜପଥ ଉପରେ ପଡି ରାସ୍ତା ଅବରୋଧ ହୋଇଛି । ଦୀର୍ଘ ଦୁଇ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଚଳାଚଳ ବନ୍ଦ ରହିଯାଇଥିଲା । ଅଗ୍ନିଶମ ବାହିନୀ ସହ ସ୍ଥାନୀୟ ବାସିନ୍ଦା, ପଥଚାରି ମିଶି ମିଳିତ ଉଦ୍ୟମରେ ରାସ୍ତା ଉପରୁ ଗଛ ହଟାଯାଇଥିଲା । ଯାହା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ଲଘୁଚାପ ଜନିତ ସମ୍ଭାବ୍ୟ ପ୍ରବଳ ବର୍ଷାରେ ନବରଙ୍ଗପୁର ଜିଲ୍ଲା ପ୍ରଭାବିତ ହେବା ନେଇ ପାଣିପାଗ ବିଭାଗର ସତର୍କ ସୂଚନା ଜାରି କରାଯିବା ପରେ ସତର୍କ ହୋଇଉଠିଛି ନବରଙ୍ଗପୁର ଜିଲ୍ଲା ପ୍ରଶାସନ । ଜିଲ୍ଲା ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ନେବା ସହ ଜନସାଧାରଣଙ୍କୁ ସତର୍କ ରହିବାକୁ ▶▶ପୃଷ୍ଠା ୭

# ଗେହଲଟ୍‌ଙ୍କ ମନ୍ତବ୍ୟକୁ ନେଇ ଝଡ଼



ଜୟପୁର, ୦୭/୦୮ (ନି.ପ୍ର): 'ନିର୍ଭୟା କାଣ୍ଡ ପରେ ଦୋଷୀମାନଙ୍କୁ ଫାଶୀ ଦେବା ନିୟମ ପ୍ରଚଳନ ହୋଇଛି। ଏଥିଲାଗି ଦୁଷ୍କର୍ମ ପରେ ପୀଡିତାଙ୍କୁ ହତ୍ୟା କରିବା ଘଟଣା ବଢ଼ି ଚାଲିଛି।' ଦୁଷ୍କର୍ମ ଓ ଦୁଷ୍କର୍ମ ପରେ ହତ୍ୟାକୁ ନେଇ ଏଭଳି ବୟାନ ଦେଇଛନ୍ତି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ। ଏବେ ତାଙ୍କର ଏହି ମନ୍ତବ୍ୟକୁ ନେଇ ଝଡ ସୃଷ୍ଟି ହୋଇଛି। ତାଙ୍କର ଏହି ମନ୍ତବ୍ୟକୁ ନେଇ ତାଙ୍କୁ ଟାର୍ଗେଟ୍ କରାଯିବା ସହ ରାଜନୈତିକ ବୟାନବାଜୀ ଆରମ୍ଭ ହୋଇଯାଇଛି। ଶୁକ୍ରବାର ଦିନ ଦିଲ୍ଲୀରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥାବାର୍ତ୍ତା ହେବା ବେଳେ ଗେହଲଟ କହିଥିଲେ, 'ବର୍ତ୍ତମାନ ଦେଶର ସ୍ଥିତି ଚିନ୍ତାଜନକ ରହିଛି। ବେକାରୀ ଏବଂ ମୁଦ୍ରାସ୍ଫୀତି ସହିତ ଅସାମାଜିକ ତତ୍ତ୍ୱଗୁଡ଼ିକ ମଧ୍ୟ ବୃଦ୍ଧି ପାଉଛି ଏବଂ ଦେଶ-ରାଜ୍ୟରେ ଅପରାଧ ହାର ବୃଦ୍ଧି ପାଉଛି । ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ହିଂସାର ଖବର ସାମ୍ନାକୁ ଆସୁଛି। ଆଉ ଛୋଟ ଛୋଟ ନାବାଳିକାଙ୍କ ସହ ଦୁଷ୍କର୍ମ ହେଉଛି। ଏହି ଜିନିଷଗୁଡ଼ିକ ଚିନ୍ତାର କାରଣ ପାଲଟିଛି।' ସେ ଆହୁରି କହିଥିଲେ ଯେ, ନିର୍ଭୟା ମାମଲା ପରେ ଦୋଷୀମାନଙ୍କ ପାଇଁ ଫାଶୀ ଲଗାଇବା ନିୟମ ଆସିଛି, ଯେଉଁଥିପାଇଁ ବଳାତ୍କାର ପରେ ହତ୍ୟା ଘଟଣା ବୃଦ୍ଧି ଘଟିଛି। କାରଣ ଦୁଷ୍କର୍ମକାରୀ ଭାବନ୍ତି ଯେ, ପୀଡିତା ଯଦି ତାଙ୍କ ବିରୁଦ୍ଧରେ ସାକ୍ଷୀ ହୁଏ, ତେବେ ତାଙ୍କୁ ଦଣ୍ଡ ଦିଆଯିବ। ତେଣୁ ସେମାନେ ପୀଡିତାଙ୍କୁ ହତ୍ୟା କରୁଛନ୍ତି।' ଗେହଲଟଙ୍କ ଏହି ବୟାନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବିଜେପି ନେତାମାନେ ତାଙ୍କୁ ଟାର୍ଗେଟ୍ କରିବା ଆରମ୍ଭ କରିଦେଇଛନ୍ତି। ବିଜେପିର ଜାତୀୟ ମୁଖପାତ୍ର ଶାହାଜାଦ ଜୟହିନ୍ଦ ଗେହଲୋଟଙ୍କୁ ଟାର୍ଗେଟ କରି କହିଛନ୍ତି, 'ଗେହଲୋଟ୍ ବଳାତ୍କାରକାରୀଙ୍କୁ ନୁହେଁ କଠୋର ବଳାତ୍କାର ଆଇନକୁ ଦାୟୀ କରିଛନ୍ତି! ସେ କହିଛନ୍ତି- ନିର୍ଭୟା ପରେ, ଆଇନ କଡାକଡି ହେବା ଯୋଗୁ ବଳାତ୍କାର ସହ ଜଡିତ ହତ୍ୟା ବୃଦ୍ଧି ପାଇଛି! ଅଧିକାଂଶ ଦୁଷ୍କର୍ମ ମାମଲା ନକଲି! ତାଙ୍କ ମନ୍ତ୍ରୀ କହିଛନ୍ତି ଯେ ଏହା ମୃତମାନଙ୍କ ଦେଶ ତେଣୁ ▶▶ପୃଷ୍ଠା ୭

# ଏନ୍‌ଏଫ୍‌ଆଇଟିୟୁ କନ୍ଧମାଳ ଶାଖା ପକ୍ଷରୁ ବାଲନ୍ଦାପଡାରେ ପଂଚାୟତସ୍ତରୀୟ କର୍ମଶାଳା

କନ୍ଧମାଳ,୦୭/୦୮ (ନି.ପ୍ର): ଏନ୍‌ଏଫ୍‌ଆଇଟିୟୁ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ କନ୍ଧମାଳ ଜିଲ୍ଲା ବାଲନ୍ଦାପଡାଠାରେ ଏକଲ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶାଖାର ସାଂଗଠନିକ ସମ୍ପାଦକ ତ୍ରିଲୋଚନ ଦିଗାଲଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକ୍ ଅଧିନସ୍ଥ ବାଲନ୍ଦାପଡ଼ା ଗ୍ରାମ ପଂଚାୟତର ଗଦେଇପଦର ଠାରେ ଶତାଧିକ ମହିଳା ଓ ପୁରୁଷଙ୍କ ସମାବେଶରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଲନ୍ଦାପଡ଼ା ଗ୍ରାମପଂଚାୟତର ସରପଂଚ ନୀରାକାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଂଚାୟତ ସମିତି ଉପାଧ୍ୟକ୍ଷ, ଅଜିତ୍ କୁମାର ସାହୁ ସମସ୍ତଙ୍କର ସହଯୋଗ କାମନା କରି ପ୍ରତ୍ୟେକ ଅସୁବିଧା ସମୟରେ ବ୍ଲକ୍ ପକ୍ଷରୁ ଯାହା ସମ୍ଭବ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସଂଗଠନର ରାଜ୍ୟ ସଂପାଦକ ଶ୍ୟାମ ସୁନ୍ଦର ସାହୁ, ଜିଲ୍ଲା ଉପସଭାପତି ଦୀତିକୃଷ୍ଣ ମଲ୍ଲିକ, ଜିଲ୍ଲା ସାଧାରଣ ସଂପାଦକ ବୈଷ୍ଣବ ଚରଣ ପଟ୍ଟନାୟକ ,ଜିଲ୍ଲା ଉପଦେଷ୍ଟା ମଣ୍ଡଳୀରୁ ନବ କିଶୋର ରଥ ଉକ୍ତ ସଭାକାର୍ଯ୍ୟରେ ଏନ୍‌ଏଫ୍‌ଆଇଟିୟୁର ଲକ୍ଷ୍ୟ ଓ ଆଦର୍ଶ ସହିତ ତୃଣମୂଳ ସ୍ତରରୁ ଗରିବ, ଖଟିଖିଆ, ମୂଲିଆ, ମଜଦୁର, ଆଶାକର୍ମୀ ଅଙ୍ଗନୱାଡି କର୍ମୀଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀକୁ କିପରି ସ୍ୱାବଲମ୍ବୀ କରାଯାଇ ପାରିବ ଏ ନେଇ ମିଳିତ ଉଦ୍ୟମ କରାଯିବା ପାଇଁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଏଥିରେ ପାଣ ସମାଜ ସଭାପତି ଦିଲ୍ଲିପ କୁମାର ଦିଗାଲ, କୁଇ ସମାଜ ସଭାପତି ଗୋପୀନାଥ କହଁରଙ୍କ ସମେତ ଏମ୍.ବି.କେ. ଏସ୍.ଏଚ୍.ଜି ରୁ କୁମାରୀ ସୁଦାମୟୀ ପ୍ରଧାନ, ସି.ଆର.ପି. ଏସ୍.ଏଚ୍.ଜି. ରୁ ଶ୍ରୀମତୀ ଗୋଲାପୀ ଦିଗାଲ ଏବଂ ଶ୍ରୀମତୀ ଆରତୀ ଦିଗାଲ ସଭାରେ ଅଂଶ ଗ୍ରହଣ କରି ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପୂର୍ବତନ ଯୋରମ୍ୟାନ ଶ୍ରୀମତୀ ରଞ୍ଜିତା କହଁର ୱାଡମେମ୍ବର ଅସିଲ ମଲିକ ଆଲୋଚନାରେ ଯୋଗ ଦେଇଥିଲେ । । ବାର୍ଦ୍ଧକ୍ୟ ଭତା, ବିଧବା ଭତା, ଏସ୍.ଏଚ୍,ଜି. ଋଣ ତଥା ଏନ୍.ଆର.ଇ.ଜି.ଏସ୍. କାର୍ଯ୍ୟ ତଥା ହରିଶ୍ଚନ୍ଦ୍ର ଯୋଜନା ପାଇଁ ସହଜ ଓ ସୁବିଧାରେ ଆବଶ୍ୟକୀୟ କାଗଜପତ୍ର ଦେଇ ସରକାରୀ ପ୍ରଦତ ସମସ୍ତ ସୁବିଧାକୁ ଅଗ୍ରାଧିକାର ଭିତିରେ ପ୍ରଦାନ କରାଯିବା ପାଇଁ ସରପଂଚ ନିରାକାର ନାୟକ ଆଲୋଚନା ବିହୟ ସମ୍ପର୍କରେ ମତ ପ୍ରଦାନ କରିଥିଲେ । ପଂଚାୟତ ଅଧିନସ୍ଥ ସମସ୍ତ ବ୍ୟକ୍ତି ବିଶେଷ ପ୍ରତ୍ୟେକ ଅସୁବିଧା ସବୁକୁ ଲିଖିତ ଆକାରରେ ଦେବା ପାଇଁ ଅନୁରୋଧ କରିଥିଲେ । ଜିଲ୍ଲା ସାଧାରଣ ସଂପାଦକ ବୈଷ୍ଣବ ଚରଣ ପଟ୍ଟନାୟକ ସମସ୍ତ କ୍ଷେତ୍ରରେ ସମସ୍ତ ପ୍ରକାରର ଅସୁବିଧା ପାଇଁ ପ୍ରଥମେ ନିଜ ଗ୍ରାମ ସ୍ତରରେ ମିଳିତ ବୈଠକ କରି ଲିଖିତାକାରରେ ପଂଚାୟତରେ ଥିବା ଏନ୍‌ଏଫ୍‌ଆଇଟିୟୁ ର କମିଟିର ସଭାପତି, ସମ୍ପାଦକଙ୍କ ମାଧ୍ୟମରେ ଜଣାଇବାକୁ ଅନୁରୋଧ କରିଥିଲେ । ଶେଷରେ ବାଲନ୍ଦାପଡ଼ା ଗ୍ରାମ ପଂଚାୟତର ଏହି ସଭା ସ୍ଥଳରେ ସମସ୍ତଙ୍କ ଉପସ୍ଥିତିରେ ଏନ୍‌ଏଫ୍‌ଆଇଟିୟୁ ର ପଂଚାୟତ କମିଟି ଗଠନ କରାଯିବା ପାଇଁ ପ୍ରସ୍ତାବିତ ନାମ ଗୁଡ଼ିକୁ ଘୋଷଣା କରାଗଲା । ଏଥିରେ ସଂଗଠନର ପଂଚାୟତ ସଭାପତି ଭାବରେ କିଆବନ ଦିଗାଲଙ୍କୁ ସର୍ବସମ୍ମତିରେ ଚୟନ କରାଯାଇଥିବା ବେଳେ ଉପସବାପତି ଭାବେ ରୀନା କହଁର ,ସମ୍ପାଦକ ଭାବେ ଚନ୍ଦ୍ରଶେଖର ମଲ୍ଲିକ,ସହସମ୍ପାଦକ ଲକ୍ଷ୍ମଣ ମଲ୍ଲିକ,କୋଷାଧ୍ୟକ୍ଷ ନିରଞ୍ଜନ ବଗର୍ତା ପ୍ରମୁଖଙ୍କୁ ଚୟନ କରାଯାଇଥିବା ବେଳେ ଉପଦେଷ୍ଟା ଭାବେ ବିଶିଷ୍ଟ ଦିଗାଲ,ତ୍ରିନାଥ ମଲ୍ଲିକ,ଶ୍ରୀମତୀ ଲେବନ୍ତୀ ଦିଗାଲ,ବୁଟୁକୁ ଭୋଇ,ତ୍ରୀନାଥ ମଲ୍ଲିକ,ଉମାକାନ୍ତ କହଁର, ଅଅଜୀବନ ଦିଗାଲ ଏବଂ ବୈଜୟନ୍ତ ଦିଗାଲଙ୍କୁ ଚୟନ କରାଯାଇଛି । ପରିଚାଳନା କମିଟିରେ ନବନର୍ବାଚିତ ସମସ୍ତ ପ୍ରତିନିଧି ମାନଙ୍କୁ ସ୍ୱାଗତ ଜଣାଇ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ସମୂହ ସ୍ୱାର୍ଥ ପାଇଁ ଆଗେଇ ଆସିବା ଜଣେ ପ୍ରକୃତ ଭାରତୀୟଙ୍କ କାର୍ଯ୍ୟ ଓ ଲକ୍ଷ୍ୟ ହେବା ଉଚିତ ବୋଲି ରାଜ୍ୟ ସଂପାଦକ ଶ୍ୟାମ ସୁନ୍ଦର ସାହୁ ସମସ୍ତ ପ୍ରତିନିଧି ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉତ୍ସାହିତ କରିଥିଲେ । ଶେଷରେ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ଏନ୍‌ଏଫ୍‌ଆଇଟିୟୁ ର ଜିଲ୍ଲା ସଂଗଠନ ସଂପାଦକ ତ୍ରିଲୋଚନ ଦିଗାଲଙ୍କ ଅନୁରୋଧ କ୍ରମେ ସଭାପତି ବାଲନ୍ଦାପଡ଼ା ଗ୍ରାମପଂଚାୟତ ସରପଂଚ ନିରାକାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପ୍ଳବୀ ଆନନ୍ଦ ଜେନାଙ୍କ ଆତ୍ମଜୀବନୀ ଅଗ୍ନିପୁତ୍ର ପୁସ୍ତକ ଉନ୍ମୋଚନ କରିବେ ରାଜ୍ୟପାଳ

କେନ୍ଦ୍ରାପଡ଼ା,୦୭/୦୮ (ନି.ପ୍ର): ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେବା ପାଇଁ ଚଳିତ ମାସ ୧୦ ତାରିଖରେ କେନ୍ଦ୍ରାପଡ଼ା ଗସ୍ତରେ ଆସୁଥିବା ସୂଚନା ମିଳିଛି । ଏହିଦିନ ଟାଉନ ହଲ ଠାରେ ଅନୁଷ୍ଠିତ ବିପ୍ଳବୀ ଆନନ୍ଦ ଜେନାଙ୍କ ଆତ୍ମଜୀବନୀ 'ଅଗ୍ନିପୁତ୍ର' ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଉଥିବା ବେଳେ ଏଥିରେ ସମ୍ମାନିତ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଶଶି ଭୂଷଣ ବେହେରା ଓ ସ୍ୱାଧିନତା ସଂଗ୍ରାମୀ ରାଜ୍ୟ ସଂଘର ସଭାପତି ନୀଳମଣି ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏନେଇ ଏକ ପ୍ରସ୍ତୁତି ବୈଠକ ବିପ୍ଳବୀ ଆନନ୍ଦ ଜେନାଙ୍କ ସ୍ମୃତି କମିଟି ସଭାପତି କରୁଣାକର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷାବିତ୍ ତଥା ସମାଜସେବୀ ଅଜୟ କୁମାର ସାମଲ, ଭଜକୃଷ୍ଣ ରାଉତ, ବିପିନ ବିହାରୀ ବାରିକ, ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ଗଗନ ବିହାରୀ ଜେନା, ନିରଞ୍ଜନ ମେକାପ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଫତକବାହଲି ଗ୍ରାମରେ ଶ୍ରୀ ପଦ୍ଧତିରେ ଧାନ ରୁଆ ଟ୍ରେନିଂ ଆରମ୍ଭ

ଭବାନୀପାଟଣା,୦୭/୦୮ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ର ଗାଡେବନ୍ଧ ପଂଚାୟତ ର ଫତକାବାହାଲି ଗ୍ରାମ ଠାରେ ଆଜି ଶ୍ରୀ ପଦ୍ଧତିରେ ଧାଡି ରୁଆ ଟ୍ରେନିଂ କେ. ଆର. ଇଣ୍ଡିଆ ତରଫରୁ ଫତକାବାହାଲି ଗ୍ରାମର କରାଯାଇଥିଲା ଟ୍ରେନର ଗଦାଧର ମିଶ୍ର ଓ ପିୟାରି ମୋହନ ପୁରୋହିତ. ବିକାଶ କୁମାର ସିଂ ଙ୍କ ନେତୃତରେ ଟ୍ରେନିଂ ଆରମ୍ଭ ହଇଥିଲା । ଏହି ଟ୍ରେନିଂ ରେ ଫତବାବାହଲି ଗ୍ରାମରେ ୬ ଗୁଟି ଗ୍ରୁପ ର ଏସ ଏସ ଜି ମା ମାନଙ୍କୁ ନେଇଁ ଟ୍ରେନିଂ ଆରମ୍ଭ ହୋଇଥିଲା ବିକାଶ କୁମାର ସିଂ ଓ ତାଙ୍କ ଟିମ କୁ ଫତକାବାହାଲି ଗ୍ରାମର ସମସ୍ତ ଗ୍ରୁପ ର ମା ମାନେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଶ୍ରୀ ମିଶ୍ର ଏହି ପଦ୍ଧତିରେ ଧାନ ଚାଷ କଲେ ବହୁତ ଲାଭ ହେବା ସତେ ରୋଗପୋକ କମ ଲାଗିବାର ସମ୍ଭାବନା ରହିବ ବୋଲି କହିଛନ୍ତି । ଏଥିରେ ଫତକାବାହାଲୀ ଗ୍ରାମର ଏସ. ଏସ.ଜି ର ୬ ଗୁଟି ଦଳର ଉପସ୍ଥିତ ଥିଲେ ସେଥିରେ ହିମାଦ୍ରୀ କରୁଆ, ଜିତା ମାଝୀ ଧରିତ୍ରୀ ମାଝୀ ପଦ୍ମା କରୁଆ,ରିତା କରୁଆଁ, ଜାନକୀ କରୁଆ , କସ୍ତୁରୀ କରୁଆଁ , ବିନୋଦିନୀ କରୁଆଁ, କୁନ୍ତୀ ମାଝୀ, ଲିଲି ବାଗ ଟ୍ରେନିଂ ନେଇଁଥିଲେ ଗ୍ରୁପରେ ପାଖା ପାଖି ୫୩ ଜଣ ଏସ. ଏସ ଜି ର ମା ମାନେ ଯୋଗ ଦେଇଥିଲେ ।

## ବିଏଲଓ ମାନଙ୍କୁ ତାଲିମ

ଜୟପୁର,୦୭/୦୮ (ନି.ପ୍ର): ଜୟପୁର ବ୍ଲକ ସଭାଗୃହରେ ବିଏଲଓ ମାନଙ୍କୁ ତାଲିମ ଦିଆଯାଇଛି । ଜୟପୁର ବ୍ଲକର ବିଏଲଓ ଓ ବିଏଲଓ ସୁପରଭାଇଜର ମାନେ ତାଲିମ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ, ବିଡିଓ ସୁରୁଜ କୁମାର ପଟ୍ଟନାୟକ, ଜିପିଓ ସଞ୍ଜିବ ମିଶ୍ର ଉପସ୍ଥିତ ରହି ତାଲିମ ଦେଇଥିଲେ । ଏହି ତାଲିମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭୋଟର ପରିଚୟ ପତ୍ର ସହ ଆଧାର ଲିଙ୍କ କରିବା । ଏନେଇ ତାଲିମ ଦିଆଯାଇଥିଲା । ଅଗଷ୍ଟ ୧ ତାରିଖରୁ ଭୋଟ ପରିଚୟ ପତ୍ର ସହ ଆଧାର ଲିଙ୍କ ସଂଯୋଗିକରଣ ଆରମ୍ଭ ହୋଇଛି । ବିଏଲଓ ମନେ ଘର ଘର ବୁଲି ଆଧାର ପରିଚୟ ପତ୍ର ସଂଯୋଗି କରଣ କରି ବେ । ଏହା ସହ ଯୋଉଁ ମାନଙ୍କୁ ୧୮ ବର୍ଷ ହୋଇଛି ସେ ମାନେ ନିଜେ ନିଜେ ଆନ ଲାଇନରେ ନାମ ପଞ୍ଜି କରଣ କରିବା ଓ ଯାହାର ସଂଶୋଧନ ହେବ ସେମାନ ମଧ୍ୟ ଅନ ଲାଇନରେ କରିବା ନେଇ ସଚେତନ କରାଯାଇଥିଲା । ଏହି ତାଲିମ ଶିବିରରେ ଜୟପୁର ବ୍ଲକ ୯୭ ଜଣ ବିଏଲଓ ଏବଂ ବିଏଲଓ ସୁପରଭାଇଜର ତାଲିମ ନେଇଥିଲେ ।

## ଅଙ୍ଗନବାଡି କେନ୍ଦ୍ରର ଅବ୍ୟବସ୍ଥାକୁ ନେଇ ତାଲା

ଜୟପୁର,୦୭/୦୮ (ନି.ପ୍ର): ଥଙ୍ଗନବାଡି କେନ୍ଦର ଅବ୍ୟବସ୍ଥାକୁ ନେଇ ତାଲା ଝୁଲେଇଲେ ଗ୍ରାମବାସୀ । ଏହିପରି ଏକ ଘଟଣା ବୈପାରୀଗୁଡା ସାମ୍ପନ୍ନିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଅନ୍ତର୍ଗତ କଲାର ପଂଚାୟତର ଭାଲୁବେଡା ଅଙ୍ଗନବାଡି କେନ୍ଦ୍ରରେ ଦେଖିବାକୁ ମିଳିଛି । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଭାଲୁବେଡା ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି ଦିଦିଙ୍କ ଖକ୍ଷମୁଖିଆଲି ନୀତି ଯୋଗୁଁ ଗ୍ରାମବାସୀ ଅତିଷ୍ଟ ହୋଇ ଅଙ୍ଗନବାଡି କେନ୍ଦ୍ରରେ ତାଲା ଦେଇଛନ୍ତି । ଅଙ୍ଗନବାଡି ଦିଦି କେନ୍ଦ୍ରକୁ ନିୟମିତ ନ ଆସିବା ଏବଂ ଗର୍ଭବତୀ ହିତାଧିକାରୀଙ୍କ ଅଣ୍ଡା ଛତୁଆ ଠିକ ସମୟରେ ଠିକ ପରିମାଣରେ ନ ଯୋଗାଇବା, କୁନି କୁନି ପିଲାଙ୍କ ବିଦ୍ୟାଳୟ ନ ଚଲାଇବା ଆଦି ଅଭିଯୋଗରେ ଏହିପରି ଚରମ ପଦକ୍ଷେପ ନେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏହି ସମସ୍ୟାକୁ ନେଇ ଆମେ ବୈପାରୀଗୁଡା ସ୍ଥିତ ସାମ୍ପନ୍ନିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟଠାରେ ସ୍ଥାନୀୟ ସିଡିପିଓଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲୁ କିନ୍ତୁ ସେ ଅନୁପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା କମିଟି ବୈଠକ

କନ୍ଧମାଳ,୦୭/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲାପାଳ ପାଟିଲ୍ ଆଶିଷ ଇଶ୍ୱରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି କରିବାକୁ ପଞ୍ଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ସହ ଯୋଗାଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେହିପରି, ପ୍ରଶିକ୍ଷଣ କେନ୍ଦ୍ରର ସୀମା ପ୍ରାଚୀର ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ କହିଥିଲେ । ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଚନ୍ଦ୍ରଶେଖର ପ୍ରଧାନଙ୍କ ବିବରଣୀରୁ ପ୍ରକାଶ ଯେ, ଚଳିତ ବର୍ଷ ଅପ୍ରେଲ ମାସରୁ ଜୁନ୍ ମାସ ମଧ୍ୟରେ ହାଲୁକା ଯାନ ଚାଳନା, ମହିଳା ଟେଲର୍, ମହୁମାଛି ଚାଷ, ଛତୁ ଚାଷ ଆଦି ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସମୁଦାୟ ୯୦ ଦିନରେ ୧୬୮ ଜଣଙ୍କୁ ଆତ୍ମ ନିଯୁକ୍ତି ତାଲିମ ପ୍ରଦାନ କରାଯାଇଛି । ଏମାନେ ସମସ୍ତେ ଜାତୀୟ ଗ୍ରାମୀଣ ଜିବିକା ମିଶନ ତରଫରୁ ମନୋନୀତ ହୋଇଥିଲେ । ଏଥିପାଇଁ ଖାଦ୍ୟ, କିଟ୍ ଓ ପାରିତୋଷିକ ବାବଦକୁ ୫ଲକ୍ଷ ୬୭ହଜାର ୫୮୫ଟଙ୍କା ବ୍ୟୟ କରାଯାଇଛି । ସେହିପରି ବିଦ୍ୟୁତ୍, ଟେଲିଫୋନ୍, ପୋଷ୍ଟେଜ୍, ଟ୍ରାଭେଲିଂ, ଷ୍ଟେସନାରୀ, ମରାମତି, ବହିପତ୍ର ଓ ମାଗାଜିନ୍ ଏବଂ ଅନ୍ୟାନ୍ୟ ବାବଦରେ ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଅତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଦ୍ୱାରା ୩ଲକ୍ଷ ୨୨ହଜାର୯୬୨ ଟଙ୍କା ବ୍ୟୟ କରାଯାଇଛି । ଏହା ବ୍ୟତିତ ଦରମା ଓ ସେବା କର ବାବଦରେ ୨ଲକ୍ଷ ୬୩ ହଜାର ୯୪୯ଟଙ୍କା ବ୍ୟୟ କରାଯାଇଛି । ଜୁନ୍ ୨୦୨୨ ସୁଦ୍ଧା ସମୁଦାୟ ତାଲିମ ପାଇଥିବା ଯୁବକ ଯୁବତୀ ମାନଙ୍କ ମଧ୍ୟରୁ ଶତକଡ଼ା ୭୭ ଭାଗ ଆତ୍ମ ନିଯୁକ୍ତି ପାଇଥିବାବେଳେ ଶତକଡ଼ା ୬୩ ଭାଗ କ୍ରେଡିଟ୍ ଲିଙ୍କେଜ୍ ହୋଇପାରିଛି । ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଭାରତୀୟ ରିଜର୍ଭ ବ୍ୟାଙ୍କରଏ.ଜି.ଏମ୍. ମୋହିତ ଅଗ୍ରୱାଲ୍, ନାବାର୍ଡର ଜିଲ୍ଲା ଉନ୍ନୟନ ପରିଚାଳକ ଏସ୍.କେ.ମହାନ୍ତି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ବିଷ୍ଣୁକୁମାର ସାହାଣୀଙ୍କ ସମେତ ସଂପୃକ୍ତ ବିଭାଗୀୟ ସରକାରୀ ପଦାଧିକାରୀ ଏବଂ ଜିଲ୍ଲାର ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ କାର୍ଯ୍ୟନିର୍ବାହୀ କମିଟି ବୈଠକ

ଝାରସୁଗୁଡ଼ା ,୦୭/୦୮ (ନି.ପ୍ର): ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ ସଭା ଗୃହରେ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତପିରାମ ମାଝୀ , ଡି ଏଫ୍ ଓ ଲଳିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ କାର୍ଯ୍ୟ ଅଗ୍ରଗତି ର ସମୀକ୍ଷା କରିଥିଲେ । ବିଭିନ୍ନ ପ୍ରକଳ୍ପ ବାବଦକୁ ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠା ନ ପକ୍ଷରୁ ଦିଆଯାଇଥିବା ଅର୍ଥ ଧାର୍ଯ୍ୟ ସମୟ ମଧ୍ୟରେ ବିନିଯୋଗ କରାଯାଇଥିବା ଓ ବିନିଯୋଗ ପତ୍ର ଦାଖଲ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଆଲୋଚନା ଅନୁସାରେ ବର୍ତମାନ ସୁଦ୍ଧା ରୟାଲଟି ବାବଦକୁ ବିଭିନ୍ନ ସୂତ୍ରରୁ ୧ ହଜାର ୬୭କୋଟି ଟଙ୍କା ପ୍ରତିଷ୍ଠାନରେ ଜମା ହୋଇଥିବା ବେଳେ ତନ୍ମଧ୍ୟରୁ ୯୯୭କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ବାବଦକୁ ପ୍ରଦାନ କରାଯାଇଛି । ଚଳିତ ମାସ ଶେଷ ସୁଦ୍ଧା ଏଗ୍ରି କନଭର୍ଜେନ୍ସ ବୈଠକ ଆୟୋଜନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମ କୁ ଅଧିକ ସୁଦୃଢ଼ୀକରଣ ସକାଶେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଖଣିଜ ପାଣ୍ଠି ପ୍ରତିଷ୍ଠାନ ପକ୍ଷରୁ ବିଭିନ୍ନ ବିଭାଗ ଓ ସଂସ୍ଥାକୁ ଦିଆଯାଉଥିବା ଅର୍ଥର ଅଡିଟ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିରୁ ଯଥା ସମୟରେ ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ ପାଇଁ ସମ୍ପୃକ୍ତ ବିଭାଗ ଓ ସଂସ୍ଥା ଏହି ଦିଗରେ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକରେ ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ଟିମ୍ ଲିଡର ନଳିନୀ ଦାଶ ବିବରଣୀ ଉପସ୍ଥାପନ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତପିରାମ ମାଝୀ ବୈଠକ ସମ୍ପର୍କରେ ପ୍ରାକ୍ ସୂଚନା ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ରାଜ୍ୟ ସରକାରଙ୍କ ଆଳୁ ସ୍ୱପ୍ନ ଫେଲ୍: ମାତ୍ର ତିନି ବର୍ଷରେ ମଉଳିଗଲା

ଭୁବନେଶ୍ୱର,୦୭/୦୮ (ନି.ପ୍ର): ଓଡ଼ିଶାକୁ ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚତୁର୍ଥପାଳିରେ ଅଣ୍ଟା ଭିଡ଼ିଥିଲେ । ଗୋଟିଏ ଟାସ୍କଫୋର୍ସର ସୁପାରିସ ଆଧାରରେ ୨୦୧୫-୧୬ରୁ ଆଳୁ ମିସନ ଆରମ୍ଭ ହେଲା । ମାତ୍ର ତିନି ବର୍ଷରେ ଅର୍ଥାତ୍ ୨୦୧୮ ମାର୍ଚ୍ଚ ୩୧ ମଧ୍ୟରେ ସରକାରଙ୍କ ଆଳୁ ସ୍ୱପ୍ନ ମଉଳିଗଲା । ଏହି ତିନିବର୍ଷରେ ଅର୍ଥାତ୍ ୨୦୧୫-୧୬ରେ ସରକାର ୨୫ହଜାର ୧୮୩ ହେକ୍ଟର ଜମିରେ ଆଳୁ ଚାଷ କରିଥିଲେ ଓ ୨.୭୯ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥିଲା । ୨୦୧୬-୧୭ରେ ୨୫ ହଜାର ୧୮୫ ହେକ୍ଟରରେ ଆଳୁ ଚାଷ କରି ୩.୦୨ଲକ୍ଷ ମେଟ୍ରିକ୍ ଟନ୍ ଏବଂ ୨୦୧୭-୧୮ରେ ୨୫୦୯୦ ହେକ୍ଟରରେ ଚାଷ କରି ୨.୯୮ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦନ କରିଥିଲା ଓଡ଼ିଶା । ହେଲେ ୨୦୧୯ରେ ସିଏଜି ଅଡିଟ୍ ରିପୋର୍ଟରେ ସରକାରଙ୍କ ଆଳୁ ସ୍ୱପ୍ନ ସଂପର୍କରେ ଯେଉଁ ସତ ପଦାକୁ ଆସିଲା, ତାହା ହୃଦୟ ଥରାଇ ଦେବାଭଳି । ରାଜ୍ୟ ସରକାର ଏହି ମିସନ ସହାୟତାରେ ୫୪୪ କୋଟି ୩୨ଲକ୍ଷ ଟଙ୍କା ଖର୍ଚ୍ଚ କରିବା ଉଚିତ୍ ବୋଲି ଟାସ୍କଫୋର୍ସ ଜଣାଇଥିଲେ । ହେଲେ ସତ ହେଲା, ୨୦୧୫-୧୬ରେ ୫୦ କୋଟି ବଜେଟ୍ ବ୍ୟବସ୍ଥା ହୋଇଥିଲା ଓ ଖର୍ଚ୍ଚ ହେଲା ୨୪.୦୫ କୋଟି । ୨୦୧୬-୧୭ରେ ୬୦ କୋଟି ଟଙ୍କା ବଜେଟ୍ ବ୍ୟବସ୍ଥା ହେଲା । ୧୫ କୋଟି ଟଙ୍କା ସରକାର ପ୍ରଦାନ କଲେ, ଖର୍ଚ୍ଚ ହେଲା ୨ କୋଟି ୬୦ଲକ୍ଷ ଟଙ୍କା । ଏବଂ ତୃତୀୟ ବର୍ଷ ୨୦ କୋଟି ବଜେଟ୍ ବ୍ୟବସ୍ଥା ହୋଇଥିଲେ ହେଁ ଟଙ୍କାଟିଏ ଖର୍ଚ୍ଚ ହୋଇନଥିଲା । ଅତଏବ, ସରକାର ମିସନ ପାଇଁ ୧୩୦ କୋଟି ଖର୍ଚ୍ଚ ବ୍ୟବସ୍ଥା କରିଥିଲେ ହେଁ କରିତ୍ କର୍ମା ବାବୁମାନେ ଏହାର ମାତ୍ର ୨୦.୫% ଅର୍ଥାତ୍ ୨୬.୬୫ କୋଟି ଖର୍ଚ୍ଚ କରିପାରିଲେ । ଆଳୁ ପାଇଁ ଶୀତଳଭଣ୍ଡାର ସ୍ୱପ୍ନରେ ରହିଗଲା । ସେ ସମୟରେ ଦାୟିତ୍ୱରେ ଥିବା ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ ସମସ୍ତେ ପୁରସ୍କୃତ ହେଲେ । ଆହୁରି ସରଳ ଭାବେ କହିଲେ, ଏତେ ବଡ଼ ବିଫଳତା ପାଇଁ ସରକାର କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି କିମ୍ବା ଉତ୍ତରଦାୟିତ୍ୱ ଧାର୍ଯ୍ୟ ହୋଇନାହିଁ । ପରବର୍ତ୍ତୀ ସମୟରେ ଦାୟିତ୍ୱରେ ଥିବା ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ ବି ଆଳୁ ପାଇଁ ବ୍ୟସ୍ତ ନୁହଁନ୍ତି । ଉପଭୋକ୍ତା କଷ୍ଟ ପାଇଲେ କାହାର କି ଯାଏ ?

# ବିନା ସୂଚନା ଫଳକରେ ନିମ୍ନମାନର କାମ

କୋରେଇ,୦୭/୦୮ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଂଚାୟତ ବରପଦା ପ୍ରାଥମିକ ବିଦ୍ୟାଳୟର ଅନିୟମିତତା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା । ବିନା ସୂଚନା ଫଳରେ କାମ ହେଉଥିବା ବେଳେ ଅଭିଯୋଗ ପରେ ମଧ୍ୟ କେହି କିଛି ଶୁଣିବାକୁ ପ୍ରସ୍ତୁତ ନୁହନ୍ତି । ସେମାବାର ପାଚେରୀ ପ୍ଲାଷ୍ଟର କରାଯାଇଥିବା ବେଳେ ମଙ୍ଗଳବାର ଏହାର ରଙ୍ଗ ଦିଆଯାଇଥିଲା । ଯାହା ଫଳରେ ପ୍ଲାଷ୍ଟର ବା ରଙ୍ଗର ଉଭୟର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଥିଲା । ସୂଚନା ଫଳକ ନଥିବାରୁ କେଉଁ ଅର୍ଥରେ କାମ ହେଉଛି ବା କେତେଟଙ୍କାର କାମ ଅବା କିଏ ଠିକାଦାର ତାହା ବୁଝିବା ମୁସ୍କିଲ ହୋଇପଡିଛି । ସମସ୍ତ ଅଭିଯୋଗ ପରେ ତଦନ୍ତ କରାଯିବ ବୋଲି କହି ବ୍ଲକ ପ୍ରଶାସନ ନୀରବତା ସାଜିଛି । ଏହି ନୀରବତା କାହା ଚାପରେ ଚାପି ଦିଆଯାଉଛି ତାହା ମଧ୍ୟ ତଦନ୍ତ ସାପେକ୍ଷ । ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ହେଲେ ରଙ୍ଗମରାର ୨ ଦିନ ପରେ ରଙ୍ଗ ଛାଡି ଯାଇଛି । ଯାହା ଫଳରେ କାର୍ଯ୍ୟଯେ ନିମ୍ନମାନର ତାହା ସ୍ପଷ୍ଟ ହୋଇଛି ।

# ଜାତୀୟ ଅସ୍ଥି ଓ ଗଣ୍ଠି ଦିବସ ପାଳିତ

ଗଞ୍ଜାମ,୦୭/୦୮ (ନି.ପ୍ର): ବ୍ରହ୍ମପୁର ଅସ୍ଥିଶଲ୍ୟ ମଂଚ ତରଫରୁ ଜାତୀୟ ଅସ୍ଥି ଓ ଗଣ୍ଠି ଦିବସ ଅବସରରେ ବ୍ରହ୍ମପୁର ମହାରାଜା କୃଷ୍ଣ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟର ୬୫୦ ଅଧାପନା କକ୍ଷରେ ଦୁର୍ଘଟଣାସ୍ଥଳରେ ଜୀବନ ରକ୍ଷାକାରୀ ପଦକ୍ଷେପ ଓ ପ୍ରାଥମିକ ଚିକିତ୍ସା ସଂପର୍କରେ ଏକ କର୍ମଶାଳା ତଥା ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା । ମଂଚର ସଂପାଦକ ଡା.ସଂକର୍ଷଣ ପାତ୍ରଙ୍କ ସଂଚାଳନାରେ ଆୟୋଜିତ ଏହି ସଭାରେ ସଭାପତି ଡା.ଅବନି କାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏହାକୁ ଉପଦେଷ୍ଟା ପଦ୍ମଶ୍ରୀ ଡା.ପ୍ରଫେସର କୃଷ୍ଣ ମୋହନ ପାଠୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ ଏବଂ ଏପରି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ସଭାପତି ଡା.ମିଶ୍ର ଦୃତ ଗତିରେ ବୃଦ୍ଧି ପାଉଥିବା ଦୁର୍ଘଟଣା ଓ ତଦଜନିତ ଅକାଳ ମୃତ୍ୟୁ ବିଷୟରେ ଉଲ୍ଲେଖ କରି ଉଦବେଗ ପ୍ରକାଶ କରିଥିଲେ ଏବଂ ଏହି ପରିପ୍ରେକ୍ଷୀରେ ଆଜିର ଦିବସର କାର୍ଯ୍ୟକ୍ରମ କିପରି ଗୁରୁତ୍ୱ ବହନକରେ ତାର ସୂଚନା ଦେଇଥିଲେ । ସଂପାଦକ ଡା.ସଂକର୍ଷଣ ପାତ୍ର ବ୍ରହ୍ମପୁର ଅସ୍ଥିଶଲ୍ୟ ମଂଚର ବିଭିନ୍ନ ବୌଦ୍ଧିକ ଓ ସାମାଜିକ କାର୍ଯ୍ୟକ୍ରମର ସଂକ୍ଷିପ୍ତ ସୂଚନା ଦେଇ ସମସ୍ତ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଏବଂ ଏହି କର୍ମଶାଳାରୁ ଶିକ୍ଷା ପାଇଥିବା ଜ୍ଞାନକୁ ଠିକ୍ ସମୟରେ ଉପଯୋଗ କରିବା ଏବଂ ଅନ୍ୟ ମାନଙ୍କ ଭିତରେ ବିତରଣ କରିବାକୁ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥି ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ସର୍ବଣା ବିବେକ ଏମ୍ ଏପରି ଏକ ଅତି ଆବଶ୍ୟକ କାର୍ଯ୍ୟକ୍ରମରେ ତାଙ୍କର ଖୁସି ବ୍ୟକ୍ତ କରିଥିଲେ । ନିଜେ ଜଣେ ଡାକ୍ତର ଓ ପରେ ପୋଲିସ୍ ଅଧିକାରୀ ହୋଇଥିବାରୁ ଉଭୟଙ୍କ ଭୂମିକା ପରସ୍ପରର ପରିପୁରକ ବୋଲି କହିଥିଲେ । ପୋଲିସକୁ ଜୀବନ ବଂଚାଇବା ସହ ଆଇନ ଶୃଙ୍ଖଳାକୁ ମଧ୍ୟ ଗୁରୁତର ସହ ପରିଚାଳନା କରିବାକୁ ପଡିଥାଏ ବୋଲି କହିଥିଲେ । ସହଯୋଗୀ ଅଧାପକ ଡା.ସୁଧୀର କୁମାର ମହାପାତ୍ର ଅତି ସୁନ୍ଦର ଓ ସରଳ ଭାବେ ଦୁର୍ଘଟଣାସ୍ଥଳରେ ଉପସ୍ଥିତ ଜଣେ ବ୍ୟକ୍ତି କିପରି ଆହତ ଲୋକଟିର ଯତ୍ନ ନେଇପାରବ ତା ଉପରେ ନିଜ ସନ୍ଦର୍ଭରେ ବୁଝାଇଥିଲେ ।

କାର୍ଯ୍ୟକ୍ରମର ଆୟୋଜକ ସହ ସଂପାଦକ ଡା.ରବିନ୍ଦ୍ର କୁମାର ନାୟକ ଅତିଥି ପରିଚୟ ଦେଇଥିଲେ । ସହଯୋଗୀ ଅଧାପକ ଡା. ଅଶୋକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଜାତୀୟ ସଙ୍ଗୀତ ଗାନ ପରେ ସଭା ସାଙ୍ଗ ହୋଇଥିଲା । ଏଥିରେ ବିଭିନ୍ନ ସଂଗଠନର ଅନେକ ସଭ୍ୟ, ଡାକ୍ତର ଓ ଛାତ୍ର, ପୋଲିସ୍ ଏବଂ ବହୁସଂଖ୍ୟରେ ଡ୍ରାଇଭର ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ଭାଗ ନେଇଥିଲେ ।

# କାର୍ଯ୍ୟକ୍ଷମ ହେଉନି ୭.୫୦ କୋଟିର 'ଅନ୍ୱେଷା' ହଷ୍ଟେଲ

ରାଉରକେଲା: ଗରିବ ଛାତ୍ର ଛାତ୍ରୀ ଇଂରାଜୀ ସ୍କୁଲରେ ଶିକ୍ଷା ପାଇବାରେ ସହାୟତା କରିବା ପାଇଁ ସରକାର ଆରମ୍ଭ କରିଛନ୍ତି 'ଅନ୍ୱେଷା' ଯୋଜନା । କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ଏହି ଯୋଜନାର ଲକ୍ଷ୍ୟ ହେଉଛି, ଗ୍ରାମାଞ୍ଚଳର ଗରିବ ଛାତ୍ର ଛାତ୍ରୀ ସହରର ଇଂରାଜୀ ମାଧ୍ୟମ ସ୍କୁଲରେ ପଢ଼ିବାକୁ ଉତ୍ସାହିତ କରିବା ଓ ସୁଯୋଗ ଦେବା । ସେମାନଙ୍କ ସ୍କୁଲ ପଢ଼ା ଖର୍ଚ୍ଚ ସହିତ ବହିପତ୍ର, ରହିବା ଓ ଖାଇବା ଖର୍ଚ୍ଚ ସରକାର ବହନ କରୁଛନ୍ତି । ଏହିଭଳି ଛାତ୍ର ଛାତ୍ରୀଙ୍କ ପାଇଁ ୭ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚରେ ରାଉରକେଲାରେ ତିଆରି ହୋଇଛି ୩ଟି ହଷ୍ଟେଲ, ଯେଉଁଥିରେ ୯୦୦ ପିଲା ରହିବାର କଥା । କିନ୍ତୁ ପ୍ରାୟ ଦେଢ଼ବର୍ଷ ବିତି ଯାଇଥିଲେ ହେଁ ସେଥିରେ ପିଲା ରହୁ ନାହାନ୍ତି । ରହୁଛନ୍ତି ହକି ଷ୍ଟାଡ଼ିୟମ ଶ୍ରମିକମାନେ । ଏହି ଗରିବ ପିଲାମାନଙ୍କ ପାଇଁ, ଯେଉଁମାନଙ୍କ ଭିତରୁ ଅଧିକାଂଶ ହେଉଛନ୍ତି ଆଦିବାସୀ, କେହି ଚିନ୍ତା କରୁ ନାହାନ୍ତି । ନିଜସ୍ୱ ହଷ୍ଟେଲ ନଥିବାରୁ 'ଅନ୍ୱେଷା' ଅଧୀନରେ ପଢୁଥିବା ପିଲାମାନେ ବର୍ତ୍ତମାନ ରାଉରକେଲାର ତିନି ଚାରିଟି ଓଡ଼ିଆ ମାଧ୍ୟମ ସ୍କୁଲର ହଷ୍ଟେଲରେ ବାଣ୍ଟିହୋଇ ରହୁଛନ୍ତି । ସେମାନଙ୍କ ଭିତରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପାଖାପାଖି ୧୧୦୦ ପିଲା ଅଛନ୍ତି । ସେମାନେ ସହରର ଭିନ୍ନ ଭିନ୍ନ ଇଂରାଜୀ ମାଧ୍ୟମ ସ୍କୁଲରେ ପାଠ ପଢୁଛନ୍ତି । ସେମାନଙ୍କ ପାଠ ପଢ଼ିବା ଠାରୁ ଆରମ୍ଭ କରି ଖାଇବା, ରହିବା ଓ ପୋଷାକ ଆଦି ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି । କିନ୍ତୁ ସେମାନେ ପଢୁଥିବା ବେସରକାରୀ ସ୍କୁଲଗୁଡ଼ିକରେ ପିଲାମାନଙ୍କ ରହିବା ପାଇଁ ହଷ୍ଟେଲର ବ୍ୟବସ୍ଥା ନାହିଁ । ତେଣୁ ସେମାନେ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ଜଗଦା ଆଶ୍ରମ ସ୍କୁଲ ଓ ଅନ୍ୟ କିଛି ସରକାରୀ ଓଡ଼ିଆ ମାଧ୍ୟମ ସ୍କୁଲର ହଷ୍ଟେଲରେ ବର୍ଷ ବର୍ଷ ଧରି ରହିଆସୁଛନ୍ତି । ଗତ ଦେଢ଼ବର୍ଷ ତଳୁ ଏମାନଙ୍କ ରହିବା ପାଇଁ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପାଚେରୀ ପାର୍ଶ୍ୱରେ ୩୦୦ ଶଯ୍ୟାର ବିଶିଷ୍ଟ ୩ଟି କୋଠା ନିର୍ମାଣ ସରିଛି । ଓଡ଼ିଶା ସ୍କୁଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ (ଓଏସ୍ଆଇସି) ଦ୍ୱାରା ନିର୍ମିତ ଏହି ୩ଟି କୋଠାରେ ମୋଟ୍ ୭.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ସେଗୁଡ଼ିକୁ ଦେଖିଲେ, ପିଲାଙ୍କ ସ୍ୱାର୍ଥ ପାଇଁ ନୁହେଁ, ଯେମିତି ଠିକାଦାରଙ୍କୁ ପୋଷିବାଲାଗି ହିଁ ସେଗୁଡ଼ିକୁ ତିଆରି କରା ଯାଇଥିବା ଭଳି ମନେ ହେଉଛି ।

ରାଉରକେଲା ମହାନଗର ନିଗମ (ଆରଏମ୍‌ସି)ର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ନିକଟରେ ଥିବା ନିଛାଟିଆ ସ୍ଥାନରେ ଏଗୁଡ଼ିକୁ ତିଆରି କରା ଯାଇଛି । ତା'ର ଚତୁଃପାର୍ଶ୍ୱରେ ପାଚେରୀ ଏଯାଏଁ ନିର୍ମାଣ ହୋଇନାହିଁ । ଏଥିସହ ସହ ବିଜୁଳି ଓ ପାନୀୟ ଜଳ ସଂଯୋଗ ମଧ୍ୟ ହୋଇ ନାହିଁ । କେବଳ ଏତିକି ନୁହେଁ, ହଷ୍ଟେଲ ଯିବାକୁ ରାସ୍ତାଟିଏ ମଧ୍ୟ ଏଯାଏଁ ହୋଇପାରିନି । ଏସବୁ କାମ କେବେ ହେବ, ବିଭାଗୀୟ ଅଧିକାରୀ ବା ନିର୍ମାଣକାରୀ ସଂସ୍ଥା ପାଖରେ କିଛି ସନ୍ତୋଷଜନକ ଉତ୍ତର ନାହିଁ । ସେପଟେ ଦେଢ଼ବର୍ଷ ଧରି ବନ୍ଦ ପଡିଥିବା ଏହି ୩ଟି କୋଠାରେ ବର୍ତ୍ତମାନ ନିର୍ମାଣଧୀନ ହକି ଷ୍ଟାଡିୟମରେ କାର୍ଯ୍ୟରତ ଶ୍ରମିକମାନେ ରହୁଛନ୍ତି । ତେଣୁ ଯେପର୍ଯ୍ୟନ୍ତ ହକି ଷ୍ଟାଡିୟମ ନିର୍ମାଣ କାମ ନ ସରିଛି ଓ ପୁରୁଷ ବିଶ୍ୱ ହକି କପ୍ ଶେଷ ନ ହୋଇଛି, ସେ ପର୍ଯ୍ୟନ୍ତ ଅନ୍ୱେଷା ହଷ୍ଟେଲ କାର୍ଯ୍ୟକ୍ଷମ ହେବାର ଆଶା ଦେଖା ଯାଉନାହିଁ । ଏ ସଂକ୍ରାନ୍ତରେ ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ) ପବିତ୍ରମୋହନ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, "ଆନୁଷଙ୍ଗିକ ବ୍ୟବସ୍ଥା ନଥିବାରୁ ପିଲାମାନଙ୍କୁ ସ୍ଥାନାନ୍ତର କରାଯାଇପାରୁ ନାହିଁ । ହଷ୍ଟେଲର ସ୍ଥିତି ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।" ଓଏସ୍ଆଇସିର ପୂର୍ଣ୍ଣିମା ପ୍ରିୟଦର୍ଶନୀ କହିଲେ, "ପାଚେରୀ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ବିଜୁଳି ଓ ଅନ୍ୟାନ୍ୟ କାମ ବାବଦରେ ହେବାକୁ ଥିବା ଖର୍ଚ୍ଚ ପାଇଁ ବିଭାଗକୁ ମଞ୍ଜୁରି ପାଇଁ ଲେଖାଇଛି । ଅନୁମତି ମିଳିବା ପରେ କାମ ଆରମ୍ଭ ହୋଇଯିବ ।"

୩
ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ଅଗଷ୍ଟ ୦୮, ୨୦୨୦

# ସୌନ୍ଦର୍ଯ୍ୟର ଗନ୍ତାଘର: କାନାତାଲ୍

ଉତ୍ତରାଖଣ୍ଡରେ ଗ୍ରୀଷ୍ମରେ ଦୋବିଦେଶରୁ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥାଏ । ଗରମର ପ୍ରକୋପରୁ ବର୍ତ୍ତିବା ନିମନ୍ତେ ଲୋକେ ଏଠାରେ ଥିବା ସୁନ୍ଦର ହିଲଷ୍ଟେସନଗୁଡ଼ିକୁ ଛୁଟିଥାନ୍ତି । ସେଠାକା ଟିହରି-ଗଡ଼ୱାଲ ଜିଲାସ୍ଥ ଚମ୍ବା - ମସୁରୀ ହାଇୱେ ପାଖରେ କାନାତାଲ ଗ୍ରାମ ରହିଛି ମସୁରୀ ଯାତ୍ରା କରୁଥିବା ସଂଖ୍ୟାଧିକ ପର୍ଯ୍ୟଟକ ଏଇ ଗ୍ରାମରେ ଗୋଟିଏ ଦିନର ରହଣି କରି ଯାତ୍ରା କରନ୍ତି । କାନାତାଲ୍‌ରେ ବିଭିନ୍ନ ଦଶନୀୟ ପର୍ଯଟକମାନେ ନେଇଥାନ୍ତି । ତନ୍ମଧ୍ୟରୁ ପ୍ରମୁଖ ଆକର୍ଷଣ ହେଉଛି ସ୍ଥାନୀୟ ଘାଟି । ରୋମାଞ୍ଚକର ଏଇ ଘାଟିରେ ଯିବା ପୂର୍ବରୁ ପ୍ରଥମେ ପର୍ଯ୍ୟଟକଙ୍କୁ ସତର୍କ କରାଯାଏ । ସେମାନେ ଦୃଢ଼ମନା ଓ ସୁସ୍ଥ ହୋଇଥିବା ଦରକାର । ଭର୍ଟିଗୋ ରୋଗୀ ହୃଦରୋଗୀଙ୍କୁ ଏଇ ଘାଟି ଦେଇ ଯିବା ପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଇଚ୍ଛୁକ ଲୋକଙ୍କର ଅଣ୍ଟାରେ ମୋଟା ଦଉଡ଼ି ବନ୍ଧାଯାଏ, ୮୦ଫୁଟ ଗଭୀର ଘାଟି ଉପରେ ଦେଇ ଚାଲିକରି ଯିବାକୁ ପଡ଼େ । ଘାଟି ଉପରେ ଦେଇ ଯିବାବେଳେ ଚତୁର୍ଦ୍ଦିଗର ସୌନ୍ଦର୍ଯ୍ୟକୁ ଲୋକେ ଭଲ ଭାବେ ଅନୁଭବ କରନ୍ତି । ସ୍ଥାନୀୟ





କୋଡ଼ିଆ ଜଙ୍ଗଲରେ କ୍ୟାମ୍ପିଂ କରି ପର୍ଯ୍ୟଟକଙ୍କୁ ଭିନ୍ନ ଅନୁଭବ ଦିଆଯାଏ । ଜଙ୍ଗଲରେ କ୍ୟାମ୍ପିଂ ସମୟରେ ହରିଣ ବଣୁଆ ଘୁଷୁରୀ ଆଦି ପ୍ରାଣୀ ସହଜରେ ଦେଖିବାକୁ ମିଳନ୍ତି । ଏଇ କାନାତାଲ ଗ୍ରାମକୁ ଯାତାୟତ ପାଇଁ ମଧ୍ୟ କୌଣସି ଅସୁବିଧା ନାହିଁ । ମସୁରୀ - ଚମ୍ବା ସଡ଼କପଥ ଦେଇ ସେଠାକୁ ଯାଇହେବ, ନଚେତ ଡେରାଡୁନ ଓ ଋଷିକେଶ ଏହାର ନିକଟତମ



ରେଲଷ୍ଟେସନ ଅଟନ୍ତି । ଗ୍ରୀଷ୍ମଦିନେ ଏଇ ଅଞ୍ଚଳହେର ତାପମାତ୍ରା ଅତିବେଶୀରେ ୧୦-୨୦ ଡିଗ୍ରୀ ରହିଥାଏ ।

# ଟମାଟୋ ଦେହକୁ ହିତ

ଟମାଟୋ ଏକ ଉପାଦେୟ ପରିବା । ଅଧିକାଂଶ ତରକାରିରେ ଏହା ପଡ଼େ । ଏହାକୁ ସୁପ୍ ଚଟଣି ଏବଂ ସାଲାଡରେ ମଧ୍ୟ ବ୍ୟବହାର କରାଯାଏ । ଏଥିରେ ଭିଟାମିନ, ଖଣିଜ ସିହ ମଣିଷ ପାଇଁ ଆବଶ୍ୟକ ଏକାଧିକ ପୋଷକ ତତ୍ତ୍ୱ ରହିଥାଏ । ଏହା କୋଲେଷ୍ଟରଲ ମଧୁମେହକୁ ମଧ୍ୟ ନିୟନ୍ତ୍ରିତ କରେ ।



- ♦ ପ୍ରତିଦିନ ସକାଳେ ବିନା ପାଣିରେ ଗୋଟିଏ ଟମାଟୋ ଖାଆନ୍ତୁ । ଏହା ଦେହ ପାଇଁ ସ୍ୱାସ୍ଥ୍ୟକର । ଟମାଟୋ ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ଉପଯୋଗୀ ।
- ♦ ପ୍ରତିଦିନ ୨/୩ଟି ଟମାଟୋ ଖାଇଲେ ଓଜନ କମେ ।
- ♦ ଟମାଟୋ ସହିତ ଜୁଆଣି ମିଶାଇ ଖାଇଲେ ଗଣ୍ଠିବାତ ଦୂର ହୁଏ।
- ♦ ଗର୍ଭାବସ୍ଥାରେ ମହିଳାମାନେ ଡାକ୍ତରଙ୍କ ପରାମର୍ଶ ନେଇ ଟମାଟୋ ଖାଇବା ଉଚିତ ।
- ♦ ଟମାଟୋରେ ଭିଟାମିନ୍ କେ ଏବଂ କ୍ୟାଲସିୟମ ଥିବାରୁ ଏହା ହାଡ଼ ମଜଭୂତ କରେ ।
- ♦ ଟମାଟୋରେ ସୈନ୍ଧବ ଲବଣ ମିଶାଇ ଖୋଇଲେ ମୁହଁ ଉଜ୍ଜ୍ୱଳ ଦେଖାଯିବ ।

# କମ୍ ବୟସରେ କେଶ ପାଚିବା ସମସ୍ୟା ଓ ଘରୋଇ ଉପଚାର



କେଶର ରଙ୍ଗ କଳା ବା ସ୍ୱାଭାବିକ ରଖୁଥିବା ମେଲାନିନ ନାମକ ଏକ ଉପାଦାନ କମିଗଲେ, କେଶ ପାଚେ । ସାଧାରଣତଃ କୋଡ଼ିଏ ବର୍ଷ ପରେ ମେଲାନିନ କମିବା ଆରମ୍ଭ ହୁଏ । ଏଥିପ୍ରତି ସାବଧାନତା ଜରୁରୀ । ଏହି ବୟସରେ କେଶ ପାଚିଲେ ରାସାୟନିକ କେଶ ରଙ୍ଗ ବ୍ୟବହାର କରନ୍ତୁ ନାହିଁ । ଏହା ଦ୍ୱାରା କଳା କେଶ ଖୁବ ଶୀଘ୍ର ପ୍ରଭାବିତ ହୁଏ । କମ ଦିନ ମଧ୍ୟରେ ସବୁ କେଶ ପାଚିଯାଏ । ପାର୍ଶ୍ୱ ପ୍ରତିକ୍ରିୟା ଘଟି କେଶ ମୂଳରେ ଘା' ହୋଇପାରେ । ତିନି ଚାମଚ ଲେମ୍ବୁ ରସରେ ନଡ଼ିଆ ତେଲ ଫେଣ୍ଟି କେଶରେ ଲଗାନ୍ତୁ ଓ ମଥାରେ ଘଷନ୍ତୁ । ଘଣ୍ଟାଏ ପରେ ଅଁଳା, ରିଠା ରସଯୁକ୍ତ ସାମ୍ପୁରେ ଧୁଅନ୍ତୁ । ଏହା ଦ୍ୱାରା କେଶକୁ ଏଣ୍ଟିଅକ୍ସିଡାଣ୍ଟ ମିଳେ ଓ ପାଚିବା ବନ୍ଦ ହୁଏ । ସଂକ୍ରମଣ କିମ୍ବା ପାର୍ଶ୍ୱ ପ୍ରତିକ୍ରିୟା ଭୟ ରହେ ନାହିଁ ସପ୍ତାହରେ ଦୁଇ ଥର ଏହି ଉପଚାର କରନ୍ତୁ ।



ନଡ଼ିଆ କିମ୍ବା ସୋରିଷ ତେଲରେ କିଛି ମେହେନ୍ଦି ପତ୍ର ଫୁଟାଇ, କେଶରେ ଲଗାଇବା ଦ୍ୱାରା କମ ବୟସରେ କେଶ ପାଳିବା ସମସ୍ୟା ଦୂର ହୁଏ । ଅଁଳାର ଭିଟାମିନ ସି ଏବଂ ଏଣ୍ଟିଅକ୍ସିଡାଣ୍ଟ ଉପାଦାନ ପକ୍ୱ କେଶ ପ୍ରତିରୋଧୀ । ଶୁଖିଲା ଅଁଳାକୁ ନଡ଼ିଆ ତେଲରେ ଫୁଟାଇ, ଥଣ୍ଡା ହେବା ପରେ କେଶରେ ଲଗାନ୍ତୁ ସପ୍ତାହରେଦୁଇଥର ଏପରି କରିବା ଦ୍ୱାରା କେଶ ପାଚିବା ବନ୍ଦ ହୁଏ ।




## କୋମଳ ହାତ

ଅଧ କପ ଗୋଲାପ ଜଳରେ ଦୁଇ ଚାମଚ ଗ୍ଲିସେରିନ ଓ ଫାଳେ ଲେମ୍ବୁ ରସ ଫେଣ୍ଟି ଦିନକୁ ଦୁଇଥର ହାତରେ ଲଗାନ୍ତୁ । ନିୟମିତ ହାତରେ ବାଦାମ ତେଲ ଲଗାଇବା ଦ୍ୱାରା ତ୍ୱଚାରୁ ମୃତ କୋଷ ବାହାରିଯାଏ ଓ ମୁଲାୟାମ ହୁଏ । ରାତିରେ ଲହୁଣି ଲଗାଇ ସକାଳେ ହାତ ଧୂଅନ୍ତୁ, ରୁକ୍ଷତା ଦୂର ହେବ ଓ କୋଳ ରହିବ । ରାତିରେ ଶୋଇବା ପୂର୍ବରୁ ଘିକୁଆଁରୀ ରସ ଲଗାଇ, ସକାଳେ ଧୁଅନ୍ତୁ । ପ୍ରତିଦିନ ଦୁଇଥର ମହୁ-ଲେମ୍ବୁ ମିଶ୍ରିତ ଜଳରେ ଦଶମିନିଟ ଯାଏ ହାତ ବୁଡ଼ାଇ ରଖନ୍ତୁ ।







# ଫଳ ଖାଉଥିଲେ ଧ୍ୟାନ ଦିଅନ୍ତୁ

ସୁସ୍ଥ ଶରୀର ପାଇଁ ଫଳକୁ ସବୁଠାରୁ ଭଲ ପୋଷଣ ଭାବରେ ନିଆଯାଇଥାଏ । ପ୍ରାୟତଃ ସମସ୍ତ ଫଳରେ ପ୍ରୋଟିନ ଭିଟାମିନ, ଆଣ୍ଟିଅକ୍ସିଡେଣ୍ଟ, ଫାଇବର ପରି ପୋଷାକ ତତ୍ତ୍ୱ ମିଳିଥାଏ । କିନ୍ତୁ ଅଧିକାଂଶ ଲୋକ ଠିକ୍ ଭାବରେ ଏହାକୁ ଖାଇ ନଥାନ୍ତି । ଅନେକ ଲୋକ ଖାଇସାରିବା ପରେ ମିଠା ଭାବରେ ଫଳ ଖାଇଥାନ୍ତି । ଏହା ଠିକ୍ ନୁହେଁ ଫଳକୁ ଠିକ୍ ସମୟରେ ନଖାଇଲେ ପାତନ ପ୍ରକ୍ରିୟାରେ ସମସ୍ୟା, ଏସିଡିଟି ଓ କୋଷ୍ଠକାଠିନ୍ୟ ପରି ସମସ୍ୟା ଦେଖାଦେଇଥାଏ ।



ସେଓ:- ମିନେରାଲ ଓ ଭିଟାମିନରେ ଭରପୂର ସେଓରେ ଫାଇବର ବହୁତ ମାତ୍ରାରେ ମିଳିଥାଏ ଏଥିରେ କୋଲେଷ୍ଟ୍ରୋଲ ନଥାଏ । ସେଓକୁ ଚୋପା ସହିତ ଖାଆନ୍ତୁ । ଏହାକୁ ସକାଳ ସମୟରେ ଖାଆନ୍ତୁ ଖାଲି ପେଟରେ ସେଓ ଖାଇଲେ ଶରୀରରେ ଟକ୍ସିକ୍ ସହଜରେ ବାହାରିଯିବ । ଏହା ଶକ୍ତି ମଧ୍ୟ ଯୋଗାଇଥାଏ ।

କମଳା:- ଏଥିରେ ଭିଟାମିନ ସି ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । ଏହା ବ୍ୟତୀତ ଭିଟାମିନ ଏ, ବି ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । ଏଥିରୁ କ୍ୟାଲସିୟମ, ଆୟୋଡିନ, ସୋଡ଼ିୟମ ପରି ତତ୍ତ୍ୱ ମିଳିଥାଏ । ଏହାକୁ ସକାଳେ ଓ ରାତିରେ ଖାଆନ୍ତୁ



ନାହିଁ । ଦିନ ସମୟରେ ଖାଆନ୍ତୁ । ଧ୍ୟାନ ରଖନ୍ତୁ ସବୁବେଳେ ଖାଇବାର ୧ ଘଣ୍ଟା ପୂର୍ବରୁ ବା ୧ ଘଣ୍ଟା ପରେ କମଳା ଖାଆନ୍ତୁ ।

ଆମ୍ବ:- ଏଥିରେ ଭିଟାମିନ ବି, ଭିଟାମିନ୍ ଏ ଓ ଭିଟାମିନ ସି ମିଳିଥାଏ । ଆମ୍ବରେ ପୋଟାସିୟମ, ମ୍ୟାଗ୍ନେସିୟମ ଓ କପର ପରି ମିନେରାଲ ଖୁବ ପରିମାଣରେ ଥାଏ । ଆମ୍ବର ରସ ଗରମ ହୋଇଥାଏ, ତେଣୁ ଆମ୍ବ ସହିତ କ୍ଷୀର ପିଅନ୍ତୁ ନାହିଁ ।

ନଡ଼ିଆ:- ନଡ଼ିଆରେ ଭିଟାମିନ, ପୋଟାସିୟମ, ଫାଇବର, କ୍ୟାଲସିୟମ, ମ୍ୟାଗ୍ନେସିୟମ ଆଦି ଅଧିକ ପରିମାଣରେ ମିଳିଥାଏ । ଏଥିରେ କୋଲେଷ୍ଟ୍ରୋଲ ନଥାଏ ନଡ଼ିଆ ପାଣିକୁ ଖାଲି ପେଟରେ ପିଇବେ ନାହିଁ ।

## ବତକ ଅଭୟାରଣ୍ୟର ଏକଲା ବତକ

ନିଉଜଲାଣ୍ଡରଠାରୁ ପ୍ରାୟ ଚବିଶ ଶହ କିଲୋମିଟର ଦୂରରେ ସବୁଦ୍ର ଭିତରେ ଥିବା ଏକ ଛୋଟିଆ ଦ୍ୱୀପ ହେଉଛି ନିଉଇ । ଦ୍ୱୀପର ଜନସଂଖ୍ୟା ଷୋହଳ ଶହ । ବର୍ଷ ତମାମ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ । ଦ୍ୱୀପର ଏକ ଅଂଶରେ ଏକ ବୋର୍ଡ ଦେଖାଯାଏ, ଯେଉଁଥିରେ ଲେଖାଯାଇଛି 'ନିଉଇ ବତକ ଅଭୟାରଣ୍ୟ' । ତେଣୁ, ଯିଏ ପଢ଼ିବେ ଆପାତତଃ ଧରିନେବେ, ଦ୍ୱୀପରେ ବହୁ ସଂଖ୍ୟାରେ ବତକ ଥିବେ । କିନ୍ତୁ, ପ୍ରକୃତରେ ନିଉଇ କେବେ ବତକଙ୍କ ବାସସ୍ଥାନ ନ ଥିଲା । ଗତ ବର୍ଷ କେଉଁ ଆଡୁ ବତକଟିଏ ସେଠାରେ ଆସି ପହଞ୍ଚିଥିଲା । କେଉଁଠୁ, କିପରି ଆସିଥିଲା, ରହସ୍ୟମୟ ହୋଇରହିଛି । କାରଣ, ବତକ



ବାସ କରୁଥିବା ନିକଟବର୍ତ୍ତୀ ଅନ୍ୟ ସ୍ଥାନ ଛଅ ଶହ କିଲୋମିଟର ଦୂରରେ ଅବସ୍ଥିତ । ବତକ ଉଡ଼ିପାରେ ନାହିଁ । ସମୁଦ୍ରରେ ଭାସିଭାସି ଏତେ ବାଟ କେମିତି ଆସିଥିଲା, କେହି ଜାଣନ୍ତିନାହିଁ । ବତକଙ୍କ ପାଇଁ ନା ସେଠାରେ ଅଛି ନାଳ ନାଗଡ଼ିଆ । ସ୍ଥାନୀୟ ଲୋକେ ଏକ ସ୍ଥାନରେ ଗାତ ଖୋଳି ପାଣି ଭର୍ତ୍ତି କରିଦେଇଥିଲେ । ଏକଲା ବତକଟିକୁ ଶ୍ରଦ୍ଧାରେ 'ଟ୍ରେଭର' ଭାବେ ନାମିତ କରିଥିଲେ । ଗାତ ପାଖରେ ବତକ ଘୂରିବୁଲୁଥିଲା । ଲୋକେ ସେଠାରେ ବୋର୍ଡଟି ପୋତିଦେଇଥିଲେ । ସ୍ଥାନୀୟ ଏକ ଗଞ୍ଜା ଏବଂ ଏକ କୁକୁଡ଼ା ସହ ଟ୍ରେଭରର ବନ୍ଧୁତା ହୋଇଥିଲା । ଲୋକେ ଆଦରରେ ଖାଦ୍ୟ ଦେଉଥିଲେ । ତେବେ, କିଛି ମାସ ତଳେ ସ୍ଥାନୀୟ ବୁଲା କୁକୁରଙ୍କ ଆକ୍ରମଣରେ ବତକର ଜୀବନ ଯାଇଥିବାର ପ୍ରକାଶ ।

# ବର୍ଷା ଦିନିଆ ଟିପ୍ସ୍

ବର୍ଷାଦିନରେ ଅନ୍ୟଦିନ ଅପେକ୍ଷା ସତର୍କ ରହିବାକୁ ପଡ଼େ । ନଚେତ ଦେହ ଖରାପ ହେବାର ସମ୍ଭାବନା ଅଧିକ ରହେ । ଯୁବତୀ ଓ ମହିଳାମାନେ ନିଜ ବ୍ୟାଗରେ ସବୁବେଳେ ହେୟାର ଡାୟାର ରଖିବା ଉଚିତ । କେଶ ଓଦା ହେବା ମାତ୍ରେ ଏହା ଦ୍ୱାରା ଶୁଖାଇନେବା ଭଲ । ସର୍ଦ୍ଦି, ଥଣ୍ଡାରୁ ରକ୍ଷା ପାଇବା ପାଇଁ ହେୟାର ଡ୍ରାୟର ନିଜ ପାଖରେ ରଖନ୍ତୁ ।





- ■ ଏହି ଋତୁରେ ୱାଟରପ୍ରୁଫ୍ ବ୍ୟାଗ ବ୍ୟବହାର କରିବା ଭଲ। କାରଣ ଏହା ଦ୍ୱାରା ଆପଣଙ୍କ ବ୍ୟାଗ ଭିତରେ ଜିନିଷଗୁଡ଼ିକ ସୁରକ୍ଷିତ ରହିବ ।
- ■ ଛତା ଓ ରେନ କୋଟ ସବୁବେଳେ ନିଜ ପାଖରେ ରଖନ୍ତୁ । ଏହା ସହ ନିଜ ବ୍ୟାଗରେ ଟିସୁ ପେପର ମଧ୍ୟ ରଖିବା ଭଲ ।
- ■ ବର୍ଷାଦିନରେ ଜୋତା ମଧ୍ୟ ସେହିଭଳି ପିନ୍ଧନ୍ତୁ । ଦାମୀ ଚମଡ଼ା ଜୋତା ନ ପିନ୍ଧିବା ଉଚିତ ।
- ■ ମୋବାଇଲ ଫୋନକୁ ସୁରକ୍ଷିତ ରଖିବା ନିମନ୍ତେ ସବୁବେଳେ ପ୍ଲାଷ୍ଟିକ୍ ପାଉଚ ବ୍ୟବହାର କରନ୍ତୁ ।
- ■ ବର୍ଷାଦିନେ ବାହାର ଖାଦ୍ୟ ଖାଇବା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରନ୍ତୁ ।
- ■ ବର୍ଷାଦିନେ ନାଇଲନ ଓ ସିନ୍ଥେଟିକ କପଡ଼ାର ପୋଷାକ ପରିଧାନ କରନ୍ତୁ । କାରଣ ଏହା ଓଦା ହେଲେ ଶୀଘ୍ର ଶୁଖିଥାଏ ।
- ■ ସନ୍ଧ୍ୟା ପରେ ଯେଉଁଆଡ଼କୁ ଯିବାର ଥିଲେ, ସାଥିରେ ଟର୍ଚ୍ଚ ନିଅନ୍ତୁ । କାରଣ ବର୍ଷାଦିନେ ବିଜୁଳି ଚାଲିଯିବା ଏକ ସାଧାରଣ କଥା ।

## ସମୁଦ୍ର ଜଳ ଦ୍ୱାରା ରୋଗ

ସମୁଦ୍ରରେ ସ୍ନାନ ଯୋଗୁଁ ସ୍କିନ ମାଇକ୍ରୋବାୟୋମରେ ବଦଳିଯାଏ । ଏହା ଦ୍ୱାରା କାନ ଓ ସ୍କିନରେ ସଂକ୍ରମଣର ବିପଦ ବଢ଼ିଯାଏ । କାଲିଫର୍ଣ୍ଣିଆ ବିଶ୍ୱ ବିଦ୍ୟାଳୟର ଛାତ୍ରୀଙ୍କ ଅନୁସାରେ ସମୁଦ୍ର ପାଣିର ସମ୍ପର୍କରେ ଆସିଲେ ମାନବ ସ୍କିନରେ ବିବିଧତା ଓ ସଂରଚନାରେ ଅନେକ ପରିବର୍ତ୍ତନ ଆସିଥାଏ, ଯାହା ପ୍ରତିରକ୍ଷା ପ୍ରଣାଳୀର କାର୍ଯ୍ୟ, ପ୍ରଣାଳୀଗତ ରୋଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଗବେଷଣାକାରୀମାନେ ପରୀକ୍ଷା କରି ଜାଣିଛନ୍ତି ଯେ ସମୁଦ୍ର ପାଣିର ସଂସ୍ପର୍ଶରେ ଆସିଲେ ଗ୍ୟାଷ୍ଟ୍ରୋଣ୍ଟେଷ୍ଟାଇନ ବା ଶ୍ୱାସ ସମ୍ବନ୍ଧୀୟ ରୋଗ, କାନରେ ଓ ସ୍କିନରେ ସଂକ୍ରମଣ ହୋଇପାରେ । ପାଣିରେ ରହୁଥିବା ଏହି ଜୀବାଣୁ ବହୁ ମାତ୍ରାରେ ଆମ ଆଖପାଖରେ ରହନ୍ତି । ଏହି ଛୋଟ ଛୋଟ ଜୀବମାନଙ୍କ ଯୋଗୁ ଆମ ଶରୀରର ଅଙ୍ଗମାନଙ୍କରେ ଭଲ ଓ ଖରାପ ପ୍ରଭାବ ପଡ଼ିଥାଏ। ପ୍ରଦୂଷଣର ଖରାପ ପ୍ରଭାବ ଦ୍ୱାରା ପ୍ରଭାବିତ ମାଇକ୍ରୋବାୟୋମ ଆମର ଶରୀରରେ ମଧ୍ୟ ଖରାପ ପ୍ରଭାବ ପକାଇଥାଏ।

# ଫ୍ଲାଟଜୋତା ପସନ୍ଦ କରିପାରନ୍ତି

କର୍ମସ୍ଥଳ କିମ୍ବା ବଜାର ଯାଉଥିଲେ, ଯୁବତୀ ଓ ମହିଳାମାନେ ଫ୍ଲାଟଜୋତା ପିନ୍ଧିବାକୁ ଅଧିକ ପସନ୍ଦ କରୁଛନ୍ତି। ବିଭିନ୍ନ ଡିଜାଇନରେ ଆସୁଥିବା ଏହି ଫ୍ଲାଟଜୋତା ପିନ୍ଧିବା ପ୍ରକୃତରେ ଶରୀର ପାଇଁ ଭଲ କାରଣ ଏହା ପିନ୍ଧିଲେ ଗୋଡ଼ ଓ ପାଦରେ ଯନ୍ତ୍ରଣା ହୋଇ ନଥାଏ । ଏପରିକି ଶୀଘ୍ର ଚାଲିବା ନିମନ୍ତେ ଫ୍ଲାଟଜୋତା ସହାୟକ ହୋଇଥାଏ । ଭାରତୀୟ ବଜାରରେ ସବୁଠୁ ଅଧିକ ବ୍ୟାଲେଟ ଫ୍ଲାଟ୍, ସ୍ନିକର ଫ୍ଲାଟ୍, ୱାକ ଫ୍ଲଟ୍, ଲୋଫର ଓ ସ୍ୟାଣ୍ଡେଲର ଲୋକପ୍ରିୟତା ରହିଛି । ଏଇ ସବୁ ଫ୍ଲାଟ୍ ଜୋତା ବିଦେଶୀ ପରିଧାନ ଓ ସାଲୱାର ଜମିଜ ସହ ପିନ୍ଧାଯାଇ ପାରିବ । ତେବେ ଶାଢ଼ି ସହ କେବଳ ଏଥନିକ ଫ୍ଲାଟଜୋତା ଭଲଭାବରେ ଖାପ ଖାଇଥାଏ। କଲେଜ ପଢ଼ୁଆ ଯୁବତୀଙ୍କ ମଧ୍ୟରେ ଲୋଫର ଫ୍ଲାଟ୍ ସବୁଠୁ ଅଧିକ ଲୋକପ୍ରିୟ । ଏହି ଧରଣର ଫ୍ଲାଟ ଜୋତାର ମୂଲ୍ୟ ୭ଶହ ଟଙ୍କାରୁ ଆରମ୍ଭ ହୋଇ ୩ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ସମସ୍ତ ଅନଲାଇନ ଦେକାନରେ ଯୁବତୀ ଓ ମହିଳାଙ୍କ ପାଇଁ ଏହି ଫ୍ଲାଟ ଜୋତା ଉପଲବ୍ଧ ହୋଇଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୮ ଅଗଷ୍ଟ ୨୦୨୨, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଲକ୍ଷ୍ମଣରେଖା ଟାଣିବା ଉଚିତ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁଲାଇ ୧୬ ତାରିଖରେ ନିଜର ଭାଷଣ ପ୍ରଦାନ କାଳରେ ଉଠାଇଲେ ନିର୍ବାଚନ ପୂର୍ବରୁ ରାଜନୀତିକ ଦଳମାନଙ୍କ ଦ୍ୱାରା ବିଜୟୀ ହେବା ପାଇଁ ଭୋଟରମାନଙ୍କୁ ଦିଆଯାଉଥିବା 'ହାତୀ ଦବୁ, ଘୋଡ଼ା ଦବୁ...' ଭଳି ମୋଫତ ବା ମାଗଣା ଉପହାର କଥା । ଆଉ ତା' ପରଠୁ ଦେଶରେ ଏହାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । ତେବେ ନିର୍ବାଚନ ପୂର୍ବରୁ 'ଅଯଥା ଉପହାର ବଣ୍ଟନରୁ ରାଜନୀତିକ ଦଳମାନଙ୍କୁ ନିବୃତ୍ତ କରିବା ତଥା ଏଇ ପ୍ରଥାକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଭାରତୀୟ ଜନତା ପାର୍ଟି (ବିଜେପି)ର ନେତା ଅଶ୍ୱିନୀ ଉପାଧ୍ୟାୟ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟରେ ଦାଖଲ କରିଥିଲେ ଏକ ଜନସ୍ୱାର୍ଥ ସମ୍ୱଳିତ ନିବେଦନ । ବୁଧବାର ଦିନ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଏଭି ରମନାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ନିବେଦନର ବିଚାର କରି ସ୍ପଷ୍ଟ ଶବ୍ଦରେ କହି ଦେଇଛନ୍ତି ଯେ କୋର୍ଟ ଏହି ବ୍ୟାପାରରେ କୌଣସି ପ୍ରକାରର ମାର୍ଗଦର୍ଶିକା ଜାରି କରି ପାରିବେ ନାହିଁ, କେବଳ ଯାହା ପରାମର୍ଶ ପ୍ରଦାନ କରି ପାରିବେ । କାରଣ ସୁପ୍ରିମକୋର୍ଟଙ୍କର ପ୍ରମୁଖ କାର୍ଯ୍ୟଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ନ୍ୟାୟ ପ୍ରଦାନ କରିବା ଏବଂ ସମ୍ବିଧାନ ଓ ଏହାର ବିଧି ବିଧାନଗୁଡ଼ିକର ତର୍ଜମା କରିବା । ତା' ସହିତ କୋର୍ଟଙ୍କ ନିକଟରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଛି, ଯାହା ଯେତେ ଶୀଘ୍ର ସମ୍ଭବ ଏହା ସମାଧାନ କରିବା ଉଚିତ, ଯାହାର ଏକ ଉଦାହରଣ ଭାବରେ ନିଆଯାଇପାରେ ବିଚାର ଅପେକ୍ଷାରେ ପଡ଼ି ରହିଥିବା ବିପୁଳ ପରିମାଣର ମାମଲା । ତେଣୁ କୋର୍ଟ ପରାମର୍ଶ ଦେଇଛନ୍ତି ଯେ ନିର୍ବାଚନ ପୂର୍ବରୁ ଭୋଟରମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ନିମନ୍ତେ ପ୍ରଦାନ କରାଯାଉଥିବା ଉପହାର ସଂସ୍କୃତିରୁ ନିବୃତ୍ତ ନିମନ୍ତେ ଏ ସମ୍ପର୍କରେ ଆଲୋଚନା କରିବା ପାଇଁ ନୀତି ଆୟୋଗ, ଅର୍ଥ କମିଶନ, ଶାସକ ଏବଂ ବିରୋଧୀ ରାଜନୀତିକ ଦଳମାନଙ୍କର ପ୍ରତିନିଧି, ଆଇନ କମିଶନ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ତଥା ଅନ୍ୟାନ୍ୟ ହିତଧାରକମାନଙ୍କୁ ନେଇ ଏକ କମିଟି ଗଠନ କରିବାକୁ କୋର୍ଟ ଆହୁରି ମଧ୍ୟ ବରିଷ୍ଠ ପରାମର୍ଶଦାତା, ରାଜ୍ୟସଭା ସଦସ୍ୟ, ତଥା ପୂର୍ବତନ ଆଇନ ମନ୍ତ୍ରୀ କପିଲ ଶିବଲଙ୍କ ମତାମତ ଲୋଡ଼ିଛନ୍ତି । କୋର୍ଟ ଏକଥା ମଧ୍ୟ କହିଛନ୍ତି ଯେ ଏହିସବୁ ଅନୁଷ୍ଠାନ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଏବଂ ଭାରତ ସରକାରଙ୍କ ନିକଟରେ ଏକ ରିପୋର୍ଟ ଦାଖଲ କରି ପାରନ୍ତି । ପରିତାପର ବିଷୟ, ଏହା ସତ୍ତ୍ୱେ କୌଣସି ରାଜନୀତିକ ଦଳ ଏଭଳି ଏକ ପ୍ରଥାକୁ ବନ୍ଦ କରିବା ପାଇଁ ସ୍ୱର ଉତ୍ତୋଳନ କରିବାର ଦେଖାଯାଇ ନାହିଁ । ତେଣୁ ତ ପ୍ରଧାନମନ୍ତ୍ରୀ ଏହି 'ରେଉଡି ସଂସ୍କୃତି ବିରୋଧରେ କହିଥିଲେ । କହିବା ବାହୁଲ୍ୟ, ଯଥାର୍ଥରେ ସେ ଦର୍ଶାଇଛନ୍ତି ଯେ ଏହା ଦେଶର ଅର୍ଥନୀତିକ ବିକାଶ ପାଇଁ ଅତ୍ୟନ୍ତ ବିପଜ୍ଜନକ' ରାଜ୍ୟମାନଙ୍କ ସ୍ତରରେ ଏହି ବିପଦ ଭୟଙ୍କର ରୂପ ନେବାରେ ଲାଗିଛି, କାରଣ ଯେକୌଣସି ରାଜନୀତିକ ଦଳ ରାଜ୍ୟରେ ଶାସନ କରୁଥାନ୍ତୁ ନା କାହିଁକି, କ୍ଷମତାକୁ ବାରମ୍ବାର ଆସିବା ପାଇଁ ସେମାନେ ଲୋକପ୍ରିୟତା ଅର୍ଜନ କରିବାକୁ ଅବିଚାରିତ ଭାବରେ ମାଗଣା ଉପହାର ଦେବାରେ ହେଳା କରୁ ନାହାନ୍ତି । ଉଲ୍ଲେଖ କରାଯାଇପାରେ ଯେ ଏହି ପ୍ରସଙ୍ଗରେ କୋର୍ଟରେ ହୋଇଥିବା ନିବେଦନରେ ଇସିଆଇ ଏକ 'ଆଦର୍ଶ ଇସ୍ତାହାର' ପ୍ରସ୍ତୁତ କରିବା ପ୍ରସ୍ତାବକୁ ମଧ୍ୟ ପସନ୍ଦ କରି ନାହାନ୍ତି । ଲୋକପ୍ରିୟତା ଅର୍ଜନକାରୀ ପଦକ୍ଷେପଗୁଡ଼ିକ ବାବଦରେ କୋର୍ଟ ଯେଉଁ ଚିନ୍ତା ପ୍ରକଟ କରିଛନ୍ତି, ତାହା ସରକାରଙ୍କ ମନୋଭାବ ସହିତ ମଧ୍ୟ ମେଳ ଖାଉଥିବା ମନେହୁଏ, ଯେହେତୁ ସଲିସିଟର ଜେନେରାଲ ଉପସ୍ଥାପନ କରିଥିଲେ ଯେ ଏହିସବୁ କାର୍ଯ୍ୟ ଭୋଟରମାନଙ୍କର ସୂଚନାପ୍ରାପ୍ତ ନିଷ୍ପତ୍ତି ନେବାର ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ; ଏବଂ ଅନିୟନ୍ତ୍ରିତ ଲୋକପ୍ରିୟତା ଅର୍ଜନକାରୀ ପଦକ୍ଷେପ ଦେଶକୁ ଏକ ଅର୍ଥନୀତିକ ବିପର୍ଯ୍ୟୟ ଆଡ଼କୁ ଟାଣି ନେଇପାରେ ମାଗଣା ଉପହାର ପ୍ରଦାନ କରିବାର ହାନିକାରକ ପ୍ରଭାବ ସମ୍ବନ୍ଧରେ ଏବେ ଯେ ପ୍ରଥମ ଥର ପାଇଁ କଥା ଉଠାଯାଉଛି, ତାହା ନୁହେଁ । ଲୋକସଭା ନିର୍ବାଚନର ଅଳ୍ପ କେତେ ସପ୍ତାହ ପୂର୍ବରୁ ଆରବିଆଇର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ରାଜ୍ୟମାନଙ୍କର ଆର୍ଥିକ ଅମିତବ୍ୟୟିତାକୁ ନେଇ ଆଶଙ୍କା ବ୍ୟକ୍ତ କରିଥିଲେ । ନଭେମ୍ବର ୨୦୨୧ର ଏକ ଆରବିଆଇ ରିପୋର୍ଟ ଏ ସମ୍ପର୍କରେ ଉଲ୍ଲେଖ କରିଥିଲା । କେବଳ ଏତିକି ନୁହେଁ, ଲୋକମାନଙ୍କୁ ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ମାଗଣାରେ ପ୍ରଦାନ କରିବାର ଯୋଜନା, କୃଷି ଋଣ ଛାଡ଼ ଇତ୍ୟାଦି ରାଜ୍ୟମାନଙ୍କର ଋଣ ହାରରେ । ବୃଦ୍ଧି କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି, ଯାହା ମୋଟାମୋଟି ଦେଶକୁ ଆର୍ଥିକ ଦୁର୍ଗତି ପଥର ପଥକ କରାଉଛି । ସମୟ ଉପଗତ ହୋଇଛି, ସବୁ ରାଜନୀତିକ ଦଳ ଲୋକପ୍ରିୟତା ଅର୍ଜନ କରିବା ପାଇଁ ଏକ ଲକ୍ଷ୍ମଣରେଖା ଟାଣିବା ଉଚିତ । ସଙ୍ଗେ ସଙ୍ଗେ ସେମାନେ ଏଥିପାଇଁ ବିଚାର ବିଭାଗର ସହାୟତା କାମନା କରିବା ମଧ୍ୟ ସ୍ପୃହଣୀୟ ନୁହେଁ । ବରଂ ରାଜନୀତିକ ଦଳମାନେ ଏ ବାବଦରେ ଏକତ୍ରିତ ହୋଇ ଆଲୋଚନା କରି ଏହାର ପରିସମାପ୍ତି ଘଟାଇବାକୁ ଉଦ୍ୟମ କରିବା ବିଧେୟ ।

# ବର୍ଦ୍ଧିତ ମାର୍କ ବାସ୍ତବ ପ୍ରତିଭାର ପରିଚାୟକ ନୁହେଁ



ଡକ୍ଟର ଲକ୍ଷ୍ମଣ ସାହୁ

ଛାତ୍ରଛାତ୍ରୀ ଏମିତି କଣ ଲେଖିଲେ ଯେ ଇଂରାଜୀ, ଓଡ଼ିଆ, ସଂସ୍କୃତ ବିଷୟରେ ବି ଶହେରୁ ଶହେ ନମ୍ବର ରଖି ଦେଲେ ? ଯେଉଁଠି ବର୍ଷେ ଦୁଇ ବର୍ଷ ପୂର୍ବରୁ ୧୧/୧୨ ପ୍ରତିଶତ ପିଲା ୬୦ ପ୍ରତିଶତରୁ ଅଧିକ ନମ୍ବର ରଖୁଥିଲେ, ଏଥର କେମିତି ୫୭ ପ୍ରତିଶତ ପିଲା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାରିଲେ ? ଏଭଳି ପରୀକ୍ଷା ପଦ୍ଧତିରେ ଛାତ୍ରଛାତ୍ରୀଙ୍କର ପ୍ରକୃତ ମେଧାର ମୂଲ୍ୟାୟନ ହୋଇପାରିଛି କି ? ଏଠି ପ୍ରଶ୍ନ ଉଠୁଛି ତରବରିଆ ଭାବେ ମୂଲ୍ୟାୟନ ହୋଇଛି ନା ସଠିକ ଭାବରେ ମୂଲ୍ୟାୟନ ହୋଇଛି ।

ଗତ ବର୍ଷ ପରୀକ୍ଷା ଫଳ ପ୍ରକାଶନ ପରେ ଆଖପାଖରେ ଉତ୍ତେଜନା ଦେଖାଦେଇଥିବା ବେଳେ ଚଳିତ ବର୍ଷ ପୁଣିଥରେ ଲକ୍ଷ୍ୟ କରାଯାଇଥିଲା ଯେ ସିବିଏସ୍‌ଇ ଅର୍ଥାତ୍ ଦେଶରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଅଧୀନରେ କରାଯାଇଥିବା ପରୀକ୍ଷାର ଫଳାଫଳ ଘୋଷଣା ପରେ ପରିସ୍ଥିତି କ'ଣ ରହିବ । ଅନୁମାନରେ ତାହା ହିଁ ଘଟିଛି - ଏହି ଫଳାଫଳ ସହିତ, ଚାରିଆଡେ ଆଶା, ନିରାଶା, ଚମକ ଓ କ୍ରୋଧର ଭାବନା ମଧ୍ୟ ଦେଖାଯାଉଛି । ଏହି ଅନୁଭବ ଛାତ୍ରମାନଙ୍କ ଅପେକ୍ଷା ପିତାମାତାମାନଙ୍କ ମଧ୍ୟରେ ଅଧିକ ଦେଖାଯାଉଛି । କୌଣସି ସ୍ଥାନରେ ଛାତ୍ର ଏବଂ ଅଭିଭାବକମାନେ ସତସ୍ତରି ପ୍ରତିଶତ ମାର୍କ ଦେଇ ପାସ୍ କରି ଫଳାଫଳରେ ତିନି ପ୍ରତିଶତ କମ୍ ମାର୍କ ପାଇବାକୁ ଦୁଃଖ ପ୍ରକାଶ କରୁଛନ୍ତି । ଛାତ୍ରମାନେ ସେହି ଅଭାବକୁ ପୂରଣ କରି ନ ପାରିବା ଭାରରେ ଭାର ବହନ କରୁଥିବାବେଳେ ଅସଫଳ ଛାତ୍ରମାନେ ଏହାକୁ ବିଚାର କରି ହତାଶ ହେଉଛନ୍ତି । ଜୀବନର ଶେଷ ଫଳାଫଳ କ'ଣ ଭାବନାର ଚାପରେ ବଞ୍ଚିବା ! ବେଳେବେଳେ ଏହି ଉଭୟ ପରିସ୍ଥିତିକୁ ସାମ୍ନା କରି ନପାରି କିଛି ଛାତ୍ରଛାତ୍ରୀ ଆତ୍ମହତ୍ୟା କରନ୍ତି । ଏହି ବର୍ଷ ମଧ୍ୟ ସମାନ ଖବର ଆସିଥିଲା । ଯେତେବେଳେ ଏହା ସମସ୍ତଙ୍କୁ ଜଣା ହେବ ଯେ ମାର୍କ ଦ୍ୱାରା ସ୍ଥିର ହୋଇଥିବା ପ୍ରତିଭାର ପରିଭାଷା ଛାତ୍ର ଉପରେ ମାନସିକ ଚାପ ସୃଷ୍ଟି କରେ । ବର୍ତ୍ତମାନ ସମୟରେ କେବଳ ଆମର ଶିକ୍ଷା ବ୍ୟବସ୍ଥା ମାର୍କ ଉପରେ ପ୍ରତିଭାର ମାନ ସ୍ଥିର କରିବା ପାଇଁ ଏକ ବ୍ୟବସ୍ଥା ହୋଇପାରିଛି । ଯଦି ଜଣେ ଛାତ୍ର ନବେ ନଅ କିମ୍ବା ଶହେରେ ଶତକଡ଼ା ମାର୍କ ପାଇଥାଏ ବା ଯଦି ଏହା ସମ୍ଭବତଃ ହୁଏ, ସମାଜ ତା' ଆଖି ଉପରେ ମୁଣ୍ଡ ରଖିଥାଏ ।

ଅନ୍ୟପକ୍ଷରେ, ଯଦି କେହି ମାର୍କ ପାଇଁ ଦୌଡ଼ରେ ପଛରେ ପଡ଼ନ୍ତି । ତେବେ ସମାଜ ତଥା ସେହି ଶିଶୁର ପରିବାର ମଧ୍ୟ ଶିଶୁର ଆତ୍ମ ବିଶ୍ୱାସକୁ ହତ୍ୟା କରିଥାଏ । ବାସ୍ତବରେ, ଆମ ସମାଜରେ ଏକ ତୁଳନାତ୍ମକ ଅଧ୍ୟୟନ ମାନସିକତା ଅଛି । ଯଦିଓ ଏହି ମାନସିକତା କୌଣସି ପ୍ରକାରେ ପିଲାମାନଙ୍କ ମଧ୍ୟରେ ଭେଦଭାବ କରେ ନାହିଁ । କିନ୍ତୁ ସେମାନଙ୍କୁ ସର୍ବଦା ତୁଳନାତ୍ମକ ସ୍ତରରେ ମୂଲ୍ୟାଙ୍କନ କରେ । ଏହି ସମଗ୍ର ବ୍ୟବସ୍ଥାରେ ସବୁଠାରୁ ଦୋଷୀ ହେଉଛି ଆମର ଶିକ୍ଷା ବ୍ୟବସ୍ଥା । ଯାହା ଆଜି ବି ବିଶ୍ୱରେ ପ୍ରଥମ ଶ୍ରେଣୀରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ମୂଲ୍ୟାଙ୍କନର ଆଧାରରେ ଛାତ୍ରଙ୍କ ପରୀକ୍ଷା ଫଳାଫଳକୁ ନିର୍ଣ୍ଣୟ କରାଯାଏ । ସେହି ପରୀକ୍ଷଣ ବ୍ୟତୀତ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାର ମୂଲ୍ୟାଙ୍କନର ଆଧାର ପ୍ରସ୍ତୁତ କରିବାରେ ସକ୍ଷମ ନୁହଁନ୍ତି । ଏହା ହେଉଛି ଶିକ୍ଷା ବ୍ୟବସ୍ଥାର ଏକ ପ୍ରକାର ପଦ୍ଧତି । ଏବେ ଶିକ୍ଷା/ ଜ୍ଞାନାର୍ଜନ ଅପେକ୍ଷା ଅଧିକ ମାର୍କ ପାଇବା ଉପରେ ଗୁରୁତ୍ୱ ଦିଆଯାଉଛି । ଏପରିକି ସାକ୍ଷରତା ହାର ବଢାଇବା ପାଇଁ ପ୍ରଥମେ ୫ମ ଶ୍ରେଣୀରେ ଏବଂ ପରେ ଅଷ୍ଟମ ଶ୍ରେଣୀରେ ବାଧ୍ୟତାମୂଳକ ପାସ୍ ନୀତି ଗ୍ରହଣ କରାଯାଇଥିଲା । ଯାହା ଦ୍ୱାରା ୯ମ ଓ ୧୦ମ ଶ୍ରେଣୀରେ ଅଧିକ ଛାତ୍ରଛାତ୍ରୀଙ୍କ ବିଫଳତା ଓ ଅଧିକ ଡ୍ରପଆଉଟ୍ ହାର ରହିଥିଲା । ଏହାର ସମାଧାନ ଭାବରେ ଏବେ ସମସ୍ତଙ୍କୁ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ପାସ୍ କରିବା ନୀତି କାର୍ଯ୍ୟକାରୀ କରାଯାଇଛି ।

କୋଭିଡ୍ ଯୋଗୁଁ ଶିକ୍ଷା ସିଲାବସରେ ପରିବର୍ତ୍ତନ କରାଯାଇ ପୂର୍ବ ଅପେକ୍ଷା ସିଲାବସ୍ ବହୁତ ଛୋଟ କରାଯାଇଥିଲା । ଶିକ୍ଷାର ଗୁଣବତ୍ତାକୁ ମଜବୁତ କରିବା ପରିବର୍ତ୍ତେ ଶିକ୍ଷାର ପରିମାଣିକ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଗଲା ଏବଂ ସେହି ଅନୁଯାୟୀ ମୂଲ୍ୟାଙ୍କନ ପଦ୍ଧତିକୁ ସରଳୀକୃତ କରାଗଲା । କେହି କେବେ ଚିନ୍ତା କରିଛନ୍ତି କି ଶିକ୍ଷା ଉପରେ ନିଆଯାଇଥିବା ନୀତି ସବୁବେଳେ ବିଫଳ ହୁଏ କାହିଁକି ? ଏହାର କାରଣ ହେଉଛି ଏହି ନୀତିଗୁଡିକ ତୃଣମୂଳ ସ୍ତରରେ କାମ କରୁନାହିଁ । ଯେମିତି ଆଗରେ ଅଷ୍ଟମ ଶ୍ରେଣୀକୁ ପାସ୍ କରିବାର ନୀତି ଗ୍ରହଣ କରାଯାଇଥିଲା ଏବଂ ସାକ୍ଷରତା ସୂଚକାଙ୍କରେ କେବଳ ସଂଖ୍ୟା ବଢାଇଥିଲା । କିନ୍ତୁ କହିବାକୁ ଗଲେ ପ୍ରକୃତରେ ଛାତ୍ରଛାତ୍ରୀ ସେହି ପରିମାଣରେ ସାକ୍ଷର ହୋଇପାରନ୍ତି କି? ଏହି ପାସ୍ ନୀତି ହେତୁ ଅନେକ ଥର ଷଷ୍ଠ କିମ୍ବା ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ମଧ୍ୟ ଆଜି ବିଦ୍ୟାଳୟରେ ସେମାନଙ୍କ ନାମ ଲେଖିବାରେ ସକ୍ଷମ ନୁହଁନ୍ତି । ଅବଶ୍ୟ ଅନେକ ଏଥିପାଇଁ ଶିକ୍ଷକଙ୍କୁ ମଧ୍ୟ ଦାୟୀ କରିବେ ?। କିନ୍ତୁ ସେମାନେ ଭୁଲିଯାଆନ୍ତି ଯେ, ଶିକ୍ଷକ ମଧ୍ୟ ଏକ ସିଷ୍ଟମ ଅଧୀନରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ, ଯାହା ନିର୍ଦ୍ଦେଶ ଦ୍ୱାରା ବନ୍ଧା । କେତେକ ଶିକ୍ଷା ନୀତିରେ ଶିକ୍ଷକ-ଛାତ୍ର ଅନୁପାତ ଏବଂ ଏହା ମାଧ୍ୟମରେ ଶିକ୍ଷାର ଗୁଣ ଉପରେ ବିତର୍କ କରନ୍ତି । କିନ୍ତୁ ଏହା କେବେ ଥରେ ବ୍ୟବହାରିକ ଭିତ୍ତିରେ କାର୍ଯ୍ୟକାରୀ ହୋଇନାହିଁ । ସରକାରୀ ବିଦ୍ୟାଳୟଗୁଡ଼ିକ ହେଉଛି ଏହି ସମ୍ପୂର୍ଣ୍ଣ ବର୍ଣ୍ଣନାର ବାସ୍ତବତା । ଯେଉଁଠାରେ ଛାତ୍ର ଶିକ୍ଷକ ଭିତ୍ତିଭୂମି ସହିତ ଅନୁପାତ ଅଭାବ ଦେଖାଯାଏ ।

ମାର୍କର ମାନକ ମୂଲ୍ୟାଙ୍କନ ଆଧାରରେ ଉଚ୍ଚଶିକ୍ଷା ବିଭାଗ ମଧ୍ୟ ହଇରାଣ ହୋଇନାହିଁ । ମାର୍କର ବୃଦ୍ଧିରେ, ଉଚ୍ଚଶିକ୍ଷାରେ ମଧ୍ୟ ମାନକ ସ୍ଥିର କରାଯାଇଥିଲା । ଉଚ୍ଚଶିକ୍ଷାକୁ ବହୁମୂଲ୍ୟ ଆଖ୍ୟା ଦିଆଯାଇଥିଲା, ଯାହା ଭାରତୀୟ ଶିକ୍ଷା ବ୍ୟବସ୍ଥାର ମୂଳ ସ୍ଥିତିକୁ ହାଇପୋନୋସିସ୍ କରିଥିଲା । ଏହା ନୁହେଁ ଯେ ଆମ ଦେଶରେ ଶିକ୍ଷା ବ୍ୟବସ୍ଥାରେ ଅଧିକ ମାର୍କ ଏବଂ ସାଇକୋଫାନ୍ସି ରୋଜଗାର କରିବାର ପରମ୍ପରା ବୃଦ୍ଧି ପାଇବାରେ ଲାଗିଛି । ଏବେ ଦେଖିବାକୁ ଗଲେ ଏହି ପରମ୍ପରାକୁ ପ୍ରୋତ୍ସାହିତ କରାଯାଇଛି ଓ ଏହି ବ୍ୟବସ୍ଥାକୁ ଛାତ୍ରଛାତ୍ରୀ ତଥା ଶିକ୍ଷକ ମୂଲ୍ୟାଙ୍କନର ଆଧାର କରାଯାଇଛି । ବର୍ତ୍ତମାନ ସମୟରେ ଶିକ୍ଷକ ସିଷ୍ଟମର ଏକ ଆଜ୍ଞାକାରୀ ପାଲଟିଛନ୍ତି । ଯଦି ଏହା ଏହା ନକରନ୍ତି, ତେବେ ସେମାନଙ୍କ ବହିଷ୍କାର ବା ସ୍ଥାନାନ୍ତର ବଦଳି ପରି ଭାରୀ ଶବ୍ଦ ସହିତ ପରିଚିତ ହୁଅନ୍ତି । ଫଳତଃ ଛାତ୍ର ମାର୍କ ଦଉଡ଼କୁ ପଛରେ ପକାଇ ଏହି ସିଷ୍ଟମରେ ଅନେକ ଥର ଜୀବନ ଦଉଡ଼କୁ ହରାଇଥାଏ ।

ସେଭଳି ଓଡ଼ିଶାରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ ସମସ୍ତଙ୍କୁ ଚକିତ କରି ଦେଇଛି । ବିଜ୍ଞାନ, ଗଣିତ କଥା ଭିନ୍ନ । ଛାତ୍ରଛାତ୍ରୀ ଏମିତି କଣ ଲେଖିଲେ ଯେ ଇଂରାଜୀ, ଓଡ଼ିଆ, ସଂସ୍କୃତ ବିଷୟରେ ବି ଶହେରୁ ଶହେ ନମ୍ବର ରଖି ଦେଲେ ? ଯେଉଁଠି ବର୍ଷେ ଦୁଇ ବର୍ଷ ପୂର୍ବରୁ ୧୧/୧୨ ପ୍ରତିଶତ ପିଲା ୬୦ ପ୍ରତିଶତରୁ ଅଧିକ ନମ୍ବର ରଖୁଥିଲେ, ଏଥର କେମିତି ୫୭ ପ୍ରତିଶତ ପିଲା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାରିଲେ ? ଏଭଳି ପରୀକ୍ଷା ପଦ୍ଧତିରେ ଛାତ୍ରଛାତ୍ରୀଙ୍କର ପ୍ରକୃତ ମେଧାର ମୂଲ୍ୟାୟନ ହୋଇପାରିଛି କି ? ଏଠି ପ୍ରଶ୍ନ ଉଠୁଛି ତରବରିଆ ଭାବେ ମୂଲ୍ୟାୟନ ହୋଇଛି ନା ସଠିକ ଭାବରେ ମୂଲ୍ୟାୟନ ହୋଇଛି । ଆଉ ଭାଷା ଭଳି ବିଷୟରେ ଫୁଲ ମାର୍କ ରଖିବା ମନରେ ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ୨୦୨୦ ମସିହାରେ ମାଟ୍ରିକ ପାସ ହାର ଥିଲା ୭୮.୭୬ ପ୍ରତିଶତ । ଆଉ ଏଥର ସବୁ ହାର ଭାଙ୍ଗି ୯୦ ପ୍ରତିଶତ ରହିଛି ପାସ ହାର ହୋଇଛି । ଏହା ସମସ୍ତଙ୍କୁ ଦ୍ୱନ୍ଦରେ ପକେଇଛି । ଗଣିତ, ବିଜ୍ଞାନରେ ଶହେ ମାର୍କ ଆସିବାଟା ସାଧାରଣ କଥା ଏହାର ଅସଂଖ୍ୟ ନଜିର ମଧ୍ୟ ରହିଛି । ହେଲେ ଇଂରାଜୀ, ଓଡ଼ିଆରେ ଶହେରୁ ଶହେ ରଖିବା କେଉଁଠି ନା କେଉଁଠି ଅନେକଙ୍କୁ ହଜମ ହେଉନି ।

ମାଟ୍ରିକ ପରୀକ୍ଷାକୁ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏହାକୁ ପ୍ରଥମ ପରୀକ୍ଷା ଭାବେ ବିବେଚନା କରାଯାଉଥିବା ବେଳେ ଏ ପ୍ରକାର ପରୀକ୍ଷାଫଳ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ କେତେଦୂର ସହାୟକ ହେବ ଅନେକଙ୍କ ମନରେ ଅଜସ୍ର ପ୍ରଶ୍ନବାଚୀ ଉଙ୍କି ଆସେ ? ଆଜିର ପରୀକ୍ଷାଫଳ ଏକ ବିରାଟ ବିତର୍କ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି । ତେବେ ନିଷ୍କର୍ଷରେ କହିବାକୁ ହେଲେ ଇଣ୍ଟରନାଲ୍ ଆସେସମେଣ୍ଟ ଯୋଗୁ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ନମ୍ବର ବଢ଼ିଲା । ତା' ସତ୍ତ୍ୱେ ନିଜ ସ୍କୁଲରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ହେତୁ ନମ୍ବର ବଢ଼ିବାର କାରଣ ଅନେକ କହନ୍ତି । ତେଣୁ ନମ୍ବର ବୃଦ୍ଧି ପଛରେ ଏ ସବୁ କାରଣ ହୋଇଥାଇପାରେ ମାନିବାକୁ ହେବ । ୨୦୨୩ ରେ ମାଟ୍ରିକ ପରୀକ୍ଷା ନିର୍ଦ୍ଦିଷ୍ଟ ଭାବେ ଏଭଳି ଢାଞ୍ଚାରେ ନହୋଇ ପୁଣି ନୂଆ ଢାଞ୍ଚାରେ ହେବ ବୋଲି ଶୁଣାଯାଏ । ସେ ସଂପର୍କିତ ରୂପରେଖ ହୁଏତ ଆଗକୁ ନିଶ୍ଚୟ ସ୍ପଷ୍ଟ ହେବ। କିନ୍ତୁ ଚଳିତ ବର୍ଷର ପରୀକ୍ଷା ଯେଉଁ ସ୍ଥିତି ସୃଷ୍ଟି ହୋଇଛି, ସେଥିରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ହୁଏତ ଭଲ କଲେଜରେ ନାମ ଲେଖାଇବାର ସୁଯୋଗ ପାଇବେ ନାହିଁ ଅନେକ ସନ୍ଦିହାନ ଅଛନ୍ତି ।

ଜ୍ଞାନ ହେଉଛି ସଂଖ୍ୟା ଅପେକ୍ଷା ଅଧିକ ବଞ୍ଚିବାର କଳା । ଯାହାକୁ ସମସ୍ତେ ଭୁଲିଯାଉଛେ, କାରଣ ଏହି ପୁଞ୍ଜିପତି ଯୁଗରେ ମଣିଷ ବଞ୍ଚିବା ଅପେକ୍ଷା ଅଧିକ ବଞ୍ଚିବା ପାଇଁ ମୌଳିକ ଆବଶ୍ୟକତା ପାଇଁ ଦଉଡ଼ରେ ଅଛି । ସେ ନିଜ ପିଲାଙ୍କୁ ସମାନ ଦଉଡ଼ରେ ପଛରେ ଦେଖିବାକୁ କେବେ ଚାହେଁ ନାହିଁ । ଆଜି ହେଉଛି ଶିକ୍ଷା ବଜାରର କେନ୍ଦ୍ରରେ ଅଛି ପୁଞ୍ଜି । କହିବାକୁ ଗଲେ ଏବେ ସେହି ପୁଞ୍ଜି ଅଧୀନରେ ସମସ୍ତେ ଯେମିତି କିଣା ଶ୍ରମିକ ପାଲଟି ଯାଇଛନ୍ତି । ପୁନର୍ବାର କହିରଖେ ଛାତ୍ର ପ୍ରକୃତ ମେଧା ମାର୍କ ଦଉଡ଼କୁ ପଛରେ ପକାଇ ଏହି ସିଷ୍ଟମରେ ଅନେକ ଥର ଜୀବନ ଦଉଡ଼କୁ ହରାଇଥାଏ...!!!

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ: ୯୦୪୦୧୫ ୧୪୭୫

# ଆମ ବାଲେଶ୍ୱର ସ୍ୱଚ୍ଛ ବାଲେଶ୍ୱର



ସୁବ୍ରତ କର

ରାଜ୍ୟ ସରକାର ହେଉ ବା ଦିଲ୍ଲୀ ସମସ୍ତେ ପ୍ରତିଯୋଗିତା ମୂଳକ ଭାବରେ ଜନ ସାଧାରଣ ପାଇଁ ବିଭିନ୍ନ ପ୍ରକାରର ଯୋଜନାମାନ ଚଳାଉଛନ୍ତି ଏବଂ ନିକଟ ଭବିଷ୍ୟତରେ ଆହୁରି କିଛି ନୂଆ ଯୋଜନା ଆସିବାର ଅଛି କାରଣ ସାଧାରଣ ଇଲେକ୍ସନ ଆଉ ମାତ୍ର ଦୁଇବର୍ଷ । ଯେଉଁ ସରକାର କରନ୍ତୁ ଆମ ପାଇଁ ଭଲ । କାରଣ ସବୁ ପ୍ରକାର ଯୋଜନାର ସୁଫଳ ଆମ ପାଇଁ । ଏହିସବୁ ଯୋଜନା ମଧ୍ୟରୁ ସ୍ୱଚ୍ଛ ଭାରତ ଅନ୍ୟତମ । ଏହା ଭାରତ ସରକାରଙ୍କ ଏବଂ ପ୍ରାୟ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଆରମ୍ଭ ହୋଇଛି । ଏହି ଯୋଜନା ମାଧ୍ୟମରେ ପରିଷ୍କାର ପରିଚ୍ଛନ୍ନ ରଖିବା । ଆମ ବାଲେଶ୍ୱର ସହର ଏହାର ପରିସରରେ ଆସିବା ପରେ ସତରେ ସହରର ବାସିନ୍ଦା ଏହାର ସୁଫଳ ପାଉଛନ୍ତି । ଏଥିରେ ସହଯୋଗର ହାତ ବଢ଼େଇଛନ୍ତି ଜିଲ୍ଲା ପ୍ରଶାସନ ଏବଂ ବାଲେଶ୍ୱରରେ ଥିବା ୩୧ଟି ସାହିର କାଉନସିଲର ମାନେ ଏବଂ ମୁନିସିପାଲଟିର ଅଧକ୍ଷ ଏବଂ ଉପାଧକ୍ଷ ମଧ୍ୟ । ଆମ ସହରରେ ଏହି ଯୋଜନା ପ୍ରାୟ ଗତ ଦୁଇବର୍ଷ ହେବ କାର୍ଯ୍ୟକାରୀ କରାହେଉଛି । ସେତେବେଳେ ଜନ ପ୍ରତିନିଧିମାନେ ନ ଥିଲେ । ଜିଲ୍ଲା କଲେକ୍ଟର ଥିଲେ ମୁନିପାଲଟିର ଅଧକ୍ଷ ଏବଂ ଉପ ଜିଲ୍ଲାପାଳ ମୁଖ୍ୟ କାର୍ଯ୍ୟକାରୀ ଅଧକ୍ଷ । ଏହି ଯୋଜନାରେ ପ୍ରତି ୱାର୍ଡକୁ ଗୋଟାଏ ଲେଖା ଛୋଟ ତିନି ଚକିଆ ଗାଡ଼ି ସହିତ ଦୁଇ ତିନିଜଣ ମହିଳାଙ୍କୁ ନିୟୋଗ କରାଯାଇଛି । ଏମାନଙ୍କ କାମ ତାଙ୍କ ଭିତରୁ ଜଣେ ଗାଡ଼ିଟି ଚଳେଇ ସାହିର ପ୍ରତି ଘର ପାଖକୁ ପାଇଁ ସବୁ ପ୍ରକାରର ଘରର ମଇଳା ଆବର୍ଜନାକୁ ଏକାଠି କରିବା ଏବଂ ଏହା ପାଇଁ ସକାଳ ସମୟ ଧାର୍ଯ୍ୟ କରା ହୋଇଛି ଏବଂ ସେମାନେ ପ୍ରାୟ ମାଇକ ବଜାଇ ଠିକ୍ ସମୟରେ ଘର ସାମନାରେ ଗାଡ଼ି ଲଗାଇ ଦିଅନ୍ତି । ଗାଡ଼ିର ଗୋଟାଏ ପଟରେ ସୁଖିଲା ଏବଂ ଅନ୍ୟପଟେ ଓଦା ମଇଳା ପକାଇବାର ବ୍ୟବସ୍ଥା କରାହୋଇଛି । ସବୁଠୁ ବଡ଼ କଥା ହେଉଛି ଗାଡ଼ି ତଳେଇବାଠୁ ଆରମ୍ଭ କରି ମଇଳା ସଂଗ୍ରହ କରିବା ଏବଂ ତାର ବ୍ୟବସ୍ଥା କରିବା ତାଙ୍କର ଦାୟିତ୍ୱ ଏବଂ ଖୁବ୍ ଭଲ ଭାବରେ ସେମାନଙ୍କ କାର୍ଯ୍ୟକୁ ସେମାନେ ତୁଲାଉଛନ୍ତି । ଘରର କୌଣସି ମଇଳା, ଆବର୍ଜନା ଆଉ ଘର ପଛରେ, ରାସ୍ତା ବା ଗଳିରେ ପକାଇବାର ଆବଶ୍ୟକ ପଡୁନାହିଁ । ସତରେ, ଏହି ଯୋଜନାଟି ଅତି ସୁନ୍ଦର ଏବଂ ସମସ୍ତେ ଖୁସି । ଆପଣମାନେ ଏବେ ଲକ୍ଷ କରିଲେ ଦେଖିବେ ବାଲେଶ୍ୱର ସହରର ଗଳି, ରାସ୍ତା ଆଗଠୁ ବହୁତ ପରିମାଣରେ ସଫା ସୁତୁରା । ଏହା ଉପରେ କିନ୍ତୁ ଜିଲ୍ଲା ପ୍ରଶାସନର କଡ଼ା ନଜର ରହିଛି । ଏବେ ଏବେ ଜିଲ୍ଲା ପ୍ରଶାସନ ଦ୍ୱାରା ସଂଜୟ ହାଇଟ୍‌ସ ସମ୍ମୁଖରେ କୁଢ଼ କୁଢ଼ ମଇଳା ଜମା ହୋଇଥିଲା । ଜିଲ୍ଲା ପ୍ରଶାସନ ପ୍ରଥମ ଥର ପାଇଁ ଟଙ୍କା ଆକାରରେ ଫାଇନ କରିଲେ ଏବଂ ଏପରି ଭବିଷ୍ୟତରେ କରିଲେ ଏହାଠୁ କଠିନ ଦଣ୍ଡର ବ୍ୟବସ୍ଥା ହେବ । ଏହାପରେ ନିଶ୍ଚୟ ବାଲେଶ୍ୱର ବାସିନ୍ଦା ଏବଂ ଜନ ସାଧାରଣ ଏହାକୁ ଚେଲେଞ୍ଜ ଭାବରେ ନେଇ ଭଲ ଭାବରେ ମୁକାବିଲା କରିବେ ଏବଂ ମୁନିସିପାଲଟିର ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବେ ଏବଂ ଆମ ସହରକୁ ଆହୁରି ସରସ ଏବଂ ସୁନ୍ଦର କରି ତୋଳିବା । ତେବେ ଆମ ବାଲେଶ୍ୱର ରାଜ୍ୟର ମଡେଲ ସହରର ସ୍ଥାନ ପାଇବ ।

## କବିତା କୋଣାର୍କ

### ମୋ ଗାଁ

ବାପିନି ସିଂ

ଗାଆଁଟି ମୋର ସବୁଜ ପରିବେଶେ
ହୋଇଅଛି ଆଚ୍ଛାଦିତ
ରଙ୍ଗ ବେରଙ୍ଗର ବୃକ୍ଷ ଲତାଦିରେ
କରିଦିଏ ମୋହମିତ ।

ଗାଆଁଟିରେ ମୋର ଅଛି ବିଦ୍ୟାଳୟ
ପିଲାଏ ପଢ଼ନ୍ତି ପାଠ
ପାଠ ପଢ଼ା ସହ ହୁଅଇ ସେଠାରେ
ଖେଳ କୁଦ ପରି ସାଠ ।

ଦକ୍ଷିଣେ ଅଛନ୍ତି ଆମ ଗ୍ରାମଦେବୀ
ତାଙ୍କ ନାମ ମହାବଳୀ
ପଶ୍ଚିମେ ଅଛନ୍ତି ପ୍ରଭୁ ବଂଶୀଧର
ନାଚୁଥାନ୍ତି ଢଳିଢଳି ।

ବିଦ୍ୟାଳୟ ପଛପଟ ଦେଇ ଗଲେ
ପଡ଼ିବ ଆମର ଘର
ଆମ ଘର ଦେଇ ଆଉ ଟିକେ ଗଲେ
ପାଇବ ଜଳ ଭଣ୍ଡାର ।

ଗାଆଁ ମୁଣ୍ଡେ ନିତି ପୂଜା ପାଉଛନ୍ତି
ସ୍ୱୟଂଭୁ ହରିଶଙ୍କର
ତାଙ୍କ ମନ୍ଦିରର ଅଗ୍ରଭାଗେ ଅଛି
ଛୋଟ କଳସୀ ତାଙ୍କର ।

ମନ୍ଦିର ସହିତ ରହିଅଛି ଲାଗି
ଆମ ଗୋଡ଼ି ପୁଷ୍କରିଣୀ
ସ୍ତ୍ରୀ ଲୋକମାନେ ନିତି ଧୁଅନ୍ତି ସେଠି
ଲୁଗାପଟା ସବୁ ଆଣି ।

ପୂରୁବ ଦିଗରେ ରହିଅଛି ପରା
ସୁନ୍ଦର ଜଙ୍ଗଲଟିଏ
ସେହି ଜଙ୍ଗଲରୁ ଆଣିଥାଉ ଆମେ
ଜାଳ ପାଇଁ କାଠଟିଏ ।

ଆମ ଗ୍ରାମଠାରେ କେତେ ପ୍ରଜାତିର
ପଶୁପକ୍ଷୀ ମାଳମାଳ
ସେଥିପାଇଁ ପରା ଆମ ଗାଁର ନାମ
ହୋଇଅଛି ଅଁଳାପାଳ ।

♥ ଅଁଳାପାଳ, ଗରଡିହୀ,
ନୀଳଗିରି, ବାଲେଶ୍ୱର
ମୋ: ୯୯୩୭୮୨୦୮୩୧

### ମଧୁର ସ୍ମୃତି

ଲୋକନାଥ ମହାପାତ୍ର

ବାରମ୍ବାର ଆସଇ ପିଲାଦିନର
ମଧୁର ସ୍ମୃତି
ଚାଲିଗଲା ଜୀବନର
ସବୁଠାରୁ ଶ୍ରେଷ୍ଠ ଖୁସି

ନିଶ୍ଚିନ୍ତ ଖେଳିବା ଖାଇବା ବୁଲିବା
ନିର୍ଭୟ ସ୍ୱଚ୍ଛନ୍ଦ
କିପରି ଭୁଲି ହେବ
ପିଲାଦିନର ଅଭୁଲା ଆନନ୍ଦ

ଜେଜେମାଙ୍କ ଗପ ଆଇଙ୍କ ସ୍ନେହ ଆଦର
ପିଲାଦିନର ସ୍ମୃତିକୁ କରିଥାଏ ସୁମଧୁର

ମାଆ ର ଗେଲ ଆଉ ବାପାଙ୍କ ସରାଗ
ପିଲାଦିନ ସମୟକୁ କରେ ସତେ ସରଗ

ସେ ସୁଖ ସାମ୍ରାଜ୍ୟ ଛାଡି
ଯେବେ ବଡ଼ ହେଲି
ମରୀଚିକା ପଛେ ଧାଇଁ
ଶାନ୍ତି ହଜାଇଦେଲି

ଆ ପିଲାଦିନ ଫେରିଆ
ଦେଇଯା ତୋ ନିର୍ମଳ ଶାନ୍ତି
ଦୂର କରିଯା ଜୀବନର
ସବୁ ଚିନ୍ତା ବ୍ୟଥା ଅଶାନ୍ତି।

♥ ବ୍ରହ୍ମପୁର

### ଶିବ ମୁନିଙ୍କ ଏ ସଚାଜ୍ଞାନ

ଯୋଗୀ କୃପାସିନ୍ଧୁ ମୁନି

କହ କହ ଭାଇ କର୍ମ ବିନା କେହି
ହୋଇଛି ଧନବାନ
ମିଥ୍ୟାଛାଡ଼ି ସତ୍ୟ କସରତ ବିନା
କେ ହୋଇଛି ବଳବାନ

ମର୍ତ୍ତେ ମାନବ ହୋଇଛି ଜନ୍ମ
ଈଶ୍ୱର ଦ୍ରୋହିକେ ନୁହେଁ ସୁଜନ ।

ସ୍ୱଜନ୍ତ, ବିଚାରେ ମୂକହସ୍ତେଜଳ
ଉଠିବ କି ଦିଅ ଧ୍ୟାନ
ଗୋଲାମ ହୋଇକେ ବିତିଲେ ଜୀବନ
କିଏ ହୋଇଛି ଯବାନ
ନିରାକାର କିଛି କୁହନ୍ତି ନାହିଁ
ଅଜ୍ଞାନୀ ଜନେ ମିଥ୍ୟା କହଇ ।

କଳ୍ପନା ଠାକୁର ବିନା ଏ ମନ୍ଦିର
କାଠମାଟି ପାଷାଣରେ
ଜୀବ ଶିବ ବୋଲି ନଜାଣି ସେହି
ମୂର୍ତ୍ତୀ ପୂଜେ ଅଜ୍ଞାନରେ
ଶିବ ମୁନିଙ୍କର ଏ ଶଚାଜ୍ଞାନ
ଘେନ କୃପାସିନ୍ଧୁର ନିବେଦନ ।

♥ କୁଣବଳଦା,
ଗୁଡ଼ିଖାଳ ଆଶ୍ରମ, ବାଲେଶ୍ୱର

### ଛୁଇଁବାକୁ ଯାଇ

ଡୁଲେଶ୍ୱର କୁମାର ସାହୁ

ନିଃଶବ୍ଦ ରାତିରେ ଅନ୍ଧକାର
ବାଟରେ ଏକ୍ଲା ହୋଇ
ମନ ଭିତରେ ଗୁଣୁ ଗୁଣୁ ଶବ୍ଦ ହୁଙ୍କି ମାରି
ବାହାରି ପଡିଛି ଜଙ୍ଗଲର ଅଦ୍ଭୁତ ଓ
ଅନାବୃତ ପକ୍ଷୀ ମାନଙ୍କୁ ଭେଟିବା ପାଇଁ
ମାଟି ଭିତରେ ଥିବା
ଚେର ମାନଙ୍କୁ ଛୁଇଁବା ପାଇଁ ।

ଅକୁହା ସପନର ଛାୟି ହୋଇ ଉଆଁସ
ରାତିଆର ଜହ୍ନକୁ ଦେଖିବା ଆଶାରେ ମୁଁ
ଏବେ ବିଭୋର ପାଲଟି ଯାଇଛି ନଇଁ,
ନାଳ, ପାହାଡ଼, ପର୍ବତ ସତାଧିକ କଣ୍ଟାର
ଯନ୍ତ୍ରଣାକୁ ସହି ବାହାରି
ପଡିଛି ଜହ୍ନକୁ ଛୁଇଁବାକୁ ଯାଇ

ମୋ କୋମଳ ହାତ
ଆଜି ରକ୍ତର ଚିହ୍ନ, ବର୍ଣ୍ଣରେ
ପାଛୋଟି ଯାଇଛି
ପ୍ରେମିକାର ଅଭିଳାଷକୁ ?
ପୂରଣ କରିବାରେ ମୁଁ ଆଜି ପ୍ରେମିକ
ପାଲଟି ଯାଇଛି ଗୋଲାପ ଫୁଲର କଅଁଳ
ପାଖୁଡା କୁ ଛୁଇଁବାକୁ ଯାଇ ।

ନିଜ ମୁହଁ ଆଇନା ଭିତରେ ଝିକ୍
ମିକିଆ ତାରା ଭଳି
ଝଲସୁ ଥାଏ ଦେଖିହୁଏ ନିଜ ମୁହଁ କିଛି
ସମୟ ସ୍ପର୍ଶ କରିବାର ବାହାନାରେ
ମୋ ଦୁଇହାତ ଅଧିର
ଛୁଇଁବାକୁ ଯାଇ ।

♥ ରେଗଡା,
କର୍ଲାମୁଣ୍ଡା, କଳାହାଣ୍ଡି
ମୋ-୭୦୭୭୩୨୭୯୩୧

### ହିରୋ

ଦୀପକ କୁମାର ନାଏକ

ଯିଏ ଦିନକ ଆଗରୁ ନିଜର ମୁହଁରେ
ସବୁ ସତକଥା କହୁଥିଲା
ଗୋଟିଏ ଦିନରେ ଏମିତି କଣ ହେଲା
ସେ ନିଜକୁ ପାଗଳ କହିଲା !!
ସତକଥା କେହି ହଜମ କରିପାରିଲେନି
କଳେ ବଳେ ଚାପି ଦେଲେ
ନୀରିହ ବାବୁ ସଞ୍ଜୟ ଏଇ ଚାପରେ
ଧରାଶାୟୀ ହୋଇଗଲେ !!
ସତକଥା କହିବା କଣ
ଏତେବଡ଼ ପାପ ଯେ
ନିଜେ ନିଜକୁ ପାଗଳ କହିଲେ
ସତ କହିବାଟା ଏଠି
ବିପଦ ସାବ୍ୟସ୍ତ ହୁଏ
ବାବୁ ନିଜେ ଅଙ୍ଗେ ଲିଭେଇଲେ !!
ଶେଷରେ ବାବୁ ସଞ୍ଜୟ ଚିନ୍ତାଗ୍ରସ୍ତ ହୋଇ
ନିଜ କଥା ବଦଳାଇ ଦେଲେ
ହେଲେ ଦୁନିଆଁ ଆଗରେ ଗୋଟିଏ
ଦିନରେ
ହିରୋ ଗିରି ସାଜିଗଲେ
ହିରୋ ଗିରି ସାଜିଗଲେ !!

♥ ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢ଼େଙ୍କାନାଳ
ମୋ: ୮୬୩୭୨୬୧୮୨୮

# ସ୍ମୃତି ମୋ ଜୀବନ ଧନ

## ପ୍ରଫୁଲ୍ଲ ବାରିକ



ପ୍ରତି ଶୁକ୍ଳପକ୍ଷରେ ମାତା ଧରିତ୍ରୀ ସିନା ସଫେଦ ଶୁଭ୍ରଶାଢ଼ୀ ପିନ୍ଧି ହସୁଥାଆନ୍ତି ଖିଲି ଖିଲି, ନଗ୍ରରୁ ସହର, ଗାଁରୁ ଗୋହିରି ବିଲପାଟ ତୋଟା ବଗିଚାରେ ଢେଉ ଭାଙ୍ଗୁଥାଏ ଜୋଛନାର ଶୀତଳ ଲହରୀ, ମୋ ମନ ଆକାଶକୁ କିନ୍ତୁ ଢାଙ୍କି ରଖିଥାଏ କଳାମେଘର ବହଳ ବାଦଲ । ମେଘ ସିନା ହୁଏନି, ଥମ ଥମ ଆକାଶ ଲାଗୁଥାଏ ଦୁର୍ବଳ ମୌସୁମିର ଡରାବନା ମେଘ ପରି । କୌଣସିବି ମୁହୂର୍ତ୍ତରେ ହେବାର ସମ୍ଭାବନାକୁ ଏଡେଇ ଦିଆଯାଇ ନପାରେ ।

ପରିସ୍ଥିତିର କାରଣ ନିଜେ ମୁଁ । ହେଲେବି, ସ୍ୱାମୀର ସେଣ୍ଟିମେଣ୍ଟକୁ ବୁଝିବା ସ୍ତ୍ରୀ'ର କର୍ତ୍ତବ୍ୟ ନୁହେଁକି ? ବୁଝିବ କଣ, ଓଲଟି ସାମାନ୍ୟ କଥାରେ ତିଳକୁ ତାଳକରି ସୃଷ୍ଟି କରିବ ପରିବାରରେ ଲଘୁଚାପଯେ ସିଧା ପ୍ରଭାବ ପଡିବ ଆସି ମୋ ମନମସ୍ତିଷ୍କରେ । ତେବେ ବି ବିରତ ହେଇ ହୁଏନି ସେ ରୁଚି ଅଭ୍ୟାସରୁ ।

କଥା ଏଇଆ ଯେ ଜହ୍ନରାତି ପ୍ରତି ମୂଳରୁ ମୋର ଦୁର୍ବଳତା । ଇଛା ହଉଥିବ ଏ ରାତି ନ ପାହାନ୍ତାକି ? ଇମିତିତ ବାଙ୍ଗାଲୋରର ଏ ତ୍ରିତଳ ଫ୍ଲାଟରେ ନା ବାରଣ୍ଡା ଅଛି ଚେୟାର ପକେଇ ବସି ଅନେଇବି ଜହ୍ନକୁ । ବାଲକୋନୀ ବୋଲି ଯୋଉ କୁଣ୍ଢେ ଜାଗା, ସେଠୁ ଚନ୍ଦ୍ର ଦର୍ଶନ ଅସମ୍ଭବ । ତଳକୁ ଗଲେ ନିଅନ ଆଲୁଅରେ ଅସ୍ତିତ୍ୱ ମିଳେନା ଜହ୍ନର ଉପଲବ୍ଧି ପାଇଁ । ଅଥଚ, ଚନ୍ଦ୍ର ଦର୍ଶନ ତୃଷାରେ ଆକୁପାକୁ ହଉଥିବ ମନ । ଶେଷକୁ ରାସ୍ତାଟିଏର ସନ୍ଧାନ ମିଳେ। ସିଧା ଚାଲି ଆସେ ସିଢ଼ି ଚଢି ଛାତ ଉପରକୁ । ତଳ ଲାଇଟ ସବୁ ଉର୍ଦ୍ଧ୍ୱମୁଖି ହେଇ ପାରନ୍ତି ନାଇଁ । ଛାତ ଉପରୁ ଗୋଟା ଆକାଶ ଚନ୍ଦ୍ରମୟ । ସଫେଦ ଜୋଛନାରେ ଦିଶି ଯାଉଥିବ ଧରିତ୍ରୀ ଆଖି ପହଞ୍ଚ ଯାକେ । ତଳେ ନିଅନ ଲାଇଟରେ ବଜାର ଲାଗୁଥିବ ଦୂରସ୍ଥ ମେଳାର ଦୃଶ୍ୟ ପରି। ଏବଂ ଧାଁ'ଧପାଳିରେ ଗାଡିମାନ ଲାଗୁଥିବେ ଅନ୍ଧାରରେ ଉଡୁଥିବା ଦଳଦଳ ଜୁଲୁଜୁଲିଆ ପୋକ। ଜହ୍ନର ଜୋଛନା ଢେଉ ଭାଙ୍ଗୁଥିବ ଗୋଟା ଧରିତ୍ରୀରେ । ଶୀତଳ ଜୋଛନାରେ ଓଦା ହେଇ ମୁଁ ଅନୁଭବୁ ଥିବି ଛାତର ଗୋଟିଏ କୋଣରେ ପିଣ୍ଡିଟିଏ ଉପରେ ବସି । ବସୁବସୁ ବସିଯିବି ଢେର ସମୟ । କେତେବେଳେ ରାତି ନଅ, କି ଦଶ ହେଇଯିବ, ଘଡି ଦେଖିଲେ ହେଜ ଆସିବ । ତରବରରେ ଧାଇଁବି ଘରକୁ । ଅରୁ ପାଚି ସାରିଥିବ ଲୁହା ଖଣ୍ଡେ ପରି । ଛୁଇଁବାତ ଦୂର, ପାଖକୁ ଗଲେଇ ପୋଡି ହେଇଯାଉଥିବ ଦେହମନ । ତା କହିବା କଥା ଅବଶ୍ୟ ଅଯୌକ୍ତିକ ନୁହେଁ । ତମାମ ଦିନ ସିଏ ଏକଲା ଘରେ । ମୋର ଅଫିସ ସହ ପିଲା ଦୁହିଁଙ୍କର ସ୍କୁଲ । ସନ୍ଧ୍ୟାରେ ବସି ଭଲ ମନ୍ଦ ପଦେ କଥା ହବାର ଅଛି । ତା'ସହ ପିଲାଙ୍କ ସ୍କୁଲ ଟାସ୍କ । ସବୁକୁ ହଟନଜର କରି ମୁଁ ଆସି ବସେ ଜହ୍ନ ସହ ସମ୍ପର୍କ ଯୋଡି । କଥା ହବା ଚୁଲିକୁ ଯାଉ, ପିଲାଙ୍କୁ ଟାସ୍କ କରେଇ, ଖୁଆଇ ଶୁଆଇବା ପରେ ଯାଇ ଆବିର୍ଭାବ ହେବ ମୋର । କୋଉ ସ୍ତ୍ରୀ ନରାଗିବଯେ ? ମୁଁ'ଯେ ବୁଝେନା ତା ନୁହେଁ, ହେଲେ ମୁକୁଳି ପାରିଲେତ ଚନ୍ଦ୍ର ପ୍ରେମରୁ ? ଖାସ ଏଇଥିପାଇଁ ଝଗଡା, ମୁହଁ ଫୁଲା ଗୋଟା ଶୁକ୍ଳପକ୍ଷ, ଯେଯାଏ ଆକାଶରୁ ବିଦାୟ ନନେଇଛନ୍ତି ଚନ୍ଦ୍ରମା ।

ଅସଲରେ ଗାଁ ମାଟିର ମଣିଷ ମୁଁ । ଚନ୍ଦ୍ରରେ ବିଜଡିତ କେତେ ସ୍ମୃତି । ବାଙ୍ଗାଲୋରରୁ ବର୍ଷକେ ଥରେବି ଗାଁ'ଯିବା ସମ୍ଭବ ହୁଏନା । ମନ କିନ୍ତୁ ଛଟପଟଉଥାଏ ଅହରହ । ଦିନ ତମାମ କର୍ମକ୍ଷେତ୍ରର ବ୍ୟସ୍ତତା ଭିତରେ ଅନ୍ୟକିଛି ମନକୁ ଆସେନା । ସବୁଥିରୁ ମୁକୁଳି ଏଇ ଛାତ ଉପରୁ ଚାହିଁଦେଲେ ଜହ୍ନକୁ,ଦିଶିଯାଏ ଗୋଟା ଗାଁ ଏବଂ ଗାଁ'ରେ ଜହ୍ନର ଅନୁଭବ । ଭାରି ଭଲ ଲାଗେ । ସେ ଆନନ୍ଦକୁ ତଉଲି ପାରେନା ଆଧୁନିକ ଜୀବନର କୃତ୍ରିମ ପ୍ରାଚୁର୍ଯ୍ୟ ସହ ।

ଚନ୍ଦ୍ରରେ ଦେଖେ ମୋ ଗାଁ'କୁ । ଦିଶିଯାଏ ପିଲା ଦିନେ ବିତେଇ ଥିବା ଦିନମାନଙ୍କୁ । ଶୈଶବ ସତେ କେଡେ ମଧୁର । ପରୀକ୍ଷାଫଳ ବାହାରି ହେଇଥିବ ଖରା ଛୁଟୀ । ମନ ଥିବ ଚିନ୍ତା ମୁକ୍ତ । ଜହ୍ନ ସନ୍ଧ୍ୟାରେ ସଉପ ପାରି ବସିବ ଜେଜୀ। ପାଖରେ ନଢ଼ିଆ ଗଛର ବାଉଙ୍ଗାରେ ଥିରି ଥିରି ଦକ୍ଷିଣା ପବନ । ଝୁଲନ୍ତ ବାଉଙ୍ଗାରେ ଦୋଳି ଖେଳୁଥିବ ଜହ୍ନ। ବାଦଲ ଢାଙ୍କି ହେଇ କେତେବେଳେ ଘୋଟି ଆସୁଥିବ କାଳି ଅନ୍ଧାର, ତ ପୁଣି ବାଦଲ ହଟିଗଲେ ଯୋଉ ତୋରାକୁ ସେଇ ସଫା ଜହ୍ନ । ଜେଜୀଙ୍କୁ ଘେରି ବସିଥିବୁ ଆମେ ଭାଇ ଭଉଣୀଙ୍କ ସହ ଆଉରି କିଛି ଗାଁ'ପିଲା । ଆମ ଅନୁରୋଧରେ ଜେଜୀ ଖୋଲିବେ କାହାଣୀ ପେଡି । ସେ କାହାଣୀସବୁ ଥିବ କଞ୍ଚା ଡାଆଣୀ, ଚରା ଡ଼ାଆଣୀ, ଖପିସ ଭୁତଙ୍କୁ ନେଇ । ଅଧରାତିରେ ଶ୍ମଶାନରେ ଏନ୍ତୁଡ଼ି ଜାଳି ଡ଼ାଆଣୀ ସେକୁଥିବ ତା ନବଜାତ ଶିଶୁକୁ । ପୁଣି ଚରା ଡାଆଣୀ ପୋଖରୀ ହୁଡ଼ାରେ ଲୁଗା ରଖି ଗୋଟା ଲଙ୍ଗଳା ହେଇ ଚରୁଥିବେ ଘୁଅ ବାଡ଼ିରେ ତଳକୁ ମୁହଁକରି ଉପରକୁ ଗୋଡ଼ ଟେକି । ବରଗଛ ଡ଼ାଳରେ ବସି ଗୋଡ଼ ଲମ୍ବେଇ ଦେଉଥିବ ତଳକୁ ଖପିସ । ଯିବା ଆସିବା ବାଟୋଇ ଭେଟଣା ହେଇ ଯାଉଥିବେ ମୂର୍ଚ୍ଛା । କେତେଥର ଏ ଦୃଶ୍ୟ ଦେଖିଛନ୍ତି ଗାଁ'ର ପୁରୁଣା ଲୋକ । ଏବେବି ପଚାରିଲେ ବଖାଣିବେ ।

ଆମେ ଶୁଣୁଥିବୁ ଜେଜୀଙ୍କୁ ଘେରି ଚୁପଚାପ । ଭୟରେ ଜାବୁଡି ଧରିଥିବୁ ଜେଜୀଙ୍କ କାନୀକୁ । ବୋଉ ଡାକିବ ଖାଇବାକୁ । ଫେରିଯିବେ ଚରା ଡାଆଣୀ, କଞ୍ଚା ଡାଆଣୀ, ଭୁତ ଓ ଖପିସ ମାନେ । ଆମେ ଜେଜୀଙ୍କୁ କୁଣ୍ଢେଇ ଜାବୁଡି ଆସିବୁ ସନ୍ତର୍ପଣରେ ଘରକୁ । ବୋଉ ପାଟି କରିବ ଜେଜୀଙ୍କ ଉପରେ । ପିଲାଙ୍କୁ ଏସବୁ କହନ୍ତି ? ସେମାନେ ଡରିବେନି ? ଡରି ସ୍ୱପ୍ନ ଦେଖିବେନି ? ସ୍ୱପ୍ନ ଦେଖିଚି କି ନାଇଁ, ମନେ ନାଇଁ । ହେଲେ ଆଜିବି ସେ ଭୁତ ଡ଼ାଆଣୀଙ୍କ ଆଡା ଭାଙ୍ଗିନି ମନରୁ । ଆଜିବି ଗାଁ'ମୁଣ୍ଡ ବରଗଛ ଓ ଶ୍ମଶାନପଦା ପାଖଦେଇ ଅନ୍ଧାରରେ ଆସୁଥିବା ବେଳେ ଛାତି ଥରେ । ସାମ୍ନାକୁ ଅନେଇ ବେଗି ବେଗି ପାଦରେ ରାସ୍ତା ପାରି ହେବାକୁ ହୁଏ ।

ଏକଥାବି ଦିଶୁଚି , ଭୁତ କାହାଣୀ ଶୁଣିବାର ବୟସ ଡେଇଁ ଯିବା ପରେ ଜେଜୀଙ୍କ ଆସର ଆଉ ଆକୃଷ୍ଟ କରେନା । ଗାଁ ମୁଣ୍ଡ ମନ୍ଦିର ଚୌପାଢୀରେ ସନ୍ଧ୍ୟାକୁ, ବିଶେଷକରି ଜହ୍ନ ରାତିରେ ବସେ ସଂଗୀତ ଆସର । ହାରମୁନିଅମ ଢୋଲକ ବଜେଇ ଭଜନର ସୁମଧୁର ସଂଗୀତ ଆକୃଷ୍ଟ କରେ ମନକୁ । ସନ୍ଧ୍ୟାବେଳେ ଏଣିକି ସେଇଠି । ଆମେ କେଇଜଣ ସମବୟସ୍କ ପଛରେ ବସି ତାଳରେ ତାଳି ବଜେଇବାକୁ ବାହାଦୁରି ଭାବୁ । ତା ପର ବୟସକୁ ଗାଁ ସରହଦି ଲମ୍ବିଯାଏ ଗାଁ ମୁଣ୍ଡ ଅନତି ଦୂରସ୍ଥ ପଦାକୁ । ସେଇଠି ବସି ମଧୁର ଗୁଲିଖଟିରେ ବିତେ ସନ୍ଧ୍ୟା । ବିଲ ଆଡୁ ବହୁଥିବ ଦକ୍ଷିଣା ପବନ । ଆକାଶରୁ ଜହ୍ନର ଶୀତଳ ଜୋସ୍ନା । ଯୁବ ମନରେ ରୋମାଞ୍ଚର ଶ୍ୟାମଳ ଉଦ୍ଦୀପନାରେ କେତେବେଳେ ସଞ୍ଜ ଗଡି ରାତି ଘନଉଥିବ, ଜମା ହଉ ନଥିବ ହେଜ ।

ମୁଁ ବୁଝୁଛି, ଏବେ ଏସବୁ ସ୍ମୃତିର ପ୍ରାସଙ୍ଗିକତା ଆଦୌ ନଥିଲେବି ଛାଡି ପାରେନା । ଦୂରେଇ ପାରେନା ସେ ଭାବନାକୁ ମନରୁ । ସେଥିରୁ ମିଳୁଥିବା ଆନନ୍ଦ ଟିକକ ଧୋଇ ନିଏ ଏବର ଧାଁ' ଧପାଳି ବ୍ୟସ୍ତ ଜୀବନରୁ କ୍ଳାନ୍ତି । କ୍ଷଣକ ପାଇଁ ହେଲେବି ମନ ହେଇଯାଏ ହାଲକା । ସତେଜ । ଯୋଉ ସତେଜତା ମିଳେନି ଟିଭି ସିନେମା ଅବା କ୍ଲବ ମଲ ବୁଲାରୁ । ଅବଶ୍ୟ ଏଥିପାଇଁ ଢେର ମୂଲ୍ୟ ଚୁକେଇବାକୁ ପଡେ ମୋତେ । ଗୋଟା ଜହ୍ନ ରାତି ତିକ୍ତତା ଲାଗିରହେ ଅରୁସହ । ଅରୁ ମନର ଭାବନାକୁ ଅବଶ୍ୟ ମୁଁ ଜାଣେନା । ହେଲେ ମୋ ଭାବନାକୁ ନେଇ ମୁଁ ଦୃଢ଼, ଅପରିବର୍ତ୍ତିତ । ଏଣିକି ଶ୍ରମ ତାର ନିଷ୍ଫଳ, ବୃଥା ଜାଣି ଆଗ ଆକଟ ତାର କମି ଗଲାଣି । ସିଏ ଏବେ ସ୍ଥିର । ବୋଧେ ଭାଗ୍ୟ ଉପରେ ଛାଡି ଦେଇ ତୁନି ପଡିବାକୁ ଶ୍ରେୟ ଭାବିଲା । ସ୍ଥିତି ମୋ ସପକ୍ଷରେ ଜାଣି ଏଣିକି ଜହ୍ନର ସହରକୁ ମୋର ଅବାଧ ପ୍ରବେଶ ।

ଅକସ୍ମାତ ଘଟିଲା ଘଟଣାଟିଏ ଯାହା ସବୁଦିନ ପାଇଁ ଜହ୍ନରୁ ସମ୍ପର୍କ ତୁଟେଇ କରିଦେଲା ମୋତେ ବାସ୍ତବବାଦୀ । ଏ ଦୃଶ୍ୟ ପଛରେ ନିଶ୍ଚିତ ଅରୁର ହାତ ଏବଂ ଖାସ ଏଥିପାଇଁ ପ୍ରସ୍ତୁତିରେ ଚୁପ ପଡିଥିଲା ବେଶ କେଇଦିନ,ମୁଁ ନିଶ୍ଚିତ ହେଲି ।

ଘଟଣା ସେଦିନ ଏମିତି ଥିଲା - ଛାତ ଉପରେ ପହଂଚୁ ପହଂଚୁ ବନ୍ଧୁ ଶଙ୍କର୍ଷଣର ଫୋନ ପାଇଲି । କହିଲା, କରୋନା କାରଣରୁ ଦୁଇ ବର୍ଷ ଧରି ଗାଁ ଆସିବା ହେଇନି । ଏବର୍ଷ ଯିମିତି ଆସୁ । ଶଙ୍କରା ସହ କଥା ହଉହଉ ବାଜିଗଲା ଦଶ । ଘରେ ଆସି ଯୋଉ ଦୃଶ୍ୟ ଦେଖିଲି, ଅନ୍ତର ଦୋହଲି ଗଲା । ପାଖରେ ପଡିଛି ବହିସହ ନୋଟ ଖାତା । ମୁନା ଆଉ ମିଲି ସେଇଠି ଶୋଇ ପଡିଛନ୍ତି । ଗୋଟାଘର ଚୁପ ଚାପ । ରୋଷେଇ ଘରେ ଅରୁ । ପଚାରିବାରୁ କହିଲା, ଟାସ୍କ ପାଇଁ ତମକୁ ଅପେକ୍ଷା କରି କରି ଶୋଇଗଲେ । ମୋର କାମ ଥିବାରୁ ସେମାନଙ୍କୁ ମୁଁ ସମୟ ଦେଇ ପାରିଲି ନାଇଁ । ଛିଗୁଲେଇ ପଚାରିଲା, ତମର ଜହ୍ନ ଦର୍ଶନ ସରିଲା ? ଅରୁର ପ୍ରଶ୍ନ ଧାରୁଆ ଛୁରୀ ପରି ବିନ୍ଧ କରିଗଲା ମୋ ଛାତି ତଳ କଳିଜାକୁ । ପିଲା ଦି'ଜଣ ବାପାଙ୍କୁ ଅପେକ୍ଷା କରି କରି ଶୋଇ ପଡିଛନ୍ତି । ସାମ୍ନାରେ ତାଙ୍କ ନିରୀହ ରୂପ । ଦୃଶ୍ୟ ହୃଦୟ ବିଦାରକ । ଚହଲିଗଲା ମନ । ଭିତରୁ କିଏ କହୁଥିବାର ବୋଧ ହେଲା - କର୍ତ୍ତବ୍ୟକୁ ଅଣଦେଖା କରି ସ୍ମୃତି ପଛରେ ଧାଇଁବା ଶୋଭା ପାଏନା ତୋତେ । ବହୁତ କ୍ଷତି ସହିବୁ । ସୁଧୁରି ଯାଆ ।

ବାସ, ସେଇ ରାତି ଥିଲା ଜହ୍ନ ରାଇଜରେ ମୋର ଶେଷ ଭ୍ରମଣ । ଆଉ ଯାଇନି ଛାତକୁ, କି ଚାହିଁନି ଜହ୍ନକୁ ଫ ଏଣିକି କୃଷ୍ଣ ଶୁକ୍ଳ ସବୁପକ୍ଷ ସମାନ ମୋ ପାଇଁ । ଏବେ ଭଲ ବାପା ସହ ଭଲ ସ୍ୱାମୀ ମୁଁ । ଘରେ ଯେବେ ଖୁସିର ଜୋଛନା, ଆକାଶକୁ ଅନେଇବା କଣ ଦରକାରର ?

+ ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ:୯୨୩୮୯୨୦୪୦୫.

# ଏସନ ଶ୍ରାବଣେ

## ନିରଞ୍ଜନ ସାହୁ



ସେଦିନ ଅଚାନକ ସଙ୍ଗୀତା ଦେବୀଙ୍କ ସହିତ ନିହାର ବାବୁଙ୍କର ଭେଟ ହୋଇଗଲା କପିଳାସ ଚନ୍ଦ୍ରଶେଖର ଜୀଉ ମହାଦେବଙ୍କ ପୀଠରେ । ଶ୍ରାବଣ ମାସର ପବିତ୍ର ସୋମବାର। କାଉଡ଼ିଆ ଭକ୍ତମାନଙ୍କ ସମାଗମରେ ନାହିଁ ନ ଥିବା ଭିଡ଼ । ଓଁ ନମଃ ଶିବାୟ, ହରହର ମହାଦେବ , ବୋଲବମ ହରହର ବମ ଇତ୍ୟାଦି ଧ୍ୱନିରେ ପ୍ରକମ୍ପିତ ହେଉଛି ଚତୁର୍ଦ୍ଦିଗ । କପିଳାସ ପର୍ବତ ସତେକି କୈଳାସ ପର୍ବତର ଭ୍ରମ ସୃଷ୍ଟି କରୁଅଛି । ଶୈବମାନଙ୍କ ସମାଗମରେ ଭୋଳାନାଥ ଶିବ ବୋଧହୁଏ ଢ଼େର ପ୍ରସନ୍ନ ଅଛନ୍ତି ବୋଲି ଜଣାପଡୁଛି ଯେମିତି ।

ନଚେତ ପ୍ରାୟ କୋଡିଏ ବର୍ଷ ପରେ ନିହାର ବାବୁଙ୍କ ସହିତ ସଙ୍ଗୀତା ଦେବୀଙ୍କର ଆକସ୍ମିକ ଭେଟ ହୋଇଥାନ୍ତା କିପରି ? ଇଏ ଏକ ସଂଯୋଗ ନୁହେଁ ତ ? ନିହାର ବାବୁ ପ୍ରତିବର୍ଷ କାଉଡ଼ିଆ ସାଜି ଜଳଭାର ନେଇ କପିଳାସ ଚନ୍ଦ୍ରଶେଖର ମହାଦେବଙ୍କ ଠାରେ ଜଳ ଲାଗି କରନ୍ତି। ଏହା ଅନ୍ୟମାନଙ୍କ ପରି ବାରବର୍ଷ ପାଇଁ ନୁହେଁ କି କୌଣସି ମାନସିକ ପୂରଣ ପାଇଁ ନୁହେଁ । କଲେଜ ଜୀବନରୁ ଅଦ୍ୟାବଧି ନିୟମିତ ସେ କପିଳାସରେ ହିଁ ମହାଦେବଙ୍କ ଠାରେ ଜଳ ଲାଗି କରି ଆସୁଛନ୍ତି। ମାତ୍ର ଏବର୍ଷ ସାମାନ୍ୟ ବ୍ୟତିକ୍ରମ ହୋଇଛି ତାଙ୍କର । ସଡ଼କ ଦୁର୍ଘଟଣାରେ ଗୋଟିଏ ଗୋଡ଼ରେ ଆଘାତ ଲାଗି ଆଣ୍ଠୁ ପାଖରୁ ଭାଙ୍ଗିଯାଇ ବ୍ୟାଣ୍ଡେଜ ହୋଇଥିବାରୁ ସେ ଚଲାବୁଲା କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ହୋଇପଡିଛନ୍ତି । ମାତ୍ର ଶିବଙ୍କ ଜଳାଭିଷେକ କରିବାର ବିଧିକୁ ସେ ଭଗ୍ନ କରିପାରି ନାହାନ୍ତି । ଏକ ହୁଇଲ ଚେୟାର ଉପରେ ବସି ସେ ଅନ୍ୟ ସାଥୀମାନଙ୍କ ସହଯୋଗରେ ଉଠିଛନ୍ତି କପିଳାସ । ମନରେ ଦୃଢ଼ ଆତ୍ମବିଶ୍ୱାସ ତାଙ୍କୁ ଏ କ୍ଷେତ୍ରରେ ଢ଼େର ସହଯୋଗ ଯୋଗାଇଛି ନିଶ୍ଚୟ । ଶେଷରେ ବାରବାଙ୍କ ସଡ଼କ ଦେଇ ସେ ପହଞ୍ଚିଛନ୍ତି କପିଳାସ ଚନ୍ଦ୍ରଶେଖର ମହାଦେବଙ୍କ ବିଜେସ୍ଥଳୀରେ । ଆଉ ଜଳାଭିଷେକ କରି ସାରିବା ପରେ ବେଢା ବାହାରେ ହୁଇଲ ଚେୟାର ଉପରେ ବସି ଟିକେ ବିଶ୍ରାମ କରୁଛନ୍ତି।

ଶ୍ରାବଣ ସୋମବାରର ପ୍ରବଳ ଭିଡ ହେତୁ ଜନଗହଳି ଭିତରେ ଯେଉଁ ପ୍ରଚଣ୍ଡ କୋଳାହଳ ଶୁଭୁଥିଲା ତାହା ମଧ୍ୟରେ ଏକ ଫୋନ କଲ ରିସିଭ କରି କଥା ହେଉଥିଲେ ନିହାର ବାବୁ। ଅଚାନକ ଇତସ୍ତତଃ ବୁଲିବା ଅବକାଶରେ ସଙ୍ଗୀତା ଦେବୀଙ୍କର ଭେଟ ହୋଇଯାଇଥିଲା ନିହାର ବାବୁଙ୍କ ସହିତ । ଆକସ୍ମିକ ଭେଟ ଭିତରେ ସଙ୍ଗୀତା ଦେବୀ ଆଉ ଆଗକୁ ନ ଯାଇପାରି ଟିକେ ଅଟକି ଯାଇ ପ୍ରଶ୍ନ କରିଥିଲେ , ' ଗୋଡ଼ କ'ଣ ହୋଇଛି ? ଏମିତି କ'ଣ ବ୍ୟାଣ୍ଡେଜ ହୋଇଛି ? ପୁଣି କ'ଣ ତୁମେ ହୁଇଲ ଚେୟାରରେ ବସିଛ ? ' ଯଦିଓ ନିହାର ବାବୁ ଅନ୍ୟ ଏକ ଫୋନ କଲରେ ବ୍ୟସ୍ତ ଥିଲେ ତଥାପି ହଠାତ ସଙ୍ଗୀତା ଦେବୀଙ୍କ ଆବିର୍ଭାବରେ ବିସ୍ମୟ ପ୍ରକାଶ କରିବା ସହିତ କହିଥିଲେ , " ଟିକିଏ ରୁହ । ମୁଁ ସବୁକଥା କହୁଛି ।'

ମାତ୍ର ସଙ୍ଗୀତା ଦେବୀ ସେଠାରେ ଗୋଟିଏ ମୁହୂର୍ତ୍ତ ଛିଡା ହେବାକୁ ଉଚିତ ଉଚିତ ମଣି ନ ଥିଲେ । କାଳେ କିଏ ଦେଖିନେବ ଭାବି ସେ ସ୍ଥାନ ତୁରନ୍ତ ବଦଳାଇ ଦେଇ ଖଣ୍ଡେ ଦୂରରେ ଛିଡା ହୋଇ ନିହାର ବାବୁଙ୍କୁ ନିରୀକ୍ଷଣ କରୁଥିଲେ । ସଙ୍ଗୀତା ଦେବୀ ଯଦିଓ ନିଜର ଅନ୍ୟ ସମ୍ପର୍କୀୟମାନଙ୍କ ସହ ବିଭିନ୍ନ କାମରେ ବ୍ୟସ୍ତ ରହୁଥିଲେ ତଥାପି ନିହାର ବାବୁଙ୍କ ପ୍ରତି ସର୍ବଦା ଦୃଷ୍ଟି ନିକ୍ଷେପ କରି ନିହାର ବାବୁଙ୍କ ଗତିବିଧି ନିରୀକ୍ଷଣ କରୁଥିଲେ ।

ଆଉ ନିହାର ବାବୁ ସଙ୍ଗୀତା ଦେବୀଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କରୁଥିଲେ ମଧ୍ୟ ଆଗ ଭଳି ସଙ୍ଗୀତା ଦେବୀ ନିହାର ବାବୁଙ୍କ ହୃଦୟରେ ସେମିତି କିଛି ଭାବ ସଞ୍ଚାର କରି ସମ୍ମୋହନରେ ବାନ୍ଧି ପାରୁନଥିଲେ । ଆଦ୍ୟ ଯୌବନ ସମୟରେ ଯେଉଁ ପ୍ରେମ ଦିନେ ଉଭୟଙ୍କୁ ଖୁବ ନିକଟତର କରି ଆପଣାର କରିଥିଲା ଆଜି ସେ ପ୍ରେମ ଯେମିତି ପାଣିଚିଆ ହୋଇଯାଇଥିଲା । କାହିଁକି କେଜାଣି ନିହାର ବାବୁଙ୍କ ଆତ୍ମାକୁ ସ୍ପର୍ଶ କରିପାରୁ ନଥିଲେ ସଙ୍ଗୀତା ଦେବୀ ।

ନିହାର ବାବୁ ସଙ୍ଗୀତା ଦେବୀଙ୍କୁ ଦେଖୁଥିଲେ ଦୂରରୁ । ସଙ୍ଗୀତା ଦେବୀ ଖୁବ ଦିଶୁଥିଲେ ପୂର୍ବ ଅପେକ୍ଷା । ସେଦିନର ପ୍ରେମିକା ସଙ୍ଗୀତା ଦେବୀ ଆଜି ଆଉ କାହାର ସ୍ତ୍ରୀ ହୋଇସାରିବା ପରେ ନିଜ ସଂସାର ଜଞ୍ଜାଳରେ ବୁଡି ରହି ଦିନେ ବି ମନେ ପକାଇନଥିଲେ ନିହାର ବାବୁଙ୍କୁ । ନିହାର ବାବୁଙ୍କ ଭଲମନ୍ଦ ବୁଝିବାକୁ ତାଙ୍କ ପାଖରେ ହୁଏତ ସମୟ ନ ଥିବ କିମ୍ବା ସେ ଜାଣିଜାଣି ନିଜ ମନକୁ ବୁଝାଇ ଦେଇ ଭୁଲାଇ ଦେଇଥିବେ ନିଜର ଆତ୍ମାକୁ । ଅଥଚ ଦିନେ ଏଇ ସଙ୍ଗୀତା ଦେବୀଙ୍କ ପାଇଁ

କେତେ ନିନ୍ଦା , ଗାଳି , ଅପମାନ , ଅପବାଦ ସହି ନାହାଁନ୍ତି ନିହାର ବାବୁ ? କେତେ ପ୍ରତିଶ୍ରୁତି ସେତେବେଳେ ବାଢ଼ି ଦେଇ ନ ଥିଲେ ସଙ୍ଗୀତା ଦେବୀ ? କେତେ ରଙ୍ଗୀନ ସ୍ୱପ୍ନ ଦେଖାଇ ନ ଥିଲେ ନିହାର ବାବୁଙ୍କୁ ? ନିହାର ବାବୁଙ୍କ ଅନିଚ୍ଛା ସତ୍ତ୍ୱେ ନିଜ ନାରୀ ଜୀବନର ସର୍ବସ୍ୱକୁ ମଧ ଅନେକବାର ଅକୁଣ୍ଠିତ ଚିତ୍ତରେ ସମର୍ପଣ କରି ଦେଇଥିଲେ ସଙ୍ଗୀତା ଦେବୀ । ଅଥଚ ନିହାର ବାବୁଙ୍କ ଠାରୁ ସମ୍ଭ୍ରାନ୍ତ ପରିବାର , ଉଚ୍ଚ ପଦସ୍ଥ ଅଧିକାରୀ ସ୍ୱାମୀ ପାଇବା ପାଇଁ ଅକ୍ଳେଶରେ ନିହାର ବାବୁଙ୍କୁ ପ୍ରତାରଣା କରି ଚାଲି ଯାଇଥିଲେ ଅମରେଶ ବାବୁଙ୍କ ହାତ ଧରି ।

ନିହାର ବାବୁ ନିଜ ଭିତରେ ଫେରୁଥିଲେ ଅତୀତକୁ । ଅତୀତର ସ୍ମୃତି ଚାରଣ ଭିତରେ ଭାବୁଥିଲେ ଅନେକ କିଛି । ହୁଏତ ସଙ୍ଗୀତା ଦେବୀ ମଧ ଠିକ ପଛକଥାଗୁଡ଼ିକ ଭାବୁଥାଇ ପାରନ୍ତି । ମାତ୍ର ନିଜର ମନୋଭାବକୁ ଅପ୍ରକାଶ୍ୟ ରଖିବାରେ ସେ ଉଦ୍ୟମ ଜାହିର ରଖିଥାଇ ପାରନ୍ତି। ତା ଛଡା ତାଙ୍କର ଆଉ କେଉଁ ମୁହଁ ଅଛି ଯେ ସେ ନିହାର ବାବୁଙ୍କ ସହିତ ସାମ୍ନାସାମ୍ନି ହେବେ ? ଉଭୟେ ଏବେ ନିଜ ନିଜ ସଂସାର ଜଞ୍ଜାଳ ଭିତରେ ବ୍ୟସ୍ତ । କାହା କଥା ଭାବିବାକୁ କାହାରିକୁ ବା ସମୟ କାହିଁ ?

ନିହାର ବାବୁ ବସିଥିଲେ ଚୁପଚାପ । ଦୂରରେ ସଙ୍ଗୀତା ଦେବୀଙ୍କ ସହିତ ଆସିଥିବା ଲୋକମାନେ ଗ୍ୟାସଚୁଲାରେ ରୋଷେଇ କରିବାରେ ନିମଗ୍ନ ଥିଲେ ।ରୋଷେଇ କରିବା ଭିତରେ ସଙ୍ଗୀତା ଦେବୀଙ୍କ ମନରେ ବୋଧହୁଏ ସେ ପୁରୁଣା ପ୍ରେମ ମାଟିରୁ ଟିକେ ଗଜା କାଢି ମୁଣ୍ଡ ଟେକିବାକୁ ଆରମ୍ଭ କରିଥିଲା । ଗୋଟିଏ ପିଲା ହାତରେ କିଛି ଖାଦ୍ୟ ପଲିଥିନରେ ପ୍ୟାକ କରି ପଠାଇ ଦେଇଥିଲେ ନିହାର ବାବୁଙ୍କ ପାଇଁ। ହୁଏତ ସେ ପିଲାକୁ କହିଥାଇପାରନ୍ତି ,' ଏ ଖାଦ୍ୟ ପୁଡ଼ିଆଟା ନେଇଯାଅ । ସେ ହୁଇଲ ଚେୟାର ଉପରେ ବସିଥିବା ସେ ଅକର୍ମଣ୍ୟ ଲୋକଟାକୁ ଦେଇ ଆସିବ । ବିଚରା ଖୁବ ଭୋକିଲା ଭୋକିଲା ଦେଖା ଯାଉଛି । ' ନିହାର ବାବୁ ସେ ପିଲା ହାତରେ ଖାଦ୍ୟ ପୁଡ଼ିଆ ଦେଖି ପଚାରିଲେ , ' କିଏ ଦେଇଛନ୍ତି ?' ପିଲାଟି କହିଲା , ' ଖୁଡୀ ଦେଇଛନ୍ତି ।' ପିଲାଟି ହାତ ଠାରି ଦେଖାଇ ଦେଲା ସେହି ଦିଗକୁ ଯେଉଁଠାରେ ସଙ୍ଗୀତା ଦେବୀ ଏକ ଲୟରେ ନିହାର ବାବୁଙ୍କୁ ଅନାଇ ଥିଲେ । ବୋଧହୁଏ ସଙ୍ଗୀତା ଦେବୀ ଭାବିଥିଲେ ନିହାର ବାବୁ ଏ ଖାଦ୍ୟ ଗ୍ରହଣ କରି ତାଙ୍କୁ କୃତାର୍ଥ କରିବେ ।

ମାତ୍ର ନିହାର ବାବୁ ଅତି ବିନୟ ପୂର୍ବକ କହିଲେ , ' ଆମର ରୋଷେଇ ଚାଲିଛି । ମୁଁ ଖାଇନେବି । ତାଛଡା ଅପରିଚିତ ଲୋକଙ୍କ ହାତରୁ ଖାଦ୍ୟ ଗ୍ରହଣ କରିବା ଠିକ ନୁହେଁ । ତୁମେ ଖାଦ୍ୟ ଫେରସ୍ତ କରି ନିଅ ।'

......... ନିହାର ବାବୁ ନିଜର ସାଥୀମାନଙ୍କ ସହ କପିଳାସ ପୀଠରୁ ବାରବାଙ୍କ ରାସ୍ତାରେ ତଳକୁ ଓହ୍ଲାଇବା ବେଳେ ସଙ୍ଗୀତା ଦେବୀଙ୍କ ପ୍ରତି ସାମାନ୍ୟ ଦୃଷ୍ଟି ନିକ୍ଷେପ ପୂର୍ବକ ସ୍ମିତ ହସଟିଏ ହସି ନିଜର ଗନ୍ତବ୍ୟ ଦିଗକୁ ମୁହଁ ବୁଲାଇ ଦେଇଥିଲେ ।ଆଉଥରେ ପଛକୁ ଫେରି ଚାହିଁବାର ବାହାନା ବି କରି ନ ଥିଲେ ସେ ।

ଏହାର ଏକ ସପ୍ତାହ ପରେ ଏକ ଅଳସ ଅପରାହ୍ଣରେ ଖବରକାଗଜର ପୃଷ୍ଠା ଓଲଟାଇବା ବେଳେ ହଠାତ ମୋବାଇଲ ବାଜି ଉଠିଲା । ଫୋନ କରିଥିଲେ କଲେଜ ବେଳର ସାଥି ମହେଶ ବାବୁ । କଥା ହେଉହେଉ ମହେଶ ବାବୁ କହିଲେ, ' ଆଚ୍ଛା , ତୋର କପିଳାସରେ ସଙ୍ଗୀତା ଦେବୀଙ୍କ ସହ ଭେଟ ହୋଇଥିଲା କି ? ' ନିହାର ବାବୁ ହଁ ଭରିଲେ । ମହେଶ ବାବୁ କହିଲେ , ' ସେ ପଚାରୁ ଥିଲେ ନିହାର ବାବୁଙ୍କ ଗୋଡ଼ କେମିତି ଭାଙ୍ଗିଲା ? ସେ କ'ଣ ହୁଇଲ ଚେୟାରରେ ବସି ଜଳାଭିଷେକ କରିବାକୁ କପିଳାସ ଯାଇଥିଲେ ? ଏସନ ନ ଯାଇଥିଲେ କ'ଣ ଚଳି ନଥାନ୍ତା ? ' ନିହାର ବାବୁଙ୍କର ଇଚ୍ଛା ହେଉଥିଲା କହି ଦେବାକୁ ଯେ ମୁଁ ଆର ଜନ୍ମରେ ସଙ୍ଗୀତା ଦେବୀଙ୍କୁ ପାଇବାକୁ ଆଶା ରଖିଛି ତ ! ସେଥିପାଇଁ ଜଳାଭିଷେକ କରିବାକୁ ଯାଇଥିଲି । ମାତ୍ର ମହେଶ ବାବୁ ଖରାପ ଭାବିବେ ଭାବି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ , ' କାହିଁ , ତୁମକୁ ସେ ଫୋନ କରି ଏତେକଥା ପଚାରି ବୁଝୁଛନ୍ତି । ମାତ୍ର କପିଳାସରେ ମୋ ସହିତ ପାଞ୍ଚଦଶ ମିନିଟ କଥା ହୋଇ ସବୁକିଛି ତ ବୁଝିପାରି ଥାଆନ୍ତେ ? ମୋ ସହିତ ଭେଟ କରି ମୋ ପାଖରୁ ଦୂରେଇ ଯାଇ ତୁମକୁ ଫୋନ କରି ମୋ କଥା ବୁଝିବାର ମାନେଟା କ'ଣ ହୋଇପାରେ ? ତା ମାନେ ଏବେ ବି କ'ଣ ସଙ୍ଗୀତା ଦେବୀ ମୋତେ ......................?'

ଦୁଇ ବନ୍ଧୁଙ୍କ ଫୋନରେ ଆଳାପ ସରିଯାଇଥିଲା । ନିହାର ବାବୁଙ୍କ ଭାବନା ଭିତରକୁ ଧସେଇ ପଶି ଆସିଥିଲେ ସଙ୍ଗୀତା ଦେବୀ । ନିହାର ବାବୁଙ୍କର ସ୍ପଷ୍ଟ ମନେପଡୁଥିଲା ଦିନେ ଏଇ ଶ୍ରାବଣ ମାସରେ କଲେଜ ଜୀବନରେ ନୂଆ ନୂଆ ପାଦ ଦେଉଦେଉ ସେମାନଙ୍କର ପରିଚୟ ଓ ପ୍ରେମ ଆରମ୍ଭ ହୋଇଥିଲା । ଆଉ ଆଜି ଅନେକ ବର୍ଷ ପରେ ସେହି ଶ୍ରାବଣ ଅପ୍ରତ୍ୟାଶିତ ଭାବରେ ସେମାନଙ୍କର ପୁନଃ ସାକ୍ଷାତ କରାଇ ଦେଇଥିଲା ।

ହଠାତ ପତ୍ନୀ ଅରୁନ୍ଧତୀ ଦେବୀ ଚା କପ ନେଇ ପହଞ୍ଚି ଯାଇ ଗେହ୍ଲେଇ ହୋଇ ପଚାରିଲେ ,' କାହା ଭାବନାରେ ପଡି ଯାଇଛ କି ? ' ନିଜ ମନର କଥାକୁ ଗୋପନ ରଖି ନିହାର ବାବୁ କହିଲେ ,' ନାଇଁ ମ ! ଗପଟିଏ ଲେଖିବି ତ ! କେଉଁଠୁ ଆରମ୍ଭ କରିବି ଭାବୁଛି । ' ଅରୁନ୍ଧତୀ ଦେବୀ ହସିଦେଇ କହିଲେ ,' ଗପର ଆରମ୍ଭ ଯେଉଁଠୁ ହେଉ ନା କାହିଁକି ମୋର ବିଶ୍ୱାସ କାହାଣୀରେ ନିଶ୍ଚୟ ବିରହ ବେଦନା ଭରପୁର ରହିଛି । କାହିଁକିନା ବର୍ଷା ପରା ବିଛେଦର ଋତୁ । ଆଉ ତୁମ ମୁଖମଣ୍ଡଳରେ ସେପରି ବିଚ୍ଛେଦ ଭାବନା ଥମଥମ ହୋଇ ମୋତେ ଜଳଜଳ କରି ଦେଖାଯାଉଛି । ମୁଁ ଠିକ କହିଲି ତ ?'

ନିହାର ବାବୁ ଟିକେ ହସିଦେଲେ ଏ କଥାରେ ସମ୍ମତି ଜଣାଇ । ଅରୁନ୍ଧତୀ ଦେବୀ ମୁହଁ ମୋଡ଼ିଦେଇ ଫେରି ଅସୁଆସୁ କହୁଥିଲେ , ' ତୁମେ ବିରହ ଲେଖ କି ବିଚ୍ଛେଦ ଲେଖ ମୋର ଆପତ୍ତି ନାହିଁ । ମାତ୍ର ମୋ ପାଖରୁ ଦୂରେଇ ଯିବନି ଯେମିତି ? ବୁଝିଲ ତ ........?'

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ବିଚାରଧୀନ ବନ୍ଦୀଙ୍କ ଶିଶୁ ଚିହ୍ନଟ ଓ ପରାମର୍ଶ କର୍ମଶାଳା

ସୁବର୍ଣ୍ଣପୁର,୦୭/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ସୋନପୁର ଉପକାରାଗାରରେ କଏଦୀ ଓ କର୍ମଚାରୀ ମାନଙ୍କୁ ନେଇ ଏକ ପରାମର୍ଶ କର୍ମଶାଳା ତଥା କଏଦୀ ମାନଙ୍କ ସମ୍ବେଦନଶୀଳ ଶିଶୁ ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୋନପୁର ସବଜେଲ ସୁପରିଟେଣ୍ଡେଂଟ ଡିଲେଶ୍ୱର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଏକ୍ସପାର୍ଟ କମିଟି ସଭ୍ୟ ନୀଳାମ୍ବର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶିଶୁ ମାନଙ୍କ କଲ୍ୟାଣ ପାଇଁ ଥିବା ବିଭିନ୍ନ ବ୍ୟବସ୍ଥା ବିଷୟରେ ବୁଝାଇଥିଲେ । ଏହି କର୍ମଶାଳାରେ ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ନୂତନ ଭାବରେ ଆରମ୍ଭ କରାଯାଇଥିବା କାରାଗାର ଶିଶୁ ମଙ୍ଗଳ ଯୋଜନା ବିଷୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ତଥ୍ୟ ଉପସ୍ଥାପନା କରିଥିଲେ । ଏହି ଅବସରରେ କାରାଗାର ଅନ୍ତେବାସୀ ମାନଙ୍କ ବିପଦସଂକୁଳ ଅବସ୍ଥାରେ ଥିବା ଶିଶୁଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା । ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ, ଜେଲ ପରିସରରେ ଥିବା ୦ ରୁ ୬ ବର୍ଷ ଶିଶୁଙ୍କ ପାଇଁ ଆଇ ସିଡିଏସ ରେ ଥିବା ବ୍ୟବସ୍ଥା ବିଷୟରେ ବୁଝାଇଥିଲେ । ଶିଶୁ ମଙ୍ଗଳ କମିଟିର ଭାରପ୍ରାପ୍ତ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଜେଲ ଅନ୍ତେବାସୀଙ୍କ ଜୀବନଚର୍ଯ୍ୟା ବିଷୟରେ ଆଲୋଚନା କରିଥିଲେ । କମିଟି ସଦସ୍ୟ ରଞ୍ଜିତା ସାହୁ ଶିଶୁ ମଙ୍ଗଳ କମିଟିର ଦାୟିତ୍ୱ ଓ ଭୂମିକା ଉପରେ ବୁଝାଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ମେହେର ଶିଶୁଙ୍କ ତାଲିକା କରିବା ସହ ଧନ୍ୟବାଦ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଜେଲ କର୍ମଚାରୀ ସହଯୋଗ କରିଥିଲେ । ଏହି ଅବସରରେ କାରାଗାରରେ ଥିବା ୫ ଜଣ ଛଅ ମାସରୁ ଉର୍ଦ୍ଧ ଦିନ ଥିବା ଅନ୍ତେବାସୀଙ୍କ ୧୧ ଜଣ ଶିଶୁଙ୍କୁ ଚିହ୍ନଟ କରାଯାଇଛି ।

## ଆନ୍ଧ୍ରକୁ କାମ କରିବାକୁ ଯାଉଥିବା ୭ ନାବାଳିକା ଉଦ୍ଧାର

ମାଲକାନଗିରି,୦୭/୦୮ (ନି.ପ୍ର): ଆନ୍ଧ୍ରରେ ଦାଦନ ଶ୍ରମିକ ଭାବେ କାମକରିବାକୁ ଶୁକ୍ରବାର ୭ଜଣ ନାବାଳିକାଙ୍କୁ ଚାଲାଣ କରାଯାଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇଥିଲା ମାଲକାନଗିରି ଚାଇଲ୍ଡ ଲାଇନ । ପରେ ଘଟଣାସ୍ଥଳରେ ପହଂଚିଥିଲା ଚାଇଲ୍ଡ ଲାଇନର ଏକ ଟିମ୍ । ନାବାଳିକାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷଙ୍କ ପାଖରେ ହାଜର କରାଯାଇଥିଲା । ଘଟଣାର ତଦନ୍ତ ପାଇଁ ନାବାଳିକା ମାନେ ଗୋଟିଏ ଦିନ ସୁଧାର ଗୃହରେ ରହିଥିଲେ ଆଜି ( ଶନିବାର ) ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ଜିଲ୍ଲା ଶିଶୁ ସୁରକ୍ଷା ସମିତି । ସମସ୍ତ ନାବାଳିକା କୋରକୁଣ୍ଡା ବ୍ଲକ କାମବେଡା ଅଂଚଳର '' ସେମାନଙ୍କୁ ସରକାରଙ୍କ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ କହିଛନ୍ତି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ । କୋରୋନା ପରେ ସେମାନଙ୍କ ଆର୍ଥିକ ସ୍ଥିତି ବିଗିଡି ଯାଇଛି । ଯାହାର ଫାଇଦା ଉଠାଉଛନ୍ତି ଦଲାଲ ।

# ବିନା ସୂଚନା ଫଳକରେ ଚାଲିଛି ଆନିକଟ ନିର୍ମାଣ କାର୍ଯ୍ୟ : ଭିଜିଲାନ୍ସ ତଦନ୍ତ ଦାବି

ପୁରୀ,୦୭/୦୮ (ନି.ପ୍ର):ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଜୟପୁର ଗ୍ରାମପଚାଂୟତ ଏବଂ ପେଣ୍ଠପଡା ଗ୍ରାମପଚାଂୟତ ସୀମାକୁ ଲାଗି ବହିଯାଉଥିବା କେନାଲରେ ଏକ ଆନିକଟ ନିର୍ମାଣ ଚାଲିଛି । ଜୟପୁର ଗ୍ରାମ ଶେଷ ମୁଣ୍ଡ ବାରିକ ସାହି ନିକଟରେ ଥିବା ବ୍ରିଜ୍ ପାଖରେ ଡ୍ରେନେଜ୍ ବିଭାଗ ପକ୍ଷରୁ ଏହି ନିର୍ମାଣ କାର୍ଯ୍ୟ ଚାଲିଛି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଖାପାଖି ଅଧା ସରିଥିବା ବେଳେ ଅଦ୍ୟାବଧି ପ୍ରକଳ୍ପ ସ୍ଥାନରେ କୌଣସି ସୂଚନା ଫଳକ ନାହିଁ । ଫଳରେ ଏହି ପ୍ରକଳ୍ପରେ କେତେ ଟଙ୍କା ଖର୍ଚ୍ଚ ହେଉଛି, ନିର୍ମାଣ କାର୍ଯ୍ୟର ଅବଧି କେତେ ପର୍ଯ୍ୟନ୍ତ ରହିଛି, କେଉଁ ବିଭାଗ ପକ୍ଷରୁ ଏହି କାମ ହେଉଛି ସେନେଇ ଗ୍ରାମବାସୀଙ୍କ ପାଖରେ ମଧ କୌଣସି ଖବର ନାହିଁ । ଅନ୍ୟପକ୍ଷରେ ସମ୍ପ୍ରତି ବର୍ଷା ସମୟରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିବାରୁ କାମର ମାନ ଓ ସ୍ଥାୟୀତ୍ୱକୁ ନେଇ ମଧ ପ୍ରଶ୍ନ ଉଠିଛି । ନିର୍ମାଣ କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି । ସ୍ଥାନୀୟ ସରପଂଚ ଓ ଲୋକ ପ୍ରତିନିଧି ଏ ଦିଗରେ ନିରବଦ୍ରଷ୍ଟା ସାଜିଥିବାରୁ ଏଥିରେ ବଡ ଧରଣର ଅର୍ଥ ହେରଫେର୍ ହେଉଥିବା ଗ୍ରାମର କିଛି ବରିଷ୍ଠ ନାଗରିକ, ଶିକ୍ଷିତ ଯୁବକ ଅଭିଯୋଗ କରିଛନ୍ତି ।

ଖବର ନେବାରେ ଜଣାପଡିଛି, ଡ୍ରେନେଜ୍ ବିଭାଗ ପକ୍ଷରୁ ପ୍ରାୟ ଦେଢ଼ କୋଟି ବ୍ୟୟରେ ଏହାର ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ଆନିକଟ ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ ପାଣିକୁ ନିୟନ୍ତ୍ରିତ କରିବା, କାର୍ତ୍ତିକ ମାସରେ ଧାନ ଗଛରେ ଥୋଡ ଧରିବା ସମୟରେ ଫସଲକୁ ପାଣି ଯୋଗାଣ ଓ ବ୍ୟବସ୍ଥିତ ଭାବରେ ଗହିରରୁ ଭାର୍ଗବୀ ନଦୀକୁ ଜଳ ନିଷ୍କାସନ । ତେବେ ଯେଉଁଭଳି ଭାବରେ ଏଠାରେ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲିଛି, ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଲାଣି । ଏପରିକି ଏମାନଙ୍କ ବିରୋଧରେ ସ୍ୱର ଉତୋଳନ କରିବାକୁ ମନରେ ସାହାସ ଜୁଟାଇ ପାରୁନାହାଁନ୍ତି ଗ୍ରାମବାସୀ । କାରଣ ପାଟି ଖୋଲିଲେ ଧମକ, ଆକ୍ରମଣର ଭୟ ରହିଛି । ଯାହାର ଫାଇଦା ଉଠାଉଛନ୍ତି ଯନ୍ତ୍ରୀ, ଠିକାଦାର ଓ ସ୍ଥାନୀୟ ଲୋକ ପ୍ରତିନିଧି । ତେଣୁ ତୁରନ୍ତ ଘଟଣାର ଭିଜିଲାନ୍ସ ତଦନ୍ତ ସହ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି ।

# ଆଜାଦୀ କା ଅମୃତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

କନ୍ଧମାଳ,୦୭/୦୮ (ନି.ପ୍ର): ଭାରତ ସ୍ୱାଧୀନତାର ୭୫ ବର୍ଷପୂର୍ତ୍ତି ତଥା ଆଜାଦୀ କା ଅମୃତ ମହୋତ୍ସବ ପାଳନ ପାଇଁ ବିଦ୍ୟାଭରତୀ ତଥା ଭାରତ ସରକାର ବ୍ୟାପକ ପ୍ରସ୍ତୁତି କରୁଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁମୁଡିବନ୍ଧ ତରଫରୁ ଏହି ଯୋଜନାକୁ କ୍ରିୟାନ୍ୱୟନ କରିବା ପାଇଁ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଭିଭାବକ, ମାତୃ ଭାରତୀ ପୂର୍ବ ଛାତ୍ର, ପରିଚାଳନା ସମିତି ତଥା ଶୁଭେଚ୍ଛୁ ମାନଙ୍କୁ ନେଇ ଏକ ଆୟୋଜନ ଟୋଲୀ ଗଠନ କାରା ଯାଇଛି । ଅଗଷ୍ଟ ଏଗାର ରୁ ଅଗଷ୍ଟ ସତର ପର୍ଯ୍ୟନ୍ତ ହେବାକୁ ଥିବା ଅମୃତ ମହୋତ୍ସବ ସପ୍ତାହ ରେ ପ୍ରତିଦିନ ଏକ ବିଶେଷ କାର୍ଯ୍ୟକ୍ରମ କରିବାକୁ ହାତକୁ ନିଆଯାଇଛି । ପବିତ୍ର ରକ୍ଷା ପୂର୍ଣ୍ଣିମା ଅବସରରେ ୭୫ ଜଣ ଶିଶୁ ଭାଇ ଭଉଣୀଙ୍କ ଦ୍ୱାରା ଦୀପ ଯଜ୍ଞ ପୂର୍ବକ ଶୁଭାରମ୍ଭ କରାଯାଇ, ବାର ତାରିଖ ରେ ବିଦ୍ୟାଳୟ ଶିଶୁ ମାନଙ୍କ ଦ୍ୱାରା ଚିତ୍ରାଙ୍କନ, ତର୍କ, କୁଇଜ, ଦେଶାତ୍ମବୋଧକ ସଙ୍ଗୀତ, ମହାପୁରୁଷ ଙ୍କ ଫଟୋ ପ୍ରଦର୍ଶନ କରାଯିବାର ଯୋଜନା ରଖାଯାଉଛି । ତେର ତାରିଖରେ ଶିଶୁ ମାନଙ୍କ ସୃଜନୀ ଦ୍ୱାରା ପ୍ରାଚୀର ପତ୍ରିକାର ଶୁଭ ଉନ୍ମୋଚନ ହେବା ବେଳେ ଚଉଦରେ ମାତୃଭାରତୀ ଓ ଅଭିଭାବିକାଙ୍କ ସମ୍ମିଳନୀ ସହିତ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯିବ । ଅଗଷ୍ଟ ପନ୍ଦର ପବିତ୍ର ସ୍ୱାଧୀନତା ଦିବସ ଅବସରରେ ପଥ ସଂଚଳନ, ଦେଶାତ୍ମବୋଧ ନୃତ୍ୟ, ମହାପୁରୁଷଙ୍କ ଝାଙ୍କି ସହ ୭୫ ଜଣ ଅଭିଭାବକ ଓ ଅଭିଭାବିକା ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ସାମିଲ ହେବେ । ଅଗଷ୍ଟ ଷୋହଳ ତାରିଖରେ ବିଭିନ୍ନ ପୋଷାକ ଗ୍ରାମରେ ବିଦ୍ୱତ ପରିଷଦଙ୍କ ଦ୍ୱାରା ୭୫ ଟି ବୃକ୍ଷ ରୋପଣ କରାଯିବ । ଅଠର ତାରିଖରେ ଉଦଯାପନ ଉତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ଅଭିଭାବକ ସମ୍ମିଳନୀ ସହିତ ପୁରସ୍କାର ବଂଟନଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ।

ସଭାପତି ପୁରୁଷୋତମ ଲେଙ୍କାଙ୍କ ଅଧ୍ୟକ୍ଷତା ତଥା ପ୍ରଧାନ ଆଚାର୍ଯ୍ୟ କୈଳାଶ ଚନ୍ଦ୍ର ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଉପଦେଷ୍ଟା ରାମକୃଷ୍ଣ ପାଢ଼ୀ, ସଂପଦକ ହୀରାଲାଲ ପ୍ରଧାନ, ସହ ସଂପଦକ ମୁରଲୀଧର ମହାପାତ୍ର, ଉପ ସଭାପତି ପ୍ରସନ୍ନ ସାହୁ, ସଦସ୍ୟ ସୁଶାନ୍ତ ପାତ୍ର, ଶରତ କୁମାର ସାହୁ, କୁନ୍ତଳା ମାଝି, ଅଭିଭାବକ୍ଲ୍ହ ପରିଛା, ବିଭୁତି ଭୂଷଣ ମଲ୍ଲିକ,ଯଶୋବନ୍ତ ପ୍ରଧାନ, ଅରକ୍ଷିତ ପ୍ରଧାନ, ସନତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଭିଟାମାଟି ଅଧିକାର ମଂଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ପୁରୀ,୦୭/୦୮ (ନି.ପ୍ର): ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପୂର୍ବରୁ ଆଜି ପୂର୍ବାହ୍ନରେ ଭିଟାମାଟି ଅଧିକାର ମଂଚ ପକ୍ଷରୁ ନୀଳାଦ୍ରି ଭକ୍ତ ନିବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ କର୍ମକର୍ତ୍ତା ମାନେ ସେଠାରେ ହୋ ହାଲ୍ଲା କରିଥିଲେ । ଶ୍ରୀଜଗନ୍ନାଥଙ୍କ ଜମିରେ ବାସ କରୁଥିବା ହିତାଧିକାରୀ ମାନଙ୍କୁ ଜମିପଟ୍ଟା ପ୍ରଦାନ ଦାବିରେ ସେମାନେ ଗଜପତି ମହାରାଜଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

# ବଲାଙ୍ଗିର ଜିଲ୍ଲାରେ ଡେଙ୍ଗୁ ଓ ମେଲେରିଆ 'କ୍ଲିନ ଅଫ ଅଭିଯାନ'କୁ ନେଇ ବୈଠକ

ବଲାଙ୍ଗିର ,୦୭/୦୮ (ନି.ପ୍ର): ବଲାଙ୍ଗିର, ଜିଲ୍ଲା ରେ ଡେଙ୍ଗୁ ଓ ମେଲେରିଆ ର ପ୍ରବଣତା କୁ ଲକ୍ଷ କରି ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ଓଡିଶା ସରକାର) ଙ୍କ ତରଫରୁ ଆଜି ଜିଲ୍ଲା ସହର ମଧ୍ୟରେ ଅବସ୍ଥାପିତ ସ୍ୱେଚ୍ଛାସେବୀ ସେବୀ ଅନୁଷ୍ଠାନ ମାନଙ୍କୁ ନେଇ ଏକ ବୈଠକ ଜାତୀୟ ସ୍ୱାସ୍ଥ୍ୟ ମିଶନସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକ ରେ ଡେଙ୍ଗୁ ଓ ମେଲେରିଆ ମଶା ର ପ୍ରକାର୍ଦ୍ଧି, ତାର ପାର୍ଦୁଭାବ, ବ୍ୟାପକତା ଓ ଏହାର ନିରାକରଣ ସମ୍ବନ୍ଧରେ ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ, ସବିଶେଷ ଧାରଣା ଦେଇଥିବାବେଳେ, ଜିଲ୍ଲା ଜାତୀୟ ଜନ ସ୍ୱାସ୍ଥ୍ୟ ବିଭାଗ ଡା. ଦିବ୍ୟ କିଶୋର ପତି ଏହାର ଭିନ୍ନ ଦିଗ ଓ ସଚେତନତା ମୂଳକ ପଦକ୍ଷେପ ଗ୍ରହଣ ପାଇଁ ସଭିଙ୍କ ମିଳିତ ସହଯୋଗ ଲୋଡ଼ିଥିଲେ । ଜିଲ୍ଲା ଜାତୀୟ ମିଶନ ମେନେଜର ଶ୍ରୀ ମୃତ୍ୟୁଞ୍ଜୟ ମୁଣ୍ଡ ଏହି ଚଳିତ ବର୍ଷ ର ଡେଙ୍ଗୁ ଓ ମେଲେରିଆ ର ସାମ୍ପ୍ରତିକ ସ୍ଥିତି ଯାହା ପାଂଚ ଗୋଟି ଡେଙ୍ଗୁରୋଗ ପ୍ରଭାବିତ ରୋଗୀ ସେମାନଙ୍କୁ ବଲାଙ୍ଗିର ଜିଲ୍ଲାରେ ବିହିତ ସ୍ୱାସ୍ଥ୍ୟ ସେବା ଦେଇ ଆରୋଗ୍ୟ ଥିବା ବର୍ଣ୍ଣନା କରିଥିବାବେଳେ ଜିଲ୍ଲା ରେ ମେଲେରିଆ ରେ ଆକ୍ରାନ୍ତ ସଂଖ୍ୟା କ୍ରମଶଃ କମି,କମି ଏବେ ପ୍ରାୟତଃ ପଚାଶ ଶତକଡା କୁ ନିମ୍ନ ଗାମୀ ହୋଇ ସାରିଛି ବୋଲି ବର୍ଣ୍ଣନା କରିଥିଲେ ଓ ଏହାପାଇଁ ତଥାପି ସାମୁହିକ ପ୍ରଚେଷ୍ଟା, ପଦକ୍ଷପ ଓ ଜନସଚେତନତା ର ଆବଶ୍ୟକ ଅଛି ବୋଲି ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ମାନେ ମତବ୍ୟକ୍ତ କରିଥିଲେ । ଏହାପାଇଁ ଗୋଟିଏ କ୍ରିୟାଶୀଳ ଯୋଜନା ପାଇଁ ଶ୍ରୀ ସତ୍ୟ ରଞ୍ଜନ ମିଶ୍ର ପ୍ରସ୍ତାବ ଦେଇଥିବାବେଳେ, ଏହି ଅଭିଯାନ କୁ ସହରର ବିଭିନ୍ନ ପ୍ରାନ୍ତ ରେ ବିଭାଗୀକରଣ କରି ସଚେତନତା ମୂଳକ ଅଭିଯାନ ପାଇଁ ବିଭିନ୍ନ ପଥ ପ୍ରାନ୍ତି ନାଟକ, ସଚେତନତା ପତ୍ର ବଂଟନ ପାଇଁ ସଂଗଠନ ମାନଙ୍କୁ ଦାଇତ୍ୱ ଦିଆଯାଇଥିଲା । ଉପରୋକ୍ତ ବୈଠକରେ ଜିଲ୍ଲା ର ବିଭିନ୍ନ ବିଭାଗ ଯଥା ପୌରପାଳିକା,ଜିଲ୍ଲା ଶିଶୁମଙ୍ଗଳ ,ଲୋକସମ୍ପର୍କ ଅଧିକାରୀ ଇତ୍ୟାଦିଙ୍କ ସହିତ ସହରାଂଚଳ ର ସର୍ବମୋଟ ଛବିଶ (୨୬) ଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା, ନେସନାଲ ପିସ ଭନୀସନ, ରାଜେନ୍ଦ୍ର ଯୁବକ ସଂଗଠନ, ନାରୀଶକ୍ତି ସଂଗଠନ, କର୍ତବ୍ୟ ଫାଉଣ୍ଡେସନ,ଜିଲ୍ଲା ଚାଇଲଡ ସ୍ମାଇଲ,ଜିଲ୍ଲା ଏକ୍ସନ କମିଟି ,ମାହେଶ୍ୱରୀ ସଂଗଠନ, ରୋଟାରି ଇଲାଇଟ (ବଲାଙ୍ଗିର ଶାଖା) ମାରୱାଡି ଯୁବମଂଚ, ସହିଦ ଭକତ ସିଂ କ୍ଲବ,ପେଲେସ ଲାଇନ ସାଂସ୍କୃତିକ ପରିଷଦ ଇତ୍ୟାଦି ଙ୍କ କର୍ମକର୍ତ୍ତା ଯୋଗଦାନ କରି ବୈଠକ ରେ ଯୋଗଦାନ କରି ଆସନ୍ତା ଅଭିଯାନ କୁ ସଫଳ କରାଇବା ର ପ୍ରସ୍ତାବ ଦେଇଥିଲେ ।

ବୈଠକ ଶେଷରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ର ଅତିରିକ୍ତ ଜିଲ୍ଲା ମେନେଜର ଶ୍ରୀ ରାମାନୁଜ ପଣ୍ଡା ସବିଶେଷ ବୈଠକ ର ସଫଳତା ପାଇଁ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫୨ ଲିଟର ମଦ ଜବତ: ୨ ଗିରଫ

ବଲାଙ୍ଗିର,୦୭/୦୮ (ନି.ପ୍ର): ପାଟଣାଗଡ଼ ଉପଖଣ୍ଡ ଘସିଆନ ଗାଁରେ ପାଟଣାଗଡ ଅବକାରୀ ବିଭାଗ ପକ୍ଷରୁ ଚଡ଼ଉ କରାଯାଇ ୫୨ ଲିଟର ଦେଶୀ ରନ୍ଧାମଦ ଜବତ କରାଯିବା ସହ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଗିରଫ କରାଯାଇଛି । ପାଟଣାଗଡ଼ ଅବକାରୀ କେସ୍ ନଂ ୭୫/୨୨ ଓ ୭୬/୨୨ ରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ଅବକାରୀ ଅଧିକାରୀ ସତ୍ୟବ୍ରତ ଦାସ ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ହେଲେ ବୃନ୍ଦାବନ ଗିଦିଲି (୩୬) ଓ ଚନ୍ଦନ ଜଗତ (୫୫) । ଏମାନେ ଦୀର୍ଘଦିନ ହେବ ଗାଁରେ ବେଆଇନ ରନ୍ଧାମଦ କାରବାର କରୁଥିବା ଅଭିଯୋଗ ହେଉଥିଲା । ଏନେଇ ଖବର ପାଇ ଅବକାରୀ କର୍ମଚାରୀ ମାନେ ଚଡ଼ଉ କରି ମଦ ସହ ଅଭିଯୁକ୍ତମାନଙ୍କୁ ଅବକାରୀ କାର୍ଯ୍ୟାଳୟକୁ ଆଣିଥିଲେ । ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି ।

## କଳାହାଣ୍ଡି ପୋଲିସର ସଫଳତା

କଳାହାଣ୍ଡି,୦୭/୦୮ (ନି.ପ୍ର): କଳାହାଣ୍ଡି ପୋଲିସକୁ ବଡ ସଫଳତା ମିଳିଛି । ୧୦ ଜଣିଆ ଡକାୟତ ଗ୍ୟାଙ୍ଗକୁ କଳାହାଣ୍ଡି ପୋଲିସ ଗିରଫ କରିଛି । ଏହି ଲୁଟେରା ମାନେ ଜିଲ୍ଲାର ବିଭିନ୍ନ ବ୍ଲକରେ ଚୋରି, ଡକାୟତି, ଲୁଟରେ ସାମିଲ ଥିଲେ । ତାଙ୍କ ନିକଟରୁ ନଗଦ ୬ ଲକ୍ଷ ୩୫ ହଜାର ୮୨୫ ଟଙ୍କା ସହିତ ୫ ଟି ମୋଟରସାଇକେଲ, ୧୧ ଟି ମୋବାଇଲ, ୪୦.୩୯୨ ଗ୍ରାମ ସୁନା , ୪୪୭,୭୪୦ ଗ୍ରାମ ରୁପା ସହ ମାରଣାସ୍ତ୍ର ଜବତ କରିଛି ପୋଲିସ । ଗତ କିଛିଦିନ ହେଲା କଳାହାଣ୍ଡି ଜିଲ୍ଲାରେ ଏହି ଡକାୟତମାନେ ଡକାୟତି ଓ ଚୋରିରେ ସାମିଲ ଥିଲେ ।

# ଜିଲ୍ଲା ଶ୍ରମ କାର୍ଯାଳୟରେ କର୍ମଚାରୀ ମରୁଡି : ଜଣେ କର୍ମଚାରୀରେ ଚାଲିଛି କାର୍ଯ୍ୟାଳୟ

ମାଲକାନଗିରି,୦୭/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ବର୍ତ୍ତମାନ କର୍ମଚାରୀ ମରୁଡିଦେଖା ଦେଇଛି । କେବଳ ଜଣେ ମାତ୍ର ସରକାରୀ କର୍ମଚାରୀରେ କାର୍ଯାଳୟ ଠେଲାପେଲାରେ ଚାଲିଛି । ଶ୍ରମ ବିଭାଗ ଭଳି କାର୍ଯାଳୟଟି ଏକ ପ୍ରକାର ଅସହାୟ ଅବସ୍ଥାକୁ ଗତି କଲାଣି । ରାଜ୍ୟ ସରକାରଙ୍କ ଚରମ ଅବହେଳା ଯୋଗୁଁ ସରକାରୀ କାର୍ଯାଳୟ ଗୁଡିକ ଧୀରେ ଧୀରେ ସ୍ଥାଣୁ ପାଲଟିବାକୁ ଯାଉଛି ।

ମାଲକାନଗିରି ଜିଲ୍ଲା ଶ୍ରମ ବିଭାଗ ରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପଦବୀ ଖାଲି ପଡିଛି । ଏହା ପୂର୍ବରୁ ମଦନ ମୋହନ ପାଇକ ଥିଲେ,ତାଙ୍କର ବଦଳି ପରେ ଭବାନି ପାଟଣାର ଡିଏଲସିକୁ ମାଲକାନଗିରି ଶ୍ରମ କାର୍ଯାଳୟରେ ଭାରପ୍ରାପ୍ତ ଡିଏଲସି ଭାବେ ଦାୟିତ୍ୱ ଦିଆ ଯାଇଛି । ଜିଲ୍ଲା ଶ୍ରମ ଅଧିକାରୀ ପଦବୀ ୨ଟି ଥିଲା ବେଳେ ବର୍ଷ ବର୍ଷ ଧରିଏହି ୨ଟି ପଦବୀ ଖାଲି ପଡିଛି । ବର୍ତ୍ତମାନ ଶ୍ରମ କାର୍ଯାଳୟକୁ ଚଳାଇବା ପାଇଁ ସହକାରୀ ଶ୍ରମ ଅଧିକାରୀ ବିଶ୍ରଓ୍ୱଞ୍ଜନ କଅଁରକୁ ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସେ ହିଁ ଏକ ମାତ୍ର ସରକାରୀ କର୍ମଚାରୀ,ଯିଏ କି ଜିଲ୍ଲା ଶ୍ରମ କାର୍ଯାଳୟକୁ ବହୁ ଚାପ ଗ୍ରସ୍ତ ହୋଇ ଚଳାଉଛନ୍ତି । ସହକାରୀ ଶ୍ରମ ଅଧିକାରୀ ପ୍ରତ୍ୟେକ ବ୍ଲକରେ ଜଣେ ଲେଖାଏଁ ରହିବା କଥା । ମାଲକାନଗିରି ଜିଲ୍ଲାରେ ୮ଟି ଏଏଲଓ ପଦବୀରୁ କେବଳ ବିଶ୍ୱରଞ୍ଜନ କଅଁର ହିଁ ଏଏଲଓ ଭାବେ ଅବସ୍ଥାପିତ ଅଛନ୍ତି । ସେହିପରି କିରାଣୀ ୨ଟି ପଦବୀ ଖାଲିଥିଲେ ମଧ ଏହି ପଦବୀରେ କେହି ଜଣେ କିରାଣୀ ନିଯୁକ୍ତି ହୋଇ ନାହାନ୍ତି । ଚପରାସୀ ଏବଂ ରାତ୍ର ଜଗୁଆଳୀ ୨ଟି ପଦବୀ ଖାଲି ପଡିଛି । ଅଫିସ କାର୍ଯାଳୟ ଅପରିଷ୍କାର ହେଲେ ନିଜେ ଅଫିସର ଝାଡୁ ମାରି ବସୁଥିବା ଦେଖିବାକୁ ମିଳୁଛି !ତେବେ ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକମାନଙ୍କ ନାମ ପଞ୍ଜିକରଣ କରିବା,ଅଣ ସଂଗଠିତ ଶ୍ରମିକମାନଙ୍କ ନାମ ପଞ୍ଜିକରଣ କରିବା,ସରକାରୀ ସହାୟତା ଯୋଗାଇ ଦେବା,ଶ୍ରମିକମାନଙ୍କୁ ଠିକାଦାରମାନେ ଶୋଷଣ କଲେ ଉକ୍ତ ମାମଲାର ସମାଧାନ କରିବା,ଶିଶୁ ଶ୍ରମିକମାନଙ୍କୁ କୌଣସି କାର୍ଯ୍ୟରେ ବିନିଯୋଗ କଲେ ସେଥିରୁ ନିବୃତ କରାଇବା, ଜନସଚେତନ କରାଇବା ଆଦି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଛି । ତେବେ ଜଣେ ମାତ୍ର ସରକାରୀ କର୍ମଚାରୀରେ କିପରି ମାଲକାନଗିରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଚାଲିଛି ମୋ ସରକାରଙ୍କ ପ୍ରତି ଏକ ଉପହାସ ବା ଲୋକମାନଙ୍କୁ ସେବା ଯୋଗାଇବାରେ ଏକ ଛଳନା କହିଲେ ଅତ୍ୟୁକ୍ତି ହେବ ନାହିଁ ।

# ଅଳପୁଆ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବି ଜୋର ଧରିଲା

ପଟ୍ଟାମୁଣ୍ଡାଇ ,୦୭/୦୮ (ନି.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକର ଚିର ବନ୍ୟା, ବାତ୍ୟା ପ୍ରପିଡିତ ଅଳପୁଆ ପଂଚାୟତ ଅଧିବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ୱେ ହାଇସ୍କୁଲ ପରିସରରେ ଏକ ନୂତନ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବି ପ୍ରଶାସନର କାଳ କ୍ଷେପଣ ନୀତି ପାଇଁ ଅଧିବାସୀଙ୍କୁ ନିରାଶ କରିଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ପୂର୍ବରୁ ନିର୍ମିତ ହୋଇଥିବା ଆଶ୍ରୟସ୍ଥଳକୁ ସୁରକ୍ଷା ଦୃଷ୍ଟିକୋଣରୁ ଭାଙ୍ଗି ଦିଆଯାଇଥିଲା । କାରଣ ସଂପୃକ୍ତ ବିଲଡିଂର ନିର୍ମାଣ କାର୍ଯ୍ୟ ନିମ୍ନମାନର ଥିଲା । ତେବେ ସେହି ସ୍ଥାନରେ ଏକ ସୁରକ୍ଷିତ ଆଶ୍ରୟସ୍ଥଳ ବିଲଡିଂ ନିର୍ମାଣ କରିବାକୁ ପ୍ରଶାସନର ପ୍ରତିଶୃତି ପାଣିରେ ଗାର ସଦୃଶ ହୋଇଛି । ଏଥିପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି । ଏସମ୍ପର୍କରେ ଅଳପୁଆବାସୀଙ୍କ ପକ୍ଷରୁ ପ୍ରଶାସନ ଓ ନେତୃମଣ୍ଡଳୀଙ୍କୁ ବାରମ୍ବାର ଅବଗତ ମଧ କରାଯାଇଛି । କିନ୍ତୁ ଅଦ୍ୟାବଧି କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଅଳପୁଆ ପଂଚାୟତ ଅଧିବାସୀଙ୍କ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ବିଭୁତି ଭୂଷଣ ପଟ୍ଟନାୟକ, ଗଗନ ମାହାଳିକ, ଅଶୋକ କୁମାର ନାୟକ, ନରେନ୍ଦ୍ର ଧଳ, ସୁକାନ୍ତ ରାଉତ, ଚନ୍ଦନ ସାହୁ, ଡମ୍ବରୁଧର ବିଶ୍ୱାଳ, କୃତିବାସ ସାହୁ, ରଶ୍ମୀକାନ୍ତ ବେହେରା, ରଞ୍ଜିତ ନାୟକ, ବବୃବାହନ ଧଳ, ନିରାକାର ବିଶ୍ୱାଳ, ମନୋଜ ଧଳ, ରାହୁଲ ଧଳ ପ୍ରମୁଖ ଏକ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

# ଶିଶୁ ସୁରକ୍ଷା ନେଇ ଜିଲ୍ଲାସ୍ତରୀୟ କର୍ମଶାଳା

ନୂଆପଡ଼ା,୦୭/୦୮ (ନି.ପ୍ର): ନୂଆପଡା ଜିଲ୍ଲାରେ ଶିଶୁ ସୁରକ୍ଷା, ଶିଶୁ ଅଧିକାର ଏବଂ ବାଲ୍ୟ ବିବାହ ଭଳି କୁସଂସ୍କାର ଦୂର କରିବା ପାଇଁ ଜିଲ୍ଲା ପ୍ରଶାସନ ଆଗେଇ ଆସିଛନ୍ତି । ଶିଶୁ ଙ୍କ । ପାଇଁ ଦିନ ଟିଏ କାର୍ଯ୍ୟକ୍ରମ ଆନୁଷ୍ଠିତ ହୋଇ ଥିଲା । ଜିଲ୍ଲାପାଳ ହେମକାନ୍ତ ସାଏ ଯୋଗଦେଇ ଶିଶୁଙ୍କ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା ପ୍ରତ୍ୟେକ ନାଗରିକ କର୍ତବ୍ୟ ଅଟେ ବୋଲି ଆହ୍ୱାନ କରିଥିଲେ । ସେହିପରି ସଚେତନ ଦ୍ୱାରା ବାଲ୍ୟ ବିବାହ ରୋକି ପାରିବା । ପ୍ରତ୍ୟେକ ଗ୍ରାମ ସହର ଏବଂ ପରିବାରବରେ ବାଲ୍ୟ ବିବାହ କୁ ବିରୋଧ କରି ଏହି କୁ ପ୍ରଥା କୁ ଦୂର କରିବା ପାଇଁ ସହଯୋଗ କାମନା କରିଥିଲେ । ଅନେକ କାରଣ ରୁ ଶିଶୁ ମାନେ ଅଧାରୁ ପାଠ ପଢା ଛାଡି ଦେଉଛନ୍ତି, ଅନାଥ ଶିଶୁ, ବାପା ମାଁ ହରାଇ ଥିବା ଶିଶୁ, ଦୀର୍ଘ ଦିନ ରୋଗ ଗ୍ରସ୍ତ ଶିଶୁ, ବାଲ୍ୟ ବିବାହରୁ ଉଦ୍ଧାର ହୋଇଥିବା ଶିଶୁ, ପ୍ରବାଶ ରୁ ଫେରନ୍ତା ଶିଶୁଙ୍କୁ ସରକାରଙ୍କ ଜନ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ଆହ୍ୱାନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଅନେକ ଯୋଜନା ରହିଅଛି । ସେହିପରି ଦାଦନ ପରିବାର ରେ ଥିବା ପ୍ରବାଶ ଯାଉଥିବା ଶିଶୁଙ୍କୁ ଚିହ୍ନଟ କରି ଆବାସିକ ବିଦ୍ୟାଳୟ ମାଧମରେ ଶିକ୍ଷା ଗ୍ରହଣ କରିବା ପ୍ରକାଶ । ଶିଶୁଙ୍କୁ ଦୟା କିମ୍ବା ସହାୟତା ନୁହଁ ତାଙ୍କ ହକ ପ୍ରଦାନ ଦିଗ ରେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଆହ୍ୱାନ କରଇଛନ୍ତି ।

# ଅବ୍ୟବସ୍ଥା ମଧ୍ୟରେ ପ୍ରାଥମିକ କୃଷି ସମବାୟ ସମିତି

ପଟ୍ଟାମୁଣ୍ଡାଇ ,୦୭/୦୮ (ନି.ପ୍ର): ଚାଷୀଙ୍କ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଗଠନକରାଯାଇଛି କୃଷି ସମବାୟ ସମିତି । ଏହା ମାଧ୍ୟମରେ କୃଷିଋଣଠାରୁ ଆରମ୍ଭ କରି ଗୁପ୍ ଋଣ, ରିହାତି ଦରରେ ବିହନ ଆଦି ଯୋଗାଇ ଦିଆଯିବା ସହ ମଣ୍ଡି ମାଧ୍ୟମରେ ଚାଷୀଙ୍କଠାରୁ ଧାନ, ମୁଗ ଆଦି ସରକାରୀ ଦରରେ ସଂଗ୍ରହ କରାଯାଉଛି । କେବଳ ସେତିକି ନୁହେଁ, ସମବାୟ ସମିତିକୁ ସମସ୍ତଙ୍କ ନିକଟରେ ପହଚାଇବା ପାଇଁ ସମବାୟ ଆପଣଙ୍କ ଦ୍ୱାରରେ ନାମକ କାର୍ଯ୍ୟକ୍ରମ କରାଯାଉଛି । କିନ୍ତୁ ପଟ୍ଟାମୁଣ୍ଡାଇ ବ୍ଲକରେ ଥିବା ୧୬ ସମବାୟ ସମିତି ମଧ୍ୟରୁ ଅଧିକାଂଶ ସମବାୟ ସମିତି ଅବ୍ୟବସ୍ଥାରେ ପରିଚାଳିତ ହେଉଥିଲେ ମଧ୍ୟ ଏଥିପ୍ରତି ଉପରିସ୍ଥ ଅଧିକାରୀ ମାନେ ଦୃଷ୍ଟି ଦେଉନାହାଁନ୍ତି । ଏହି ବ୍ଲକର ଖଡିଅଂଟା କୃଷି ସେବା ସମବାୟ ସମିତି ହେଉଛି ଏହାର ଜ୍ୱଳନ୍ତ ଉଦାହରଣ । ସମିତି କୋଠାଘର ସମ୍ମୁଖ ଚୂନ ଲେପ ଦିଆଯାଇଥିବାବେଳେ ଭିତର ଅବସ୍ଥା କିନ୍ତୁ ଭିନ୍ନ । ସମିତିର ୨ଟି ଗୋଦାମ ଗୃହ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ଫଳରେ ଧାନ ବିହନ ଗଛିତ ରଖିବା ପାଇଁ ସମିତି ସମର୍ଥ ହୋଇ ନ ଥିବା ଅଭିଯୋଗ ହେଉଛି । ସମବାୟ ସମିତି ମାଧ୍ୟମରେ କୃଷକଙ୍କୁ ବିଭିନ୍ନ ତାଲିମ, ପ୍ରୋତ୍ସାହନ, ବିହନ ବଂଟନ, ଧାନ ସଂଗ୍ରହ କରାଯାଇଥାଏ । ଏହି ସମିତି ଉପରେ ଖଡିଅଂଟା, କଖାରୁଣୀ ପଂଚାୟତର ଶତାଧିକ ଚାଷୀ ନିର୍ଭରଶୀଳ । ଏହି ସମିତିର ଘରର କାନ୍ଥରୁ ପ୍ଲାଷ୍ଟର ଛାଡି ଇଟା ଓ ଛାତର ରଡ଼ ଦେଖାଯାଉଛି । ବର୍ଷା ହେଲେ ଛାତରୁ ପାଣି ଗଳୁଛି ।ଧାନ ବିହନ ରଖିବା ସମ୍ଭବ ହୋଇ ନ ଥିଲା ବେଳେ ଚାଷୀମାନେ ବିହନ ପାଇବାରୁ ବଂଚିତ ହୋଉଛନ୍ତି । ସେହିପରି ଧାନ ମଣ୍ଡି ଖୋଲିବା ସମୟରେ ଚାଷୀଙ୍କ ଧାନ ଖରା କାକରରେ ପଡିରହି ବର୍ଷାରେ ନଷ୍ଟ ହେଉଥିବା ଚାଷୀମାନେ ମାନେ ଅଭିଯୋଗ କରିଛନ୍ତି । ୧୯୯୯ ମହାବାତ୍ୟାରେ ଘରଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା । ଏ ସମ୍ପର୍କରେ ବିଭିନ୍ନ ସମୟରେ ଉଚ୍ଚ କର୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ଚାଷୀମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି । ଅଭିଯୋଗ ମୁତାବକ ୨୦୧୯ରେ ତତ୍କାଳୀନ ସଭାପତି ଗୃହ କ୍ଷତିଗ୍ରସ୍ତ ହୋଇଥିବା ସମ୍ପର୍କରେ କଟକ କେନ୍ଦ୍ରୀୟ କୋ-ଅପରେଟିଭ୍ ବ୍ୟାଙ୍କ ଓ ରାଜ୍ୟ ସମବାୟ ବିଭାଗକୁ ଲିଖିତ ଭାବେ ଜଣାଇଥିଲେ । ହେଲେ କିଛି ସୁଫଳ ମିଳି ନ ଥିଲା । ଘର ମରାମତି କରାଯାଉ ନ ଥିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ କମ୍ପ୍ୟୁଟର ଆଦି ଚୋରି ହୋଇଯିବାର ଭୟ ରହିଛି । ଅନ୍ୟ ପକ୍ଷରେ କଟକ କେନ୍ଦ୍ରୀୟ କୋ-ଅପରେଟିଭ୍ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖାର ଅବସ୍ଥା ନକହିବା ଭଲ ଟୋପାଏ ବର୍ଷା ହେଲେ କର୍ଯ୍ୟାଳୟ ବନ୍ଦ । ସବୁ କମ୍ପୁଟର କାଗଜ ପତର ପାଲ ତଳେ ରହିଯାଏ । ଜରୁରି କାଯ୍ୟରେ ଅସୁଥିବା ଲୋକେ ବାଧହୋଇ ନିରାଶରେ ଘରକୁ ଫେରନ୍ତି ।

# ଖଡ଼ିଆଳ ଉପ କାରାଗାରରେ ସଚେତନତା ପାଲା କାର୍ଯ୍ୟକ୍ରମ

ନୂଆପଡ଼ା,୦୭/୦୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ ଉପ କାରାଗାର ପରିସରରେ ଅନ୍ତେବାସି ମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ପାଲା ଗାୟକ କୁନାଲ ଚରଣ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସବ ଜେଲରେ ୭୨ ଜଣ ଅନ୍ତେବାସୀ ଦୀର୍ଘ ୨ ଘଂଟା ସମୟ ପର୍ଯ୍ୟନ୍ତ ପାଲା କାର୍ଯ୍ୟକ୍ରମ ଦେଖି ଆନନ୍ଦରେ ବିଭୋର ହୋଇପଡିଲେ । ଏହି କାର୍ଯ୍ୟକ୍ରମ ରେ ଖଡ଼ିଆଳ ଉପକାରଗାର ର ଜେଲର ବଳରାମବିଶି ମାଝୀ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ନିରୀକ୍ଷଣ କମିଟି ର ବରିଷ୍ଠ ଆଇନଯିବୀ ଅସିତ ଚନ୍ଦ୍ର ମହାପାତ୍ର ,ବରିଷ୍ଠ ସାମ୍ବାଦିକ ପରମେଶ୍ୱର ବାରିକ ନୂଆପଡା ଜିଲ୍ଲା ଓ ଖଡ଼ିଆଳ ଉପକାରଗାର ମଙ୍ଗଳ ଅଧିକାରୀ ସସ୍ମିତା ମେହେର, ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଧାପିକା ପ୍ରଣତି ପଣ୍ଡା, ସାମ୍ବାଦିକ ହେମନ୍ତ ବେହେରା, ଶାମ୍ଭ କୁମାର ସରାଫ,ପିନା ସାହୁ, ସମାଜ ସେବୀ ଉମାକାନ୍ତ ରାଉତ ଅତିଥି ଭାବରେ ଯୋଗଦାନ କରି ଅନ୍ତେବାସୀ ଙ୍କ ସହିତ ପାଲା କୁ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜେଲର କୈଳାଶଚନ୍ଦ୍ର ପତି, ଫାର୍ମାସିଷ୍ଟ ଦେବଦତ କଟା ମୁଖ୍ୟ, ମୁଖ୍ୟ କାରାଗାର ରକ୍ଷୀ ମନୋଜ ଦାସ ସମେତ କାରାଗାରର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

# କଟାଗଲାନି ଗୁଆଁଶୋଳରେ ଅସ୍ଥାୟୀ ବନ୍ଧ : ଜଳ ନିଷ୍କାସନର ଚିନ୍ତାରେ ଧୋଇଆ ଅଂଚଳବାସୀ

ଜଳେଶ୍ୱର, ୦୭/୮(ନି.ପ୍ର): ଜଳେଶ୍ୱର ଓ ଭୋଗରାଇର ଧୋଇଆ ଅଂଚଳରୁ ଜଳନିଷ୍କାସନ ଲାଗି ଗୁଆଁଶୁଳ ଏକ ପ୍ରମୁଖ ଖାଳ। ପଶ୍ଚିମବଂଗର ବିସ୍ତିର୍ଣ୍ଣ ଅଂଚଳ ଏବଂ ଜଳେଶ୍ୱର ଭୋଗରାଇ କେତେକ ଅଂଚଳର ଉଦ୍‌ବୃତ୍ତ ବର୍ଷାପାଣି ଏହି ଖାଳ ଦେଇ ସୁବର୍ଣ୍ଣରେଖା ନଦୀକୁ ପ୍ରବାହିତ ହୋଇଥାଏ। ଚଳିତବର୍ଷ ଏହି ଖାଳର ଡେଘରୀ ନିକଟରେ ବାରବାଟିଆ-ନିଳପୁରା ରାସ୍ତାରେ ଏକ ସେତୁ ନିର୍ମାଣ ଗ୍ରାମଉନ୍ନୟନ ବିଭାଗ ଦ୍ୱାରା ହୋଇଥିଲା। କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ଅସ୍ଥାୟୀବନ୍ଧ କଟାଯାଇନଥିବାରୁ ଧୋଇଆ ଅଂଚଳର ଜଳ ନିଷ୍କାସନ ଏକ ସମସ୍ୟାଭାବେ ଦେଖା ଯାଇଛି। ଜଳ ନିଷ୍କାସନ ବିଭାଗ ପକ୍ଷରୁ ଖରିଦଚକ ନିକଟରେ ଖାଳର ୨ଟି ସ୍ଥାନର ଅସ୍ଥାୟୀବନ୍ଧ ନିର୍ମାଣ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ଖାଳର ନୟାପାଲି ନିକଟରେ ଗ୍ରାମଉନ୍ନୟନ ବିଭାଗ ପକ୍ଷରୁ ଏକ ପୋଲ ନିର୍ମାଣ ହେଉଥିବାରୁ ସେଠାରେ ମଧ୍ୟ ଏକ ପେଲ ନିର୍ମାଣ ହେଉଥିଲା। କିନ୍ତୁ ଉପରୋକ୍ତ ଅଂଚଳ ଗୁଡ଼ିକରେ ଅସ୍ଥାୟୀବନ୍ଧ କଟାଯାଇନଥିବାରୁ ଧୋଇଆ ଅଂଚଳର ବର୍ଷାପାଣି ନିଷ୍କାସନ ହେବାରେ ବାଧା ସୃଷ୍ଟି ହୋଇଛି। ତେଣୁ ନହରା, ଖାଳିନା, ନାଚିନ୍ଦା, ଖରିଦପିପଳ, ଗୋବଗାଁ, କୁସୁଡା ପଂଚାୟତ ଅଂଚଳରୁ ଜଳ ନିଷ୍କାସନ ଚଳିତବର୍ଷ ପାଇଁ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ଅତିଶୀଘ୍ର ଆଡିବନ୍ଧ କଟାଯିବାକୁ ଦାବି ହୋଇଛି।

## ଚୋରା ବିଦ୍ୟୁତ୍ ବ୍ୟବହାରକାରୀ ହୋମଗାର୍ଡ ଏନ୍‌ଫୋର୍ସମେଣ୍ଟର ପଞ୍ଝାରେ

ଜଳେଶ୍ୱର, ୦୭/୮(ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ପଶ୍ଚିମବାର୍ଡ ପଂଚାୟତର ଦେବକୁମାର ଗାଁକୁ ଟାଟା ପାୱାର କମ୍ପାନୀର କେତେକ କର୍ମଚାରୀ ତଦାରଖ କରୁଥିବା ବେଳେ ହୋମଗାର୍ଡ ଚନ୍ଦନ ଜେନା ଚୋରା ବିଦ୍ୟୁତ୍ ବ୍ୟବହାର କରୁଥିବା ଜାଣିବାକୁ ପାଇଥିଲେ। ଏଥିନେଇ କର୍ମଚାରମାନେ ମୋବାଇଲରେ ଫଟୋ ନେଉଥିବା ବେଳେ ଚନ୍ଦନ ଜେନା ଓ ତାଙ୍କ ପରିବାରବର୍ଗ ଟାଟା ପାୱାରର କେତେକ କର୍ମଚାରୀଙ୍କୁ ମାଡଗୋଳ ଓ ଅଶାଳୀନ ବ୍ୟବହାର କରିଥିବାର ବିଦ୍ୟୁତ୍‌ଥାନାରେ ଅଭିଯୋଗ ହୋଇଛି। ଜନୈକ କର୍ମଚାରୀ ସୁରେଶ କୁମାର ଅଭିଯୁକ୍ତ ଚନ୍ଦନ ଜେନା, ଧନଞ୍ଜୟ ଜେନା ତାଙ୍କ ବାପା ଶ୍ୟାମସୁନ୍ଦର ଜେନା ଓ ଗିତାରାଣୀ ଜେନାଙ୍କ ନାମରେ ଅଭିଯୋଗ କରିବା ସହିତ ମୋବାଇଲ ଛଡାଇନେଇଥିବା ଅଭିଯୋଗ କରିଛନ୍ତି। ଏପରି ଏକ ଘଟଣାରେ ଟାଟା ପାୱାର ବିଦ୍ୟୁତ୍ ବିଭାଗ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି।

## ଅମିତ ଶାହଙ୍କ ଗସ୍ତ ପାଇଁ କମିଶନରେଟ ପୋଲିସ ପକ୍ଷରୁ କାର୍କେଡ ରିହେଲସେଲ

ଭୁବନେଶ୍ୱର,୦୭/୦୮ (ନି.ପ୍ର): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଓଡିଶା ଗସ୍ତକୁ ନେଇ କମିଶନରେଟ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆଜି ବିମାନବନ୍ଦରରୁ ମେ ଫେୟାର ଓ ମେ ଫେୟାରରୁ ଲିଙ୍ଗରାଜ ମନ୍ଦିର ଯାଏଁ କାରକେଡ଼ ରିହରସଲ କରିଛି କମିସନରେଟ ପୁଲିସ। ସୁରକ୍ଷା ଦୃଷ୍ଟିରୁ ଏୟାରପୋର୍ଟ ସମ୍ମୁଖରେ ହୋଇଛି ବାରିକେଡ ରିହଲସଲ କରାଯାଇଛି। ଡିସିପି ପ୍ରତୀକ ସିଂହ ଆଜି ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ବିମାନବନ୍ଦର ଯାଞ୍ଚ ପରେ ଡିସିପି କହିଛନ୍ତି ଯେ, ଗୃହମନ୍ତ୍ରୀଙ୍କ ଗସ୍ତ ଲାଗି ୨୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିବେ। ଅମିତ ଶାହଙ୍କ କାରକେଡରେ ରହିବ ୩୦ଟି ଗାଡିଲ ରହିବ। ଏଥିରେ ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସ ଗାଡ଼ି ଓ ଜାମର ରହିବ।

## ଧାର ଆଣିଥିବା କୋଟିଏ ଟଙ୍କା ଧରି ଠକ ଫେରାର : ଥାନାରେ ମାମଲା

ଜଳେଶ୍ୱର, ୦୭/୮(ନି.ପ୍ର): ଜଳେଶ୍ୱର ସହରର ନୂଆବଜାର ତାରିଣୀ ଛକ ନିକଟରେ ଦୀର୍ଘଦିନ ଧରି ପାଇକାରୀ ତେଜରାତି ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଲିଟୁ ଓରଫ ବିଜୟ ନାୟକ ପ୍ରାୟ କୋଟିଏ ଟଙ୍କା ଧରି ଫେରାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବିଜୟ ନାୟକ ସେଠାରେ ସ୍ତ୍ରୀ, ପିଲା ଓ ଭାଇକୁ ଧରି ରହି ଆସୁଥିବା ବେଳେ ଦୋକାନ ଲାଗି ବିଭିନ୍ନ ଲୋକଠାରୁ ଟଙ୍କା ଧାର କରି ବ୍ୟବସାୟ କରି ଆସୁଥିଲା। ଆଜକୁ କିଛିଦିନ ତଳେ ହଠାତ୍ ସେ ଫେରାର୍ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଥିଲା। ପୂର୍ବରୁ ସେ ଭୋଗରାଇ ଅଂଚଳରେ ବ୍ୟବସାୟ କରୁଥିବାର ଜାଣି କେତେକ ଲୋକ ଭୋଗରାଇର ଥାନଛକ ଯାଇ ତା ସଂପର୍କରେ ବୁଝାବୁଝି କରିଥିଲେ ମଧ୍ୟ ପୂର୍ବରୁ ସେଠାରୁ ଏପରି ଢଙ୍ଗରେ ଠକାମୀ କରିଥିବା ସେଠାକାର ଲୋକେ କହିଛନ୍ତି। ତାର ଘର ସୋର ଅଂଚଳର କଣ୍ଟାଭାଂଗି ଗାଁ ହୋଇଥିବା ଜାଣିବାକୁ ପାଇ କେତେକ ଲୋକ ସେଠାରେ ପହଞ୍ଚି ବହୁ ଦିନରୁ ସେ ଫେରାର ଥିବା ଜଣିବାକୁ ପାଇଥିଲେ। ତାର ୨ଟି ଝିଅ ରହିଥିବା ବେଳେ ସେ ତାର ମାଇଁକୁ ବିବାହ କରିଥିବା ଜାଣିବାକୁ ପାଇଛନ୍ତି। ଧାର ଦେଇଥିବା କେତେକ ବ୍ୟକ୍ତି ଏ ସମ୍ପର୍କରେ ଜଳେଶ୍ୱରର ଦ୍ୱାରସ୍ଥ ହୋଇଛନ୍ତି।

## ରୂପାନ୍ତରଣ ବିଦ୍ୟାଳୟର ଶିଳାନ୍ୟାସ କଲେ ବିଧାୟକ



ଖଇରା, ୦୭/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ନରେନ୍ଦ୍ର ପ୍ରସାଦ ହାଇସ୍କୁଲ ୫ଟି ରୁପାନ୍ତରଣ ବିଦ୍ୟାଳୟରେ ସାମିଲ ହୋଇଥିବା ବେଳେ ରବିବାର ଏହାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଡିଓ ପର୍ଶୁରାମ ପଣ୍ଡା,ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପତି,ସମିତି ସଭ୍ୟା ଦମୟନ୍ତୀ ସିଂ,ପୂର୍ବତନ ସମିତି ସଭ୍ୟ ଭରତ ଚନ୍ଦ୍ର ଜେନା,ପ୍ରାକ୍ତନ ପ୍ରଧାନଶିକ୍ଷକ ଗଣନାଥ ଓଝା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ହଳଧର ବେହେରା କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ।

## ଅନ୍ତଃରାଷ୍ଟ୍ରୀୟ ଫ୍ରେଣ୍ଡସିପ୍ ଡେ' ପାଳିତ

ଉଦଳା, ୦୭/୦୮ (ନି.ପ୍ର): ଆଜି ଅଗଷ୍ଟ ୭ ତାରିଖ ରବିବାର ଦିନ ଉଦଳା ଠାରେ ଅନ୍ତରାଷ୍ଟ୍ରୀୟ ଫ୍ରେଣ୍ଡସିପ୍ ଡ଼େ ପାଳିତ ହୋଇଯାଇଛି। ଏହି ଅବସରରେ ଉଦଳା ଉଚ୍ଚବିଦ୍ୟାଳୟର ୧୯୮୬ ମସିହା ମ୍ୟାଟ୍ରିକ ବ୍ୟାଚ୍‌ର ଛାତ୍ରମାନେ ଏକତ୍ରିତ ହୋଇ ଫ୍ରେଣ୍ଡ୍‌ସିପ୍ ଡ଼େ ପାଳନ କରିଥିଲେ। ଏହି ଅବସରରେ ପରମାନନ୍ଦ ଖଣ୍ଡେଇଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ରବି ନାରାୟଣ ମହାପାତ୍ର, ପଙ୍କଜ ଖୁଣ୍ଟିଆ, ରବୀନ୍ଦ୍ର ପରିଡ଼ା, ସତ୍ୟ ପ୍ରକାଶ ବସା ପ୍ରମୁଖ ଅଂଶ ଗ୍ରହଣ କରି ଅନ୍ତରର ସମସ୍ତ ଦୁଃଖ ଓ ଯନ୍ତ୍ରଣାକୁ କେବଳ ନିଜ ଅନ୍ତରଙ୍ଗ ସାଙ୍ଗ ପାଖରେ ବ୍ୟକ୍ତ କରିହୁଏ ବୋଲି କହିଥିଲେ। ଏହାପରେ ଏହି ଦିବସଟିକୁ ଏଣିକି ପ୍ରତିବର୍ଷ ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହେଲା। ଯେଉଁ ବନ୍ଧୁମାନେ ଦୂରରେ ଅଛନ୍ତି ସେମାନଙ୍କୁ ଗୁଗ୍‌ଲ ମିଟ୍ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଡ଼ିବାକୁ ନିଷ୍ପତ୍ତି ହେଲା। ଏହାପରେ ଯେଉଁ ସାଙ୍ଗ ମାନେ ଆମ ଗ୍ରହଣରୁ ସବୁଦିନ ପାଇଁ ବିଦାୟ ନେଇ ଯାଇଛନ୍ତି ସେମାନଙ୍କୁ ମନେ ପକାଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ଜଣାଯାଇଥିଲା। ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ପରେ ଯବନୀକା ପଡ଼ିଥିଲା।

## ସାରକୋଣାରେ ପିତାମାତା ଶିକ୍ଷକ ବୈଠକ

ଖଇରା, ୦୬/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଦିନ ପିତାମାତା ଶିକ୍ଷକ ବୈଠକ ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଆଜାଦି କି ଅମୃତ ମହୋତ୍ସବ ଭାରତ ପାଇଁ ଗୌରବର ବିଷୟ। ବିଦ୍ୟାଳୟ ସହିତ ପୁରପଲ୍ଲୀରେ ପାଳନ କରିବା, ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରିବା ଉପରେ ମାତାପିତାଙ୍କ ସହ ଆଲୋଚନା କରାଯାଇଥିଲା। ଶିକ୍ଷକ ଗୌରାଙ୍ଗ ମୁଖୀ ଧନ୍ୟବାଦଅର୍ପଣ କରିଥିଲେ।

## ଗଡପୋଖରୀ ଉ.ପ୍ରା ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ

ଖଇରା, ୦୭/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗଡପୋଖରୀ ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ସଭା ସାଙ୍ଗକୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଗୁରୁବାର ଅୟୋଜିତ ସଭାରେ ପ୍ରଫୁଲ୍ଲ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଶତ୍ରୁଘ୍ନ ଦାସ ବିବରଣୀ ପାଠ କରିଥିଲେ। ସ୍ଥାନୀୟ ସରପଞ୍ଚ ଟିକିରାଣୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସଙ୍ଗଠନ ସମ୍ପାଦକ ପରେଶ ଦକ୍ଷିଣରାୟ ଓ ବର୍ତ୍ତମାନର ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୪ଜଣ ସଦସ୍ୟଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ମୋଟ ୫୦ଜଣ ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ରତ୍ନମଣି ନାୟକ, ଝରଣା ଦାସ, ସନ୍ଧ୍ୟାରାଣୀ ବେହେରା, ବିଣାପାଣି ପରିଡା, ମହେନ୍ଦ୍ର ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୦ରୁ ଉର୍ଦ୍ଧ ବୃକ୍ଷରୋପଣ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଶ୍ରୀଲଙ୍କା ପରେ ବାଂଲାଦେଶ....

ଉପରେ ପ୍ରତିବନ୍ଧକ ଲଗାଯାଇଛି। ବାଂଲାଦେଶର ଅର୍ଥମନ୍ତ୍ରୀ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ରୁ ୪.୫ ବିଲିୟନ ଡଲାର ଋଣ ମାଗିଛନ୍ତି। ମହଙ୍ଗାମାଡରୁ ମୁକ୍ତି ପାଇବାକୁ ବାଂଲାଦେଶ ସରକାର ଆଇଏମଏଫ ସମେତ ଅନେକ ଅର୍ନ୍ତରାଷ୍ଟ୍ରୀୟ ସଂସ୍ଥାଙ୍କ ଠାରୁ ଋଣ ନେଇଛି। ସାରା ବିଶ୍ୱରେ ଦରବୃଦ୍ଧି ଫଳରେ ବାଂଲାଦେଶର ଆମଦାନୀ ଦେୟ ମଧ ବଢିଛି। ଏହି କାରଣରୁ ଏବେ ଦେଶର ଅର୍ଥବ୍ୟବସ୍ଥା ଚାପରେ ରହିଛି। ସେପଟେ ଏଭଳି ମୂଲ୍ୟବୃଦ୍ଧି ପରେ ବାଂଲାଦେଶରେ ପେଟ୍ରୋଲ ଲିଟର ପିଛା ୧୩୦ ଟାକା (ଭାରତୀୟ ମୁଦ୍ରାରେ ୧୦୮.୪୪) ଓ ଡିଜେଲର ଦାମ ୧୧୪ ଟାକା (ଭାରତୀୟ ମୁଦ୍ରାରେ ୯୫.୧୧) କୁ ବୃଦ୍ଧି ପାଇଛି। ୧୯୭୧ ମସିହାରେ ବାଂଲାଦେଶ ସ୍ୱାଧୀନ ହେବା ପରେ ପ୍ରଥମଥର ପାଇଁ ଦେଶରେ ଇନ୍ଧନର ମୂଲ୍ୟ ଏଭଳି ଭାବେ ବୃଦ୍ଧି କରିବାକୁ ସରକାର ବାଧ ହୋଇଛନ୍ତି। ଇନ୍ଧନର ମୂଲ୍ୟ ବୃଦ୍ଧି ଫଳରେ ବାଂଲାଦେଶର ସରକାରଙ୍କ ଉପରେ ରିହାତି ବୋଝ କମିବ ବୋଲି ଆଶଂକା କରାଯାଉଛି। ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଗଲା କିଛି ମାସ ହେବ ବିଦେଶରେ କାମ କରୁଥିବା ବାଂଲାଦେଶୀମାନଙ୍କ ଆୟ ହ୍ରାସ ପାଉଛି। ଏଠାରେ ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ହେବାର ଏହା ଅନ୍ୟତମ କାରଣ। ଆମଦାନୀ ଦେୟ ବୃଦ୍ଧି ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି। ବୈଦେଶିକ ମୁଦ୍ରା ଭଣ୍ଡାରର ଆକଳନରୁ ଜଣାପଡିଛି ଯେ ଗତ ବର୍ଷ ଜୁଲାଇ ପର୍ଯ୍ୟନ୍ତ ଏଠାରେ ୪୫ ବିଲିୟନ ଡ଼ଲାର ଥିଲା। ଜୁଲାଇ ୨୦, ୨୦୨୨ରେ ଏହା ହ୍ରାସ ପାଇ ଆଉ ମାତ୍ର ୩୯ ଡଲାର ବାକି ଅଛି। ବର୍ତ୍ତମାନ ବାଂଲାଦେଶର ଅବସ୍ଥା ଏତେ ଖରାପ ହୋଇଛି ଏହି ଟଙ୍କାରେ କେବଳ ୫ ମାସ ପାଇଁ ସାମଗ୍ରୀ ଆମଦାନୀ ହୋଇପାରିବ। ଅନ୍ୟପଟେ ବାଂଲାଦେଶ ସରକାର ଦେଶର ନିମ୍ନଗାମୀ ଆର୍ଥିକ ସ୍ଥିତିକୁ ଗ୍ରହଣ କରିବାକୁ ରାଜି ହୋଇ ନାହାଁନ୍ତି। ସରକାରୀ ବୟାନ ମୁତାବକ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳମୂଲ୍ୟ ବୃଦ୍ଧି କାରଣରୁ ଦେଶରେ ଇନ୍ଧନର ମୂଲ୍ୟ ବୃଦ୍ଧି କରାଯାଇଛି। ଏହାସହ ଗତ ୬ ମାସ ମଧରେ ଦେଶର ସରକାରୀ ପେଟ୍ରୋଲିୟମ କମ୍ପାନୀ ବାଂଲାଦେଶ ପେଟ୍ରୋଲିୟମ କର୍ପୋରେଶନ ୮ ଆରବ ଟାକା କ୍ଷତି କରିଛି ବୋଲି ବାଂଲାଦେଶ ସରକାର କହିଛନ୍ତି।

### ମାତ୍ର ୧୨ ଦିନରେ ଭାଙ୍ଗିଗଲା....

ପରେ ଦୁଃଖରେ ଭାଙ୍ଗି ପଡ଼ିଥିଲେ ପ୍ରଜ୍ଞା। ଭାଇ ପ୍ରିୟବ୍ରତ କାର୍ଯ୍ୟକ୍ଷେତ୍ରକୁ ବାହାରିଯିବା ପରେ ମଂଚେଶ୍ୱର ଥାନା ମଳୟ ବିହାର ସ୍ଥିତ ଭଡ଼ାଘରେ ଜୀବନ ହାରିଦେଲେ ପ୍ରଜ୍ଞା ପାରମିତା। ଯାହାର ହାତ ଧରି ସାତ ଜନ୍ମ କାଟିବାକୁ ଶପଥ ନେଇଥିଲେ, ସେ ପଛକୁ ହଟିଯିବାରୁ ଦୁର୍ବିସହ ହୋଇପଡ଼ିଥିଲା ଜୀବନ। ବିବାହକୁ ୨ ମାସ ପୂରିନି, ନେଇଗଲେ ଚରମ ନିଷ୍ପତି। ପୁଲିସ ଶବ ଜବତ କରିବା ସହ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଭଉଣୀ ପ୍ରଜ୍ଞା ପାରମିତା ଆତ୍ମହତ୍ୟା ପାଇଁ ତାଙ୍କ ସ୍ୱାମୀ ଏବଂ ଶାଶୂଘର ଲୋକ ଦାୟୀ ବୋଲି ମଂଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି ମୃତକଙ୍କ ଭାଇ।

### ପ୍ରବଳ ବର୍ଷାରେ ବେହାଲ....

ନିବେଦନ କରିଛନ୍ତି ଜିଲ୍ଲାପାଳ। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ବର୍ଷା ହେଲେ ତଳିଆ ଅଞ୍ଚଳରେ ପାଣି ଜମିବାର ଆଶଙ୍କା ରହିଛି। ଯଦ୍ୱାରା ନାଳ, ପୋଲ ରାସ୍ତା ଉପର ଦେଇ ପାଣି ଉପର ଦେଇ ବହିବାର ସମ୍ଭାବନା ରହିଛି। ଯଦି ସେଭଳି ପରିସ୍ଥିତି ଉତ୍ପନ୍ନ ହୁଏ, ତେବେ ସେଭଳି ପାଣି ଜମିବା ସ୍ଥାନକୁ ନଯିବାକୁ ନିବେଦନ କରିଛନ୍ତି ଜିଲ୍ଲାପାଳ। ଲଘୁଚାପ ଜନିତ ଲଗାଣ ବର୍ଷାର ପ୍ରକୋପ ଗଞ୍ଜାମ ଜିଲ୍ଲାରେ ମଧ ଦେଖିବାକୁ ମିଳିଛି। ଜିଲ୍ଲାର ପୋଲସରା ଓ ବୁଗୁଡ଼ା ଅଞ୍ଚଳରେ ବ୍ୟାପକ ଫସ ନଷ୍ଟ ହୋଇଥିବା ବେଳେ ଅନେକ ଚାଷଜମି ଜଳମଗ୍ନ ରହିଛି। ପୋଲସରା ବ୍ଲକ୍ ଚିରିକିପଡ଼ା ଶାସନ ଗାଁର ଅନେକ ଚାଷଜମି ଏବେ ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ବିଳମ୍ବରେ ଚାଷ କାର୍ଯ୍ୟ ହୋଇଥିବା ବେଳେ ଦୁଇଦିନ ଦିନ ଲଗାଣ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଧାରକରଜ କରି ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ସାରା ରାଜ୍ୟରେ ଲଘୁଚାନ ଜନିତ ଲଗାଣ ବର୍ଷା ଜାରି ହୋଇଛି। ପୁରୀ ଜିଲ୍ଲା ନିମାପଡ଼ାରେ ବର୍ଷା ଯୋଗୁଁ ପ୍ରଭାବିତ ହୋଇଛି ଜନଜୀବନ। ବର୍ଷା ଯୋଗୁଁ ପୌରାଞ୍ଚଳର ୫ହଜାରରୁ ଅଧିକ ବାସିନ୍ଦା ପ୍ରଭାବିତ ହୋଇଛନ୍ତି। ବର୍ଷା ଜଳ ନିଷ୍କାସନ ହୋଇପାରିନଥିବାରୁ ଘର ଭିତରେ ଜମି ରହୁଛି ପାଣି। ପୌରାଞ୍ଚଳ ଅଧୀନସ୍ଥ ଅଣ୍ଟିଆସାହି, ଶିବଶକ୍ତି କଲୋନୀ, ହରିଜନସାହି ଓ ୪ ନମ୍ବର ୱାର୍ଡରେ ନାୟକସାହିର ଲୋକେ ପାଣି ଘେରରେ ରହିଛନ୍ତି। ଘର ଭିତରେ ପାଣି ଜମି ରହିବା ଦ୍ୱାରା ବିଷକ୍ଷର ସାପ ଘରେ ପଶିଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ଗେହଲଟ୍‌ଙ୍କ ମନ୍ତବ୍ୟକୁ ....

ଦୁଷ୍କର୍ମ ଘଟୁଛି!' ଏତେ ସବୁ ପରେ ବି ପ୍ରିୟଙ୍କାଜୀ ଚୁପ୍ ଅଛନ୍ତି?' ଶାହାଜାଦ ଆହୁରି କହିଛନ୍ତି 'ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ମାମଲାରେ ରାଜସ୍ଥାନ ଶୀର୍ଷରେ ରହିଥିଲେ ମଧ ପ୍ରିୟଙ୍କା ଭଦ୍ରା ନୀରବ ରହିଛନ୍ତି। ଅନେକ ନେତାଙ୍କ ଦୁଷ୍କର୍ମ ସମ୍ପର୍କରେ ବିବୃତ୍ତି ଦେବା ପରେ ମଧ ସେମାନେ ନୀରବ ରହିଛନ୍ତି, କାରଣ ଦଙ୍ଗା ଠାରୁ ଆରମ୍ଭ କରି ଦୁଷ୍କର୍ମ ପର୍ଯ୍ୟନ୍ତ ରାଜସ୍ଥାନର ଆଇନ ବ୍ୟବସ୍ଥା ହାତରୁ ଖସିଯାଇଛି।' ରାଜସ୍ଥାନରରେ ପ୍ରତି ବର୍ଷ ପାଖାପାଖି ୨୦୦୦ ନାବାଳିକା ଦୁଷ୍କର୍ମ ମାମଲା ସାମ୍ନାକୁ ଆସୁଛି। ଜାନୁଆରୀ ୨୦୨୦ରୁ ଜାନୁଆରୀ ୨୦୨୨ ଭିତରେ ଚଙ୍ଗଉଝଙ୍ଗ ଅଧିନିୟମ ଅନୁଯାୟୀ ୪୦୯୧ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ଏଥି ସହିତ ଦୁଇ ବର୍ଷ ମଧରେ ମହିଳାଙ୍କୁ ଦୁଷ୍କର୍ମ ମାମଲା ମୋଟ ୧୧,୩୬୮ଟି ପଞ୍ଜିକୃତ ହୋଇଛି। ଏହା ବ୍ୟତୀତ, ଏହି ଦୁଇ ବର୍ଷରେ ୨୬ଟି ମାମଲାରେ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଯେତେବେଳେ ରାଜସ୍ଥାନରେ ଭାସୁନ୍ଧରା ରାଜଙ୍କ ସରକାର ଥିଲେ ସେତେବେଳେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅପରାଧୀଙ୍କୁ ଫାଶୀ ଦଣ୍ଡ ପାଇଁ ସେ ଏକ ଆଇନ ପ୍ରସ୍ତୁତ କରିଥିଲେ।

## ବିହାରର ଔରଙ୍ଗାବାଦରେ ମିଳିଲା ମଂକିପକ୍ସର ସନ୍ଦିଗ୍ଧ ରୋଗୀ

ପାଟଣା,୦୭/୦୮ (ନି.ପ୍ର): ବିହାରର ଔରଙ୍ଗାବାଦ ଜିଲ୍ଲାରେ ମଂକିପକ୍ସର ଜଣେ ସନ୍ଦିଗ୍ଧ ଯୁବକ ମିଳିଛି। ଜ୍ୱର ସହି ତା'ର ଶରୀରରେ ବଡ଼ ବଡ଼ ଫଫୋଲେ ହୋଇଥିଲା। ସେ କିଛିଦିନ ପୂର୍ବରୁ ଦିଲ୍ଲୀରୁ ଔରଙ୍ଗାବାଦ ଆସିଥିଲା। ତା'ର ରୋଗର ଲକ୍ଷଣ ଦେଖି ମଂକିପକ୍ସର ସମ୍ଭାବନା ଥିବା ଆଶା କରାଯାଉଛି। ବର୍ତମାନ ତା'ର ସାମ୍ପଲ୍ ନେଇ ଯାଂଚ ପାଇଁ ପୁଣେ ପଠାଇବାକୁ ପ୍ରସ୍ତୁତି ଚାଲିଛି। ଔରଙ୍ଗାବାଦର ସିବିଲ୍ ସର୍ଜନ ସହ ମୁଖ୍ୟ ଚିକିତ୍ସା ପଦାଧିକାରୀ ଡା. କୁମାର ବୀରେନ୍ଦ୍ର ପ୍ରସାଦଙ୍କ ଅନୁଯାୟୀ ଗତକିଛି ଦିନ ପୂର୍ବରୁ ଯୁବକ ଦିଲ୍ଲୀରୁ ଔରଙ୍ଗାବାଦ ଆସିଥିଲା। ଯୁବକ ଔରଙ୍ଗାବାଦର କୁଟୁମ୍ବା ଗାଁର ଅଟେ।

## ଏଫଏମ କଲେଜ ଆଲୁମିନି ପକ୍ଷରୁ ପୁରାତନ କୀର୍ତ୍ତିରାଜି ସଂରକ୍ଷଣ ଆଲୋଚନାଚକ୍ର

ବାଲେଶ୍ୱର,୦୭/୦୮ (ନି.ପ୍ର): ଫକୀର ମୋହନ କଲେଜ ଆଲୁମିନି ପକ୍ଷରୁ 'ପୁରାତନ କୀର୍ତ୍ତିରାଜୀ ସଂରକ୍ଷଣର ଉପାଦେୟତା' ଶୀର୍ଷକ ଏକ ଆଲୋଚନାଚକ୍ର ରବିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଆଲୁମିନି ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀ ଏଥିରେ ସଭାପତିତ୍ୱ କରିଥିଲେ। ବାଲେଶ୍ୱରର ବିଶିଷ୍ଟ ଐତିହ୍ୟବିତ ଇଂ. ପ୍ରଶାନ୍ତ କୁମାର ପାଢ଼ୀ ଏଥିରେ ଯୋଗଦେଇ ବାଲେଶ୍ୱର ସମେତ ଓଡ଼ିଶାର ପୁରାତନ ଐତିହ୍ୟ ଓ କୀର୍ତ୍ତିରାଜି ସ୍ଥାପନର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର ଉପକୂଳ ଜିଲାର ଛୋଟିଆ ଏକ ବନ୍ଦର ସହରରେ ତତ୍କାଳୀନ ବିଶ୍ୱର ୩୭ରୁ ଅଧିକ ଦେଶର ବଣିକମାନେ ଯେଭଳି ଉପନିବେଶ ସ୍ଥାପନ କରିଥିଲେ, ତାହା ଭାରତବର୍ଷ ପାଇଁ ଅନନ୍ୟ ବୋଲି ସେ କହିଥିଲେ। ସେମାନଙ୍କ ଦ୍ୱାରା ବାଲେଶ୍ୱରରେ ସ୍ଥାପନ ହୋଇଥିବା ବିଭିନ୍ନ କୀର୍ତ୍ତିରାଜି ବାଲେଶ୍ୱର ପାଇଁ ଗୌରବ ହୋଇଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ପର୍ତ୍ତୁଗିଜ ଚର୍ଚ୍ଚ ଭଳି ଅନ୍ୟାନ୍ୟ ପୁରାତ କୀର୍ତ୍ତିରାଜି ନଷ୍ଟ ହେବାକୁ ବସିଛି। ସେହିଭଳି ନିମକି ରୋଡ଼, ଫରାସୀଡିଙ୍ଗା, ଡିଙ୍ଗାମାରଡିଙ୍ଗା, ଫକୀର ମୋହନ କଲେଜ ପରିସରସ୍ଥ ବ୍ରିଟିଶ ହଲ, ପରମିଟ ଫିଲ୍ଡ, ବୁଢ଼ାବଳଙ୍ଗ ପୋଲ, ପରମିଟ ଘାଟର ଇତିହାସ ସମ୍ପର୍କରେ ବର୍ତ୍ତମାନର ପିଢ଼ି ଜାଣିପାରୁ ନାହାନ୍ତି। ଜିଲାର ଛାତ୍ରଛାତ୍ରୀ ବାଲେଶ୍ୱର ଇତିହାସ ଜାଣିବା ବାବଦରେ ଉଚିତ ପଦକ୍ଷେପ ନେବାର ସମୟ ଏବେ ଉପନୀତ ହୋଇଛି। ସେହିଭଳି ପୁରାତନ କୀର୍ତ୍ତିରାଜିର ସଂରକ୍ଷଣ ମଧ୍ୟ ଏକାନ୍ତ ଆବଶ୍ୟକ ହୋଇପଡ଼ିଛି ବୋଲି ଇଂ. ପାଢ଼ୀ ମତ ପ୍ରକାଶ କରିଥିଲେ। ଆଲୁମିନି ସଭ୍ୟ ରାମ ପ୍ରସାଦ ପ୍ରଧାନ, ରାମଚନ୍ଦ୍ର ସେଠୀ, ରମାକାନ୍ତ ମହାନ୍ତି, ଭାସ୍କର ଜଟାନିଆ, ପୀତାମ୍ବର ଦାସ, ଶରତ କୁମାର ମିଶ୍ର, ସୁରେନ୍ଦ୍ର ପ୍ରସାଦ ଧଳ, ନିଖିଳ ଚନ୍ଦ୍ର ଆଶ, ପ୍ରାର୍ଥସାରଥୀ ଆଶ ପ୍ରମୁଖ ଏହି ଆଲୋଚନାଚକ୍ରରେ ଅଂଶ ଗ୍ରହଣ ସହ ଇଂ. ପାଢ଼ୀଙ୍କ ତଥ୍ୟ ସମ୍ବଳିତ ବିବରଣୀର ଗୁରୁତ୍ୱକୁ ହୃଦବୋଧ କରିଥିଲେ। ଆଗାମୀ ଦିନରେ ଏ ବାବଦରେ କୌଣସି ପଦକ୍ଷେପ ନେବା ସପକ୍ଷରେ ସେମାନେ ମତ ଦେଇଥିଲେ।

## ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ଓଡ଼ିଶା ହସ୍ତତନ୍ତ ଦ୍ରବ୍ୟ କ୍ରୟ ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କୁ ଜିଲ୍ଲାପାଳଙ୍କ ଅନୁରୋଧ

ଭଦ୍ରକ, ୦୭/୦୮ (ନି.ପ୍ର): ୧୯୦୫ ମସିହାରେ ଅଗଷ୍ଟ ୭ ତାରିଖରେ ଆରମ୍ଭ ହୋଇଥିବା ସ୍ୱଦେଶୀ ଆନ୍ଦୋଳନର ସ୍ମାରକୀ ଉଦ୍ଦେଶ୍ୟରେ ଏହି ଦିବସକୁ ଆମ ଦେଶରେ ଜାତୀୟ ହସ୍ତତନ୍ତ ଦିବସ ରୂପେ ଚୟନ କରାଯାଇଛି। ହ୍ୟାଣ୍ଡଲୁମ୍ ବୁଣାକାରମାନଙ୍କୁ ସମ୍ମାନ ଜଣାଇ ହସ୍ତତନ୍ତ ଶିଳ୍ପର ପ୍ରୋତ୍ସାହନ ପାଇଁ ପ୍ରତିବର୍ଷ ଏହି ଦିବସକୁ ଆମ ଦେଶରେ ଜାତୀୟ ହସ୍ତତନ୍ତ୍ର ଦିବସ ରୂପେ ପାଳନ କରାଯାଉଛି। ଚଳିତ ବର୍ଷ ମଧ ଏହି ଦିବସକୁ ଦେଶ ତମାମ୍ ପାଳନ କରାଯାଉଥିବା ଅବସରରେ ଆଜାଦି କି ଅମୃତ ମହୋତ୍ସବ ର ଏକ ଅଂଶ ଭାବେ ଆମ ରାଜ୍ୟରେ ମଧ ଏହା ପାଳନ କରାଯାଉଛି। ରାଜ୍ୟର ସମସ୍ତ ହସ୍ତତନ୍ତ ବୁଣାକାର ମାନଙ୍କୁ ଉତ୍ସାହିତ କରାଯିବା ଉଦ୍ଦେଶ୍ୟରେ ସବୁ ବିଭାଗର ସମସ୍ତ କର୍ମଚାରୀମାନେ ଓଡ଼ିଶା ହସ୍ତତନ୍ତ ଦ୍ରବ୍ୟ କିଣି ପରିଧାନ ପାଇଁ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ନିବେଦନ ଜାରି କରାଯାଇଛି। ସୂଚନାଯୋଗ୍ୟକି ୭ ଅଗଷ୍ଟ ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଉକ୍ତ ଦ୍ରବ୍ୟ ବିକ୍ରୟରେ ସରକାରୀ ସଂସ୍ଥାମାନଙ୍କ ଜରିଆରେ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା ପ୍ରଚଳନ କରାଯାଇଛି। ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ, ଅମ୍ଳାନ ଆଦି ସଂସ୍ଥାରୁ ଏହି ସୁବିଧା ଉପଲବ୍ଧ ହୋଇପାରିବା ନେଇ ସୂଚନା ପ୍ରଦାନ କରାଯାଇଛି। ଏହି ପ୍ରରିପ୍ରେକ୍ଷୀରେ ସରକାରଙ୍କ ନିର୍ଦ୍ଦେଶମତେ ଭଦ୍ରକ ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ କର୍ମଚାରୀ ତଥା ଜିଲ୍ଲା ପ୍ରଶାସନ ନିୟନ୍ତ୍ରଣରେ ଥିବା ବିଭିନ୍ନ ସଂସ୍ଥା, ସ୍ୱୟଂଶାସିତ, ଅଧସ୍ତନ ସଂଗଠନ ଆଦିର କର୍ମକର୍ତ୍ତାମାନଙ୍କୁ ଅବଗତ କରାଯିବା ସହିତ ଏ ସମ୍ବନ୍ଧରେ ଏହି ଖବର ପ୍ରକାଶନ ଜରିଆରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦ୍ୱାରା ଓଡ଼ିଶା ହସ୍ତତନ୍ତ ଦ୍ରବ୍ୟ କ୍ରୟ ଓ ବ୍ୟବହାର ପାଇଁ ସରକାରୀ, ବେସରକାରୀ ଏପରିକି ଜନସାଧାରଣଙ୍କ ସଚେତନତା ଉଦ୍ଦେଶ୍ୟରେ ସୂଚନା ପ୍ରଦାନ କରାଯାଇଛି।

## 'ହରଘର ତ୍ରିରଙ୍ଗା' କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଡାକମଣ୍ଡଳ ପକ୍ଷରୁ ପ୍ରଭାତ ଫେରି




ବାରିପଦା, ୦୭/୦୮ (ନି.ପ୍ର): ସ୍ୱାଧୀନତାର ୭୨ବର୍ଷ ପୂର୍ତୀ ଅବସରରେ ସାରା ଦେଶରେ "ଆଜାଦି କା ଅମୃତ" ମହୋତ୍ସବ କାର୍ଯ୍ୟକ୍ରମ ଲୁଅଛି। ଏହି ପରି ପ୍ରେକ୍ଷୀରେ ମୟୂରଭଞ୍ଜ ଡାକ ମଣ୍ଡଳ ତରଫରୁ "ହର ଘର ତ୍ରିରଙ୍ଗା"ର ବ୍ୟାପକ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏକ ପ୍ରଭାତ ଫେରି ଆୟୋଜିତ ହୋଇଥିଲା। ମୟୂରଭଞ୍ଜ ଡାକ ମଣ୍ଡଳର ଅଧିକ୍ଷକ ଶ୍ରୀ ବିଜୟ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଭାତ ଫେରିରେ ବାରିପଦା ମଣ୍ଡଳ କାର୍ଯ୍ୟାଳୟ, ମୁଖ୍ୟ ଡାକଘର ସହିତ ବାରିପଦା ସହର ଉପ-ଡାକଘର ସମସ୍ତ କର୍ମରୀ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରଭାତ ଫେରି ବାରିପଦା ମୁଖ୍ୟ ଡାକଘରୁ ବାହାରି ଟ୍ରାଫିକ ଛକ, କୃଷ୍ଣଚନ୍ଦ୍ର ଗୋଲେଇ ଅତିକ୍ରମ କରି ବଡଦାଣ୍ଡ ଦେଇ ପୁଣି ମୁଖ୍ୟ ଡାକଘରକୁ ଫେରିଥିଲେ। ଏଥିରେ ଆମ ଜାତୀୟ ସ୍ୱାଭିମାନର ପ୍ରତୀକ ଜାତୀୟ ପତାକାକୁ ବିଭାଗ ତରଫରୁ ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଇ ଦିଆଯାଇଥିଲା। ପତାକା କିଣିବା ପାଇଁ ଲୋକମାନଙ୍କ ମଧରେ ପ୍ରବଳ ଉତ୍ସାହ ଦେଖାଦେଇଥିଲା। ଏହି କାର୍ଯ୍ୟକ୍ରମକୁ ଡାକ ଅଧିକ୍ଷକ ଶ୍ରୀ ବିଜୟ କୁମାର ମହାନ୍ତି, ଉପ-ଅଧିକ୍ଷକ ଶ୍ରୀ ବସନ୍ତ କୁମାର ସିଂହ, ମୟୂରଭଞ୍ଜ ଉପଡାକ ମଣ୍ଡଳ, ଶ୍ରୀଯୁକ୍ତ ଅମିତାଭ ମିଶ୍ର, ସହକାରୀ ଶିକ୍ଷକ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଶ୍ରୀଯୁକ୍ତ ଶଶୀଧର ବିଶ୍ୱାଳ, ସହକାରୀ ଶିକ୍ଷକ ମାହାରାଣୀ ପ୍ରେମକୁମାରୀ ଉଚ୍ଚ ବିଦ୍ୟାଳୟ, ଡାକପାଳ ଶ୍ରୀ ବିଭୂଦତ୍ତ ସାହୁ, ଉପ-ଡାକପାଳ ଶ୍ରୀ ସତ୍ୟବ୍ରତ ମିଶ୍ର, ଶ୍ରୀ ଗଣେଶ୍ୱର ମହାନ୍ତି, ସୁଶାନ୍ତ କୁମାର ବେହେରା, ବିଧୁଭୂଷଣ ବେହେରା, ନୟନ ରଞ୍ଜନ ସାହୁ, ସଫଳ ପରିଚାଳନା କରିଥିଲେ। ଶେଷରେ ସମସ୍ତଙ୍କ ଜଳପାନର ବ୍ୟବସ୍ଥା କରାଯାଇଥିଲା। ପ୍ରକାଶ ଥାଉ କି, କେନ୍ଦ୍ର ସରକାରଙ୍କ ତରଫରୁ "ହରଘର ତିରଙ୍ଗା"ର ସଫଳତା ପାଇଁ ବାରିପଦା ସମସ୍ତ ଡାକଘରେ ଜାତୀୟ ପତାକା ପାଇଁ ଅଗଷ୍ଟ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ନିଜ ଘରେ ନିରବଚ୍ଛିନ୍ନ ଭାବରେ ଉଡାଇବାକୁ ଅନୁରୋଧ କରାଯାଉ ଅଛି।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର : ୯୧ ୟୁନିଟ ରକ୍ତ ସଂଗ୍ରହ

ଖଇରା, ୦୭/୦୮ (ନି.ପ୍ର): ବିଜେଡିର ୨୫ବର୍ଷ ପୂର୍ତ୍ତୀ ଅବସରରେ ବ୍ଲକ ବିଜୁ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ରବିବାର ଦିନ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳାସପୁର ହାଇସ୍କୁଲ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଗୋବିନ୍ଦପୁର ସେବା ସମବାୟ ସମିତି ସଭାପତି ରବିନ୍ଦ୍ର ବେହେରା ଓ ଜିବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ପ୍ରହଲ୍ଲାଦ ପତିଙ୍କ ସହଯୋଗରେ ୯୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ରଶ୍ମିବାଳା ବେହେରା, ସମିତି ସଭ୍ୟା ପାର୍ବତୀ ବାରିକ, ମହିଳା ଗୋଷ୍ଠୀ ସଭାପତି ସସ୍ମିତା ପାତ୍ର, ଏମବିକେ ନିର୍ମଳା ମୁଦୁଲି, ପଞ୍ଚାୟତ ସଭାପତି କାହ୍ନୁ ଚରଣ ସାହୁ, ଯୁବ ସଭାପତି ଅନନ୍ତ ପ୍ରସାଦ ବାରିକ, ବ୍ଲକ ଛାତ୍ର ଜନତା ସଭାପତି ଗୌତମ ରାଉତ, ସରୋଜ ମହାକୁଡ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

ବାଲେଶ୍ୱର, ସୋମବାର, ୦୮ ଅଗଷ୍ଟ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ବାର୍ଷିକ ସାଧାରଣ ସଭା

ବାଲେଶ୍ୱର,୦୭/୦୮ (ନି.ପ୍ର): ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ବାର୍ଷିକ ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ଚୟନ ସ୍ଥାନୀୟ ରାଜସ୍ଥାନ ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ସେବାମୂଳକ କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ସମ୍ମେଳନ ଭଳି ମାରୱାଡ଼ି ଯୁବ ମଂଚ, ମରାୱାଡ଼ି ମହିଳା ସମିତି, ମାହେଶ୍ୱରୀ ସମାଜ ପ୍ରଭୃତି ମାରୱାଡ଼ି ସଂଗଠନ ପ୍ରତିଟି କ୍ଷେତ୍ରରେ ଜରିବ ଅସହାୟଙ୍କୁ ସାହଯ୍ୟ ସହଯୋଗ କରିଆସିବା, ଅନ୍ୟମାନଙ୍କ ଉଦାହରଣ ହୋଇଛି ବୋଲି ସେ କହିଥିଲେ। ସମ୍ମେଳନର ବାଲେଶ୍ୱର ଶାଖା ସଭାପତି ରାଜେଶ ଖଣ୍ଡେଲୱାଲ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମେଳନର ସମ୍ପାଦକ ଧର୍ମେନ୍ଦ୍ର ମୋର ଏଥିରେ ବିବରଣୀ ଉପସ୍ଥାପନ କରିଥିଲେ। ଉପ-ସଭାପତି ଶିବୁ ପୋଦାର, କୋଷାଧ୍ୟକ୍ଷ ସନ୍ତୋଷ ମୋଦି ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୋଭିଡ କାଳରେ ସଂଗଠନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା କୋଭିଡ ଯୋଦ୍ଧା, ସମାଜସେବୀ, ପାରାମେଡିକାଲ ଷ୍ଟାଫ, ଚାର୍ଟାଡ଼ ଆକାଉଣ୍ଟାଣ୍ଟ, ମେଟ୍ରିକ ଓ ଯୁକ୍ତଦୁଇ ପରୀକ୍ଷାରେ ସଫଳତାର ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ଆସନ୍ତା ଦୁଇବର୍ଷ ପାଇଁ ସମ୍ମେଳନର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। କୋଭିଡ କାଳରେ ସଂଗଠନର ବିଭିନ୍ନ ସେବାମୂଳକ କାର୍ଯ୍ୟର ଏକ ବୃତଚିତ୍ର ଏଲସିଡି ମାଧ୍ୟମରେ ଏଥିରେ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମେଳନର କାର୍ଯ୍ୟକର୍ତ୍ତା ପ୍ରକାଶ ପୋଦାର ମଞ୍ଚ ପରିଚାଳନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ପୋଦାର, ମୋହିତ ପୋଦାର, ସଂଜୀବ ଅଗ୍ରୱାଲ, ମହେନ୍ଦ୍ର ସାହା, ରାଜକୁମାର ଖଣ୍ଡେଲୱାଲ, ନବଲ ଅଗ୍ରୱାଲ, ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# 'ହରଘର ତ୍ରିରଙ୍ଗା' ଅଭିଯାନ ସଫଳ ପାଇଁ ସଦର ବିଜେପିର ପ୍ରସ୍ତୁତି

ବାଲେଶ୍ୱର,୦୭/୦୮ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଆସନ୍ତା ଅଗଷ୍ଟ ମାସ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ହର ଘର ତ୍ରିରଙ୍ଗା ଅଭିଯାନର ସଫଳ ଆୟୋଜନ ସମ୍ପର୍କିତ ଏକ ବୈଠକ ବିଜେପି ସଦର ଶାଖା ପକ୍ଷରୁ ଜେଲରୋଡ଼ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ହେବାକୁ ଯାଉଥିବା ହର ଘର ତ୍ରିରଙ୍ଗା ଅଭିଯାନ ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିବା ମହାପୁରୁଷଙ୍କ ପ୍ରତି ଅନନ୍ୟ ଶ୍ରଦ୍ଧାଞ୍ଜଳି ବୋଲି ଶ୍ରୀ ଦତ୍ତ କହିଥିଲେ। ହର ଘର ତ୍ରିରଙ୍ଗା ଅଭିଯାନକୁ ଜନଆନ୍ଦୋଳନର ରୂପ ଦେବା ସହ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଅଛି। ଅଗଷ୍ଟ ୯ରୁ ବିଭିନ୍ନ ହାଟ ବଜାର, ୱାର୍ଡ ଗ୍ରାମରେ ପ୍ରଭାତ ଫେରୀ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୩ ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ସମସ୍ତ ଘର ଉପରେ ଜାତୀୟ ପତାକା ଉଡାଇବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହ ସମସ୍ତ ସରକାରୀ ଭବନ, ସରକାରୀ କର୍ମଚାରୀ ନିବାସ, ପୋଲିସ ଷ୍ଟେସନ, ଶିକ୍ଷାନୁଷ୍ଠାନ, ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ, ଆବାସୀୟ ସଂଘ, ଯୁବ ସଂଗଠନ ତଥା ଅନ୍ୟ ସାମାଜିକ ସଂସ୍ଥାମାନଙ୍କର କାର୍ଯ୍ୟାଳୟ ଉପରେ ମଧ୍ୟ ରାଷ୍ଟ୍ରୀୟ ଧ୍ୱଜା ଉଡିବ। ଏହି ଅଭିଯାନକୁ ସଂଯୋଜକ ଭାବେ ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ସହ ସଂଯୋଜକ ଭାବେ କାଉନସିଲର ରୋଜାଲିନ ପାଣି ଓ ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଅରୂପ ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଅଛି। ଏହାକୁ ସଫଳ କରିବା ପାଇଁ ଶ୍ରୀ ଦତ୍ତ ସମସ୍ତଙ୍କୁ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ସୁଷମା ବିଶ୍ୱାଳ, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଓ ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ବରିଷ୍ଠ ଆଇନଜୀବୀ ବୈଲୋଚନ ଦାଶ ଓ ବିଜୟ ପାଣିଗ୍ରାହୀ, ଲକ୍ଷ୍ମୀଧର ବେହେରା, କାଉନସିଲର ସସ୍ମିତା ନାଥ, ନିତ୍ୟଗୋପାଳ ସିଂ, ସୁଜିତ ଦେବ, ଉପେନ୍ଦ୍ରନାଥ ଶତପଥୀ, ବିଭୁପଦ ଦାସ, ଅନନ୍ତ ନାୟକ, ଲୋକନାଥ ଭୂୟାଁ, ବିବେକାନନ୍ଦ ରାଉତ, ବଳରାମ ପାତ୍ର, ସର୍ବେଶ୍ୱର ପାତ୍ର, ବିକାଶ ପାଢୀ, ହରେନ୍ଦ୍ର ପ୍ରଧାନ, ଅନନ୍ତ ନାୟକ, ରାଜେନ୍ଦ୍ର ଚାଟାର୍ଜୀ, ଚିତ୍ତରଞ୍ଜନ ଦତ୍ତ, ଅନନ୍ତ ଚାନ୍ଦ, ଶ୍ରୀୟା ଦାସ, ସୁସ୍ମିତା ସୁକ୍ଲା, ସସ୍ମିତା ଦାଶ, ମଧୁଶ୍ରୀ ପଣ୍ଡା, ସ୍ୱର୍ଣ୍ଣପ୍ରିୟା ନାଥ, ପବନ କମିଳା, ନିତିନ ଦାସ, ମନ୍ମଥ ପାତ୍ର, ଦିଲ୍ଲୀପ ମାଝୀ, ପ୍ରତାପ ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀର ଜନଗହଳି ଅଂଚଳ ବମିଖାଲ ଜଳବନ୍ଦୀରେ



ଭୁବନେଶ୍ୱର, ୦୭/୦୮ (ନି.ପ୍ର): ରାଜଧାନୀର ପ୍ରମୁଖ ଜନଗହଳି ଅଂଚଳ ତଥା ବମିଖାଲ ୩୧ ନମ୍ବର ୱାର୍ଡ ଜଳବନ୍ଦୀ ଯୋଗୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସାମାନ୍ୟ ବର୍ଷା ହେଲେ ଉକ୍ତ ଜଳମଗ୍ନ ହେବା ସହିତ ଜନସାଧାରଣ ତଥା ଯାନବାହାନ ଭାରିମାତ୍ରାରେ ପ୍ରବାହିତ ହୋଇଥିବା ଦେଖିବାକୁ ମିଳିଥିଲା । ତେବେ ଏହି ବର୍ଷା ଯୋଗୁଁ ରସୁଲଗଡ଼ ଛକସ୍ଥିତ ଏସ୍ପ୍ଲାନାଦେ ମଲ ଠାରୁ ବମିଖାଲସ୍ଥିତ ଏକାମ୍ର ସିନେମା ହଲ୍ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଜଳମଗ୍ନ ହେବା ସହ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ଜନସାଧାରଣଙ୍କୁ ହେବାକୁ ପଡ଼ିଥିଲା । ପ୍ରାୟ ଅଢ଼େଇ ଘଂଟା ଧରି ବର୍ଷା ଲାଗି ରହିବା ଫଳରେ ଟ୍ରାଫିକ୍ ସମସ୍ୟା ସାଙ୍ଗକୁ ଜଳବନ୍ଦୀରେ ଲୋକେ ରହିଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ । ବମିଖାଲରେ ଡ୍ରେନେଜ ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଜନସାଧାରଣ ଭୁବନେଶ୍ୱର ମହାନଗର ନିଗମକୁ ବହୁବାର ଅବଗତ କରାଇଥିଲେ ମଧ କୌଣସି ସମାଧାନ ଏପର୍ଯ୍ୟନ୍ତ ହୋଇପାରିଲା ନାହିଁ । ସ୍ଥାନୀୟ ଅଂଚଳର ବାସିନ୍ଦା ତଥା ମୁଖପାତ୍ର ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅରବିନ୍ଦ ତ୍ରିପାଠୀ, ସମାଜସେବୀ ବାବାଜୀ ମହାରଣା, ଡ. ଭ୍ରମରବର ପ୍ରଧାନ ମତବ୍ୟକ୍ତ କରିଥିଲେ ଯେ, ଦୀର୍ଘ ବର୍ଷ ହେଲା ବମିଖାଲ ଅଂଚଳଟି ସାମାନ୍ୟ ବର୍ଷାରେ ବୁଡ଼ିଯାଉଛି । ସାଧାରଣ ଲୋକେ, ରୋଗୀ ଏବଂ କର୍ମକ୍ଷେତ୍ରକୁ ଗଲାବେଳେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେବେ ଏହାର ଆଶୁ ସମାଧାନ କରାଯିବ ସେ ଦିଗରେ ସରକାର ବିହିତ ପଦକ୍ଷେପ ନେବେ ବୋଲି କହିଥିଲେ । ଅଧିକାଂଶ ଗାଡ଼ିଗୁଡ଼ିକ ସଂପୂର୍ଣ୍ଣ ପାଣି ଭିତରେ ଲୋକମାନେ ଚଳାଇ ଯାଉଥିବା ଦେଖାଯାଇଥିବାବେଳେ କେବେ ଏହାର ସମାଧାନ କରାଯିବ ତାହା ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଶ୍ରୀକ୍ଷେତ୍ରରେ ଝୁଲଣ ଯାତ୍ରା : ଝୁଲଣ ଦୋଳିରେ ଝୁଲିଲେ ରାଧାକୃଷ୍ଣ

ପୁରୀ,୦୭/୦୮ (ନି.ପ୍ର): ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରରେ ଆଜି ଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ସୁସଜ୍ଜିତ ଝୁଲଣ ଦୋଳିରେ ରାଧାକୃଷ୍ଣ ଝୁଲୁଛନ୍ତି । ସାତଦିନ ଏହି ଝୁଲଣ ଯାତ୍ରା ଶ୍ରୀମନ୍ଦିର ସମେତ ମଠବାଡ଼ିରେ ପାଳିତ ହେଉଛି । ଶ୍ରୀମନ୍ଦିର ମୁକ୍ତିମଣ୍ଡପ ତଳେ ଆକର୍ଷଣୀୟ ସାଜସଜ୍ଜା କରିବା ସହ ଝୁଲଣ କୁଞ୍ଜରେ ମଦନମୋହନ ରହାସ କରିବେ । ଏହି ରାହସକୁ ଶରତ ରାସ କହନ୍ତି । ଝୁଲଣ କୁଞ୍ଜକୁ ଆକର୍ଷଣୀୟ କରିବା ପାଇଁ ଜରି ଜମୁରା, ସୋଲ.ରଙ୍ଗ ଓ ନୂଆ କନା ବ୍ୟବହାର କରାଯାଇଛି । କୁଞ୍ଜ ଚାରିପଟେ ପଶୁପକ୍ଷୀ, ଗଛଲତା, ସୁବାସିତ ଫୁଲ ଓ ଫଳମୂଳ ସ୍ଥାନ ପାଇଛି । ଗତ ଦୁଇବର୍ଷ ଧରି କରୋନା କଟକଣା ଯୋଗୁ ଭକ୍ତ ଝୁଲୁଣ ଦର୍ଶନ କରିପାରୁନଥିବା ବେଳେ ଚଳିତବର୍ଷ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଝୁଲଣ କୁଞ୍ଜ ଚାରିପଟେ ରଙ୍ଗୀନ ଆଲୋକମାଳାରେ ଝଲସୁଛି । ଓଡ଼ିଶୀ, ଗୋଟିପୁଅ ଓ ମାହାରୀ ନୃତ୍ୟ ସହ ଭଜନ, ପାଲା, ଦାସକାଠିଆ ପରିବେଷଣ କରାଯାଇଛି । ଏମାରମଠ, ଶ୍ରୀଜଗନ୍ନାଥ ବଲ୍ଲଭ ମଠ,ବଡ଼ ଓଡ଼ିଆ ମଠ, ଜୀୟରସ୍ୱାମୀ ମଠ, ରାଧାକାନ୍ତ ମଠ, ସିଦ୍ଧବକୁଳ ମଠ, ମାତା ମଠ, ଶ୍ୟାମକୁଞ୍ଜ ମଠ, ଝାଞ୍ଜପିଠା ମଠ, ତୋଟା ଗୋପୀନାଥ ମଠ, ବଡ଼ଛତା ମଠ, ପାପୁଡ଼ିଆ ମଠ ଆଦିରେ ଝୁଲଣ ଯାତ୍ରା ପାଇଁ ଦର୍ଶନାର୍ଥୀଙ୍କ ଭିଡ଼ ଲାଗି ରହିଛି ।

# ଆଜାଦି କି ଅମୃତ ମହୋତ୍ସବ ଓ ହରଘର ତ୍ରିରଙ୍ଗା ପାଇଁ ପ୍ରସ୍ତୁତି



ଖଇରା, ୦୭/୦୮ (ନି.ପ୍ର): ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜାଦି କି ଅମୃତ ମହୋତ୍ସବ ଓ ହରଘର ତ୍ରିରଙ୍ଗା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଇଂ ରାଜେଶ ମହାକୁଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ବ୍ଲକର ତୁଡିଗଡିଆ ମଣ୍ଡଳ କାର୍ଯ୍ୟାଳୟ ରେ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ମଣ୍ଡଳ ସଭାପତି ମହେଶ୍ୱର ନାଥ, ସମ୍ପାଦକ ଲକ୍ଷ୍ମୀକାନ୍ତ ସାହୁ, ରମାକାନ୍ତ ପାଢୀ, ଯୁବ ସଭାପତି ବୈକୁଣ୍ଠ ସାମଲ,ପ୍ରାକ୍ତନ ସରପଞ୍ଚ ସୁରେନ୍ଦ୍ର ପ୍ରସାଦ ନାୟକ, କୁରୁଣ୍ଟା ସରପଞ୍ଚ ରଘୁନାଥ ଜେନା, ଡାଲଙ୍ଗ ସରପଞ୍ଚ ଅଜୟ ନାୟକ,ସମିତିସଭ୍ୟା କମଳିନୀ ମାଝୀ, ଅଭିମନ୍ୟୁ ବେହେରା, ଦାମୋଦର ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଚୁଡାନ୍ତ କାର୍ଯ୍ୟର ନକ୍ସା ପ୍ରସ୍ତୁତ କରାଯାଇଥିଲା । ୧୧ତାରିଖରେ ସମସ୍ତ ପଞ୍ଚାୟତର ଘରେ ଘରେ ତ୍ରିରଙ୍ଗା ବଣ୍ଟନ ସହ ରାକ୍ଷି ବାନ୍ଧିବା, ୧୪ତାରିଖରେ ତୁଡିଗଡିଆ ଶହୀଦ ସ୍ତମ୍ଭ ନିକଟରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ପରେ ବିଶାଳ ତ୍ରିରଙ୍ଗା ସହ ପଞ୍ଚାୟତ ପରିକ୍ରମା ସହ ବିଭିନ୍ନ ବିଦ୍ୟାଳୟରେ ତ୍ରିରଙ୍ଗା ସହ ମିଷ୍ଟାନ୍ନ ବଣ୍ଟନ ପରେ ୧୫ତାରିଖରେ ମହୋତ୍ସବ କୁରୁଣ୍ଟା ପଞ୍ଚାୟତ କାଳିଆ ପଡିଆ ରେ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ଗାନ୍ଧୀ ଶିଳ୍ପ ବଜାର-୨୦୨୨ ଉଦ୍‌ଘାଟିତ

ଭୁବନେଶ୍ୱର,୦୭/୦୮ (ନି.ପ୍ର): ଓଡିଶା ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧିନସ୍ଥ ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ଦ୍ୱାରା ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ନୂଆଦିଲ୍ଲୀ ଭାରତ ସରକାରଙ୍କ ଆର୍ଥିକ ସହାୟତାରେ ୧୦ ଦିନ ବ୍ୟାପୀ ଏକ ସର୍ବଭାରତୀୟ ସ୍ତରର ପ୍ରଦର୍ଶନୀ ଏକାମ୍ର ହାଟ ପରିସରରେ ଆୟୋଜିତ ହେଉଛି । ଏଥିରେ ସର୍ବଭାରତୀୟ ସ୍ତରର ୧୬ଟି ରାଜ୍ୟରୁ ୧୦୦ ଜଣ ଶିଳ୍ପୀ/ହସ୍ତଶିଳ୍ପ କାରିଗର ଭାଗ ନେଇ ସେମାନଙ୍କ ଦ୍ୱାରା ଉପାଦିତ ସାମଗ୍ରୀମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ବିକ୍ରୟ କରୁଛନ୍ତି । ଏହି ମେଳାରେ ପଞ୍ଜାବ, ରାଜସ୍ଥାନ, ଛତିଶଗଡ, ଉତ୍ତରପ୍ରଦେଶ, ଝାରଖଣ୍ଡ, ପଶ୍ଚିମବଙ୍ଗ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ସିଗିମ, ହରିୟଣା, ଦିଲ୍ଲୀ, ଜାମ୍ମୁ ଓ କାଶ୍ମୀର, ତେଲେଙ୍ଗାନା, ଉତ୍ତରାଖଣ୍ଡ ଏବଂ ଓଡିଶାରୁ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ଓ ହସ୍ତତନ୍ତ ଯଥା ପଥର ଖୋଦେଇ, କାଠ ଖୋଦେଇ, ସବାଇ ଘାସ, ଗୋଲ୍‌ଡେନ ଗ୍ରାସ ଶିଳ୍ପ, କେଞ୍ଛଇ, ଚାନ୍ଦୁଆ, ପଟ୍ଟଚିତ୍ର, ରୁପା ତାରକସୀ, ଆଦିବାସୀ ଜୁଏଲାରୀ, ଶିଙ୍ଘ, ବାଉଁଶ ବେତ, କତା ଶିଳ୍ପ, ଶୀତଳପଟ୍ଟି, ତାଳପତ୍ର ଖୋଦେଇ, ଲାଖ, ଶାମୁକା, ରାଜସ୍ଥାନୀ ଚିତ୍ରଶିଳ୍ପ, ମଧୁବଣୀ ଚିତ୍ର, କାର୍ପେଟ, ଲୌହ ଶିଳ୍ପ, ଫୁଲକାରୀ, ଚମଡା ସାମଗ୍ରୀ, ଢୋକ୍ରା, ଜରୀ କାମ, କଂସା ଓ ପିତ୍ତଳ, ସିଗି କ୍ରାଫଟ, ମଦୁର କାଠି, ଟେରାକୋଟା ଭଳି ୩୦ରୁ ଉର୍ଦ୍ଧ୍ୱ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ଓ ବିକ୍ରୟ ହେଉଛି ।

# ଗୋଟିଏ ଦିନରେ ୭୩୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୭/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୩୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୧୮୮୭୫କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୩୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୦୩୮୨୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୮୫୧ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪୨୭ ଜଣ ସଂଗରୋଧରୁ ଓ ୩୦୩ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୪, ବାଲେଶ୍ୱର ଜିଲ୍ଲାରେ ୮, ବରଗଡ ଜିଲ୍ଲାରେ ୩୭, ଭଦ୍ରକ ଜିଲ୍ଲାରେ ୩, ବଲାଙ୍ଗୀର ଜିଲ୍ଲାରେ ୧୭ ବୌଦ୍ଧ ଜିଲ୍ଲାରେ ୩, କଟକ ଜିଲ୍ଲାରେ ୧୮ . ଦେବଗଡ, ଜିଲ୍ଲାରେ ୬, ଗଜପତି ଜିଲ୍ଲାରେ ୬ , ଗଂଜାମ ଜିଲ୍ଲାରେ ୯, ଜଗତସିଂହପୁର ଜିଲ୍ଲାରେ ୪,ଯାଜପୁର ଜିଲ୍ଲାରେ ୧୫, ଝାରସୁଗୁଡା ଜିଲ୍ଲାରେ ୧୨, କଳାହାଣ୍ଡି ଜିଲ୍ଲାରେ ୩୪, କନ୍ଧମାଳ ଜିଲ୍ଲାରେ ୧୬, ସୁନ୍ଦରଗଡ ଜିଲ୍ଲାରେ ୧୫୭ ଓ ଷ୍ଟେଟ ପୁଲରେ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଜାତୀୟ ହସ୍ତତନ୍ତ ଦିବସ ପାଳିତ : ମୟୂରଭଞ୍ଜର ସୀତା ଓ ସସ୍ମିତାଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା




ଉଦଳା, ୦୭/୦୮ (ନି.ପ୍ର): ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ନାବାର୍ଡ ପକ୍ଷରୁ ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମଉନ ଧ୍ୱନି ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା ବିନ୍ଦୁ ବିନୋଦଙ୍କ ସହ ଏଠାରେ ହସ୍ତତନ୍ତ ପ୍ରଶିକ୍ଷଣ ନେଇ ସ୍ୱାବଲମ୍ବୀ ହୋଇଥିବା କୁଶଳୀ ବୁଣାକାର ମହିଳା ମାନଙ୍କ ମଧ୍ୟରୁ ସୀତା ମୁର୍ମୁ ଏବଂ ସସ୍ମିତା ପାତ୍ର ସମ୍ମାନିତ ହୋଇ ମୟୂରଭଞ୍ଜ ପାଇଁ ଗୌରବ ଆଣିଛନ୍ତି । ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମାନପତ୍ର ଓ ଉପଢ଼ୌକନ ଦେଇ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରକାଶ ଥାଉକି ୨୦୧୮ ମସିହାରୁ ମଉନ ଧ୍ୱନି ଫାଉଣ୍ଡେସନ୍ ଚୁଲିଆପୋଷି ଗ୍ରାମରେ ମହିଳା ମାନଙ୍କୁ ହସ୍ତତନ୍ତ ପ୍ରଶିକ୍ଷଣ ତାଲିମ ପ୍ରଦାନ କରି ଆସୁଅଛି ।

# ମହିଳା କଲେଜରେ ଆଜାଦିକା ଅମୃତ ମହୋତ୍ସବ ସପ୍ତାହ ପାଳିତ



ଜଳେଶ୍ୱର, ୦୭/୮(ନି.ପ୍ର): ସମଗ୍ର ଦେଶରେ ସ୍ୱାଧିନତାର ୭୫ବର୍ଷ ପୂର୍ତ୍ତୀ ଅବସରରେ ଆଜାଦିକା ଅମୃତ ମହୋତ୍ସବ ପାଳନ ହେଉଥିବାରୁ ଜଳେଶ୍ୱରରେ ତାହା ପ୍ରତିଫଳିତ ହୋଇଛି । ଶନିବାର ଜଳେଶ୍ୱର ସହର ଓ ସହର ତଳି ଅଂଚଳର ବିଭିନ୍ନ ବିଦ୍ୟାଳୟରେ ଅମୃତ ମହୋତ୍ସବ ସମିତି ପକ୍ଷରୁ ଏହି ଉତ୍ସବ ପାଳିତ ହୋଇଛି । ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦେ ପୌରହିତ୍ୱ କରିଥିଲେ । ସ୍ୱାଧିନତାର ଇତିହାସ ଓ ସାମ୍ପ୍ରତିକ ପରିସ୍ଥିତିକୁ ଆଧାର କରି ମହାବିଦ୍ୟାଳୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ସାହୁ ଯୋଗ ଦେଇ ସ୍ୱାଧିନତା ମନୁଷ୍ୟର ଜନ୍ମଗତ ଅଧିକାର ହୋଇଥିବାରୁ ରାଷ୍ଟ୍ରିୟ ଚେତନା ଓ ସଂକଳ୍ପ ମାଧ୍ୟମରେ ସ୍ୱାଧିନାର ସମ୍ବର୍ଦ୍ଧନା କରାଯାଇ ପାରିବ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଇନ୍ଦୁମତି ଗିରି, ସଂଗ୍ରାମ ପଟ୍ଟନାୟକ, ଦିଲ୍ଲିପ କୁମାର ଘୋଷ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଆଲୋଚନାଚକ୍ରରେ କୃତିତ୍ୱ ଅର୍ଜନ କରିଥିବା ଲିପ୍‌ସାରାଣୀ ଦାସ, ପୂଜା ଦାସ, ସଂଗୀତା ପାତ୍ର, ପୁରବି ସାମଲ, ସଂଗୀତା ସାହୁ, ଶୁଭଶ୍ରୀ ବେହେରା, ଦିପିକା ପାତ୍ର, ରାଜେଶ୍ୱର ମହାପାତ୍ର, ରାସମଣି ମହାଳିକ ଓ ଶୁଭଲକ୍ଷ୍ମୀ ଆଚାର୍ଯ୍ୟଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିଥିଲା । ଗତ ୬ ତାରିଖରେ ଜଳେଶ୍ୱରର ସହରର ୧୧ଟି ବିଦ୍ୟାଳୟରେ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ କୃତି ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା କମିଟିର ସଭାପତି ରମାକାନ୍ତ ଭଂଜ, ଆବାହକ ଶୁଭ୍ରାଂଶୁ ସେଖାର ମହାପାତ୍ର, ଡ. ଅଜିତ୍ ମହାନ୍ତି ଓ ଲେଲିନ୍ ପ୍ରଧାନ ପ୍ରମୁଖ କହିଛନ୍ତି ।

# ବହୁଜନ ସମାଜ ପାର୍ଟି ଭଦ୍ରକ ଲୋକସଭା ଦ୍ୱାରା ରାଜ୍ୟସ୍ତରୀୟ ବୁଦ୍ଧିଜୀବୀ ମହାସମ୍ମିଳନୀ -୨୦୨୨




ଭଦ୍ରକ,୦୭/୦୮ (ନି.ପ୍ର): ବହୁଜନ ସମାଜ ପାର୍ଟି ଭଦ୍ରକ ଲୋକସଭା ଦ୍ୱାରା ରାଜ୍ୟସ୍ତରୀୟ ବୁଦ୍ଧିଜୀବୀ ମହାସମ୍ମିଳନୀ - ୨୦୨୨ ଭଦ୍ରକ ଲୋକସଭାସ୍ଥ ଭଦ୍ରକ ବିଧାନସଭା ଅନ୍ତର୍ଗତ ଶହୀଦ୍ ସ୍ମୃତି ଭବନ(ଟାଉନ ହଲ) ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୁଦ୍ଧିଜୀବୀ ରାଜ୍ୟସ୍ତରୀୟ ମହାସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ମହାସଚିବ ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ଓ ଏମ୍ଏଲ୍‌ସି (ଉ.ପ.) ଓ ଓଡ଼ିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରର ମୁଖ୍ୟ ପ୍ରଭାରୀ ମାନ୍ୟବର ଧରମବୀର ସିଂ ଅଶୋକ (ଆଇନଜୀବୀ), ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭାପତି ମାନ୍ୟବର ଟଙ୍କଧର ବାଗ, ରାଜ୍ୟ ସଭାପତିଙ୍କ ସହିତ ରାଜ୍ୟ କମିଟିର ରାଜ୍ୟ ସଂଯୋଜକ ଆଇନଜୀବୀ ସୁବ୍ରତ ସାମଲ, ଚମ୍ପାଲାଲ ତୁନଗରିଆ, ରାଜ୍ୟ ମହାସଚିବ ମାନ୍ୟବର ମଧୁସୂଦନ ଯାଦବ, ରାଜ୍ୟ ସଚିବ ବିଭୁତି ଭୂଷଣ ମାଝୀ, ପୂର୍ବତନ ସଭାପତି ଆଇନଜୀବୀ ରଞ୍ଜନ ମଲ୍ଲିକ ଯୋଗ ଦେଇଥିଲେ। ରାଜ୍ୟର ଅନ୍ୟତମ ସଚିବ ଓ ଭଦ୍ରକ ଲୋକସଭାର ଇନ୍‌ଚାର୍ଜ ଆଇନଜୀବୀ ଅର୍ଜୁନ ଚରଣ ମଲ୍ଲିକ ସମ୍ମାନିତ ଅତିଥି ଓ ସଭା ପରିଚାଳନା କରିଥିଲେ। ଉକ୍ତ ରାଜ୍ୟସ୍ତରୀୟ ସମ୍ମିଳନୀରେ ରାୟଗଡ଼ା ଜିଲ୍ଲାର ଧୀମାନ ଜିତୁ ଯାକାସିକା, ସମ୍ବଲପୁର ଜିଲ୍ଲାର ଆଇନଜୀବୀ ଦିଲ୍ଲିପ ସିଂ, ରାଜନ ତନ୍ତୀ, କାର୍ତ୍ତିକ ଘୁଘୁର, ନୂଆପଡ଼ାର ସଂଗ୍ରାମୀ କୁନ୍ତି ସାହୁ, ବରଗଡ଼ରୁ ନାରାୟଣ ବେସ୍ରା, ପ୍ରମୋଦ ଲୋହର, ଭୁବନେଶ୍ୱରର ଧୀମାନ ସୁଧୀର ନାୟକ, ଆଇନଜୀବୀ ଭୁକୁନା ସାମଲ, ଗଂଜାମରୁ ରାମହରି ବେହେରା, ରାଜ୍ୟ ଅଫିସ ସଚିବ ଗାନ୍ଧି ମହାନନ୍ଦିଆ ତଥା ଅନ୍ୟାନ୍ୟ ଜିଲ୍ଲା କର୍ମୀମାନଙ୍କ ସହ ଭଦ୍ରକ ଲୋକସଭାସ୍ଥ ଭଦ୍ରକ ଜିଲ୍ଲା କମିଟିର ସମସ୍ତ କର୍ମକର୍ତ୍ତାମାନଙ୍କ ଜିଲ୍ଲା ସଭାପତି ଇଂ ଅନୁରାଗ ମଲ୍ଲିକ, ଜିଲ୍ଲା ସଂଯୋଜକ ପଞ୍ଚାନନ ଯେନା, ଜିଲ୍ଲା ଉପସଭାପତି ଧୀମାନ ସୁବାସ ଚନ୍ଦ୍ର ଜେନା, ଭଦ୍ରକ ବିଧାନସଭାରୁ ରିଆଜୁଦ୍ଦିନ ଖାଁ, ନିତ୍ୟାନନ୍ଦ ନାଥ, ପ୍ରଫୁଲ୍ଲ ଯେନା, ବାସୁଦେବପୁରର ପ୍ରଫୁଲ୍ଲ ମଲ୍ଲିକ, ଚନ୍ଦ୍ରକାନ୍ତ ମହାଳିକ, ସୁରେନ୍ଦ୍ର ମଲ୍ଲିକ, ଧାମନଗର ବିଧାନସଭାର ମାଧବାନନ୍ଦ ମଲ୍ଲିକ, ସରୋଜ ମହାଳିକ, ଭଣ୍ଡାରିପୋଖରୀ ବିଧାନସଭାରୁ ଶିବସୁନ୍ଦର ଯେନା, ବିଦ୍ୟାଧର ଯେନା, କୃଷ୍ଣଚନ୍ଦ୍ର ଯେନା, ସିମୁଳିଆ ବିଧାନସଭାରୁ ଗଜେନ୍ଦ୍ର ଯେନା, ପୃଥ୍ୱୀରାଜ ଦାସ, ପରମେଶ୍ୱର ମଲ୍ଲିକ, ସୋର ବିଧାନସଭାର ପ୍ରକାଶ ଚନ୍ଦ୍ର ମଲ୍ଲିକ, ଯଦୁନାଥ ମଲ୍ଲିକ ପ୍ରମୁଖ ବହୁ ଆଗଧାଡିର କର୍ମୀ ଯୋଗ ଦେଇଥିଲେ। ବୈଠକରେ ବାସୁଦେବପୁରର ଅହଲ୍ୟା ମଲ୍ଲିକ, ରଞ୍ଜୁଲତା ନାୟକ, ଭଣ୍ଡାରିପୋଖରୀର କଣ୍ଢେଇ ଯେନା ସମତେ ବହୁ ମହିଳା ଯୋଗ ଦେଇଥିଲେ।

# ମୁଣ୍ଡାରୀ ଭାଷାକୁ ସାମ୍ବିଧାନୀକ ସ୍ୱୀକୃତି ଦାବିରେ ଦିଲ୍ଲୀ ଯାତ୍ରା




ବାରିପଦା, ୦୭/୦୮ (ନି.ପ୍ର): ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନୀତ କରିବାପାଇଁ ଦୀର୍ଘ ବର୍ଷ ଧରି ଆନ୍ଦୋଳନ ଚାଲି ଆସିଥିବା ବେଳେ, ଚଳିତ ମାସ ୮ ତାରିଖ ନୂଆଦିଲ୍ଲୀର ଜନ୍ତରମନ୍ତର ଠାରେ ମୁଣ୍ଡାରୀ ଭାଷା ଆନ୍ଦୋଳନ ଆୟୋଜନ ହେଉଥିବାରୁ ସାରା ଭାରତ ବର୍ଷର ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ମୁଣ୍ଡାରୀ ଭାଷାଭାଷୀ ଲୋକମାନେ ଏହି ଆନ୍ଦୋଳନରେ ଯୋଗ ଦେବେ ବୋଲି ସୂଚନା ମିଳିଛି । ଏଥିପାଇଁ ମୟୂରଭଂଜ ଜିଲ୍ଲାରୁ ଶତାଧିକ ମୁଣ୍ଡା ସମ୍ପ୍ରଦାୟର ଲୋକମାନେ ମୁଣ୍ଡା ଆଦିବାସୀ ଯୁବ ସଂଗଠନ ନେତୃତ୍ୱରେ ଆଜି ଦିଲ୍ଲୀ ଗସ୍ତ କରିଛନ୍ତି । ସେଠାରେ କେନ୍ଦ୍ର ଆଦିବାସୀ ବିଭାଗ ମନ୍ତ୍ରୀ, ଗୃହ ମନ୍ତ୍ରୀ ସମେତ ପ୍ରଧାନମନ୍ତ୍ରୀ ଓ ମହାମହିମ ରାଷ୍ଟ୍ରପତିଙ୍କ ସହିତ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ମଧ ରହିଛି । ରାଜ୍ୟ ସରକାର ମୁଣ୍ଡାରୀ ଭାଷାକୁ ସ୍ୱିକୃତି ପ୍ରଦାନ ପାଇଁକେନ୍ଦ୍ର ସରକାରଙ୍କ ନିକଟକୁ ସୁପାରିଶ କରି ସାରିଥିବା ବେଳେ ଅଦ୍ୟାବଧି ଏହାର କୌଣଷି ନିଷ୍କର୍ଷ ବାହାରି ପାରିନାହିଁ । ତେଣୁ ନିଜ ଭାଷାର ହକ ପାଇଁ ଆଜି ଭାରତ ମୁଣ୍ଡା ସମାଜ, ମୁଣ୍ଡାରୀ ସମାଜ ସାମାର ଜମଡା, ଓମସା , ମୁଣ୍ଡାରୀ ୟୁଥ ଏସୋସିଏସନ , ଶାଗାଳ ସାଙ୍ଗାମ ତଥା ଅନ୍ୟାନ୍ୟ ସମସ୍ତ ମୁଣ୍ଡାରୀ ସଂଗଠନ ଏକତ୍ରିତ ହୋଇ ଏହି ଆନ୍ଦୋଳନକୁ ଏକ ନୂତନ ରୁପରେଖ ଦେବାପାଇଁ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି । ଆଜି ସାରା ଦେଶରେ ଆଦିବାସୀ ମାନେ ଶିକ୍ଷା ଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ଅଗ୍ରାଧିକାର ପାଉଥିବା ବେଳେ ମୁଣ୍ଡାରୀ ଭାଷା ପ୍ରତି ଅନ୍ୟାୟ ହୋଇ ଥିବା ଅଭିଯୋଗ ସହ ବାରମ୍ବାର ଦାବି ସତ୍ୱେ ମଧ ସରକାରଙ୍କ ଦୋମୁହାଁ ନୀତିକୁ ଆଗାମୀ ଦିନରେ ଉଚିତ ଜବାବ ଦିଆଯିବ ବୋଲି ଆଜି ଦିଲ୍ଲୀ ଯାତ୍ରା କରୁଥିବା ବିଭିନ୍ନ ମୁଣ୍ଡାରୀ ସମାଜର ବିଭିନ୍ନ ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ପୂର୍ବାହ୍ନରେ ବିଭିନ୍ନ ମୁଣ୍ଡାରୀ ସଂଗଠନର ସଦଶ୍ୟ ମାନେ ରଙ୍ଗାମାଟିଆ ଠାରେ ଥିବା ମୁଣ୍ଡାରୀ ଭାଷା (ମୁଣ୍ଡାରୀ ବାନୀ) ର ଲିପିସ୍ରଷ୍ଟା ଅଲଗୁରୁ ପଣ୍ଡିତ ରୋହିଦାସ ସିଂ ନାଗ ଙ୍କ ପ୍ରତିମୂର୍ତ୍ତୀ ଏବଂ ପୋଡା ଅସ୍ତିଆ ଛକ ଠାରେ ଥିବା ଭଗବାନ ବିର୍ଷା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପୂର୍ବକ ଦିଲ୍ଲୀ ଯାତ୍ରା ଆରମ୍ଭ କରିଥିବାର ଜଣା ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo